# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 42 •ISSUE-194 •BHUBANESWAR •THURSDAY •9 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୧୯୪ •ଭୁବନେଶ୍ୱର •ଗୁରୁବାର •୯ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦




'ସ୍କାଏ ଫୋର୍ସ'ରେ ଅକ୍ଷୟ

▶ଭିତର ପୃଷ୍ଠାରେ ...


DADLS-80

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର

DIASPORA'S CONTRIBUTION TO A VIKSIT BHARAT



## ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହ

୧୮ତମ

**ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ**
ଏବଂ
**ପ୍ରସଙ୍ଗ ଆଧାରିତ ପ୍ରଦର୍ଶନୀ**

### ବିଶେଷ କାର୍ଯ୍ୟକ୍ରମ

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ଏକ୍ସପ୍ରେସର ରିମୋଟ୍ ମାଧ୍ୟମରେ ଶୁଭାରମ୍ଭ ଏବଂ ପ୍ରମୋସନାଲ ଷ୍ଟଲ୍ ପରିଦର୍ଶନ

### ପ୍ରଦର୍ଶନୀ

- ବିଶ୍ୱରୂପ ରାମ : ରାମାୟଣର ସାର୍ବଜନୀନତା
- ପ୍ରଯୁକ୍ତି ଜ୍ଞାନକୌଶଳ କ୍ଷେତ୍ରରେ ପ୍ରବାସୀଙ୍କ ଅବଦାନ
- ଓମାନ ସଂଗ୍ରହର ପ୍ରଦର୍ଶନ - ଭାରତ ଭାରତୀୟ: ସ୍ୱଦେଶ ପରଦେଶ- ଐତିହ୍ୟର ଅଭିଲେଖ ଆଧାରିତ ପ୍ରଦର୍ଶନୀ

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ମୁଖ୍ୟ ଅତିଥି
**ଶ୍ରୀମତୀ କ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ**
ମହାମହିମ ରାଷ୍ଟ୍ରପତି, ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟ

ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପତି** ରାଜ୍ୟପାଳ, ଓଡ଼ିଶା
**ଶ୍ରୀ ମୋହନ ଚରଣ ମାଝୀ** ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଡ. ଏସ୍. ଜୟଶଙ୍କର** କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ** କେନ୍ଦ୍ରମନ୍ତ୍ରୀ
**ଶ୍ରୀ ପ୍ରହ୍ଲାଦ ଯୋଶୀ** କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଜୁଏଲ ଓରାମ** କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଅଶ୍ୱିନୀ ବୈଷ୍ଣବ** କେନ୍ଦ୍ରମନ୍ତ୍ରୀ
**ଡ. ମନସୁଖ ମାଣ୍ଡବ୍ୟ** କେନ୍ଦ୍ରମନ୍ତ୍ରୀ
**ସୁଶ୍ରୀ ଶୋଭା କାରାନ୍ଦଲାଜେ** କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ** କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ ପବିତ୍ର ମାର୍ଗେରିଟା** କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ** ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀମତୀ ପ୍ରଭାତୀ ପରିଡ଼ା** ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



**୯ ଜାନୁଆରୀ, ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା**
ଅତିଥି ଏବଂ ପ୍ରତିନିଧିମଣ୍ଡଳୀଙ୍କୁ ସକାଳ ୮.୩୦ ସୁଦ୍ଧା ଆସନ ଗ୍ରହଣ କରିବାକୁ ଅନୁରୋଧ

ଅତିଥି ଦେବୋ ଭବ

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR-15001/13/0358/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଅନୀଲ ଓ ହଂସିତାଙ୍କୁ ଘାଣ୍ଟୁଛି ଆୟକର ବିଭାଗ

■ ଦ୍ୱିତୀୟ ଦିନରେ ବି ଆୟକର ଚଢ଼ଉ ଜାରି
■ ଖଣ୍ଡଗିରିରୁ ଧରାପଡ଼ିଲେ ହଂସିତାଙ୍କ ସ୍ୱାମୀ
■ ଆଜିଠୁ ଦିନିକିଆ ରିମାଣ୍ଡରେ ଦୁଇ ମହାଠକ

**ଭୁବନେଶ୍ୱର/ବାଲିଗୁଡ଼ା,୮ ।୧(ସମିସ):** ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ-ଜ୍ୱାଇଁର ପରିଚୟ ଦେଇ ଗିରଫ ହୋଇଥିବା ହଂସିତା ଅଭିଲିପ୍ସା ଓ ତାଙ୍କର ବନ୍ଧୁ ଅନୀଲ ମହାନ୍ତିଙ୍କ କାରସାଦିକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଦ୍ୱିତୀୟ ଦିନରେ ଆୟକର ବିଭାଗ ଓ କମିସନରେଟ ପୁଲିସର



ମିଳିତ ଟିମ୍ ଚଢ଼ଉ ଜାରି ରଖିଛନ୍ତି । ହଂସିତା ଓ ଅନୀଲ ରହୁଥିବା ରଘୁନାଥପୁର ସ୍ଥିତ ଆପାର୍ଟମେଣ୍ଟର ଫ୍ଲାଟ୍ ଓ ହଂସିତାଙ୍କ ସମ୍ପର୍କୀୟ କୁହାଯାଉଥିବା ମନୋଜ ଆଚାର୍ଯ୍ୟଙ୍କ କନ୍ଧମାଳ ବାଲିଗୁଡାରେ ମାରାଥନ୍ ଚଢ଼ଉ କରାଯାଉଛି । ଏହି ସବୁ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଡିଜିଟାଲ ଡିଭାଇସ୍ ଜବତ ହୋଇଛି ।

ଅନ୍ୟପକ୍ଷରେ ହଂସିତାଙ୍କ ପ୍ରଥମ ସ୍ୱାମୀ କୁହାଯାଉଥିବା ସରୋଜ ସାହୁଙ୍କୁ ଖଣ୍ଡଗିରି ନିକଟରୁ ଠାବ କରିଛି ଆୟକର ବିଭାଗ । ହଂସିତା ଗିରଫ ହେବାପରେ ସରୋଜ ତାଙ୍କୁ ଜେଲରେ ଭେଟିଥିଲେ । ପୁଲିସ ଓ ଆୟକର ବିଭାଗ ଚଢ଼ଉ କରିବାରୁ ସେ ଗିରଫଦାରୀ ଭୟରେ ସେ କିଛି ଦିନ ହେବ ଲୁଚି ଅନ୍ୟତ୍ର ଚାଲି ଯାଇଥିଲେ ।ତେବେ ଆୟକର ବିଭାଗ ସରୋଜଙ୍କ ମୋବାଇଲ ଫୋନ୍‌କୁ ଟ୍ରାକିଂ କରି ଖଣ୍ଡଗିରି ନିକଟ ଏକ ବସ୍‌ଷ୍ଟାଣ୍ଡରୁ ସରୋଜଙ୍କୁ ଠାବ କରିଥିଲା । ସରୋଜଙ୍କୁ ନିଜ ହେପାଜତକୁ ନେଇ ଆୟକର ବିଭାଗ ପଚରାଉଚରା କରୁଥିବା ଜଣାପଡ଼ିଛି । ସେହିପରି ଠକେଇର ସାମ୍ରାଜ୍ୟକୁ ଭେଦ କରିବାକୁ ଅନୀଲ ଓ ହଂସିତାଙ୍କୁ ଦିନିକିଆ ରିମାଣ୍ଡରେ ଆଣିବ କମିସନରେଟ ପୁଲିସ । ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରିବ ସ୍ୱତନ୍ତ୍ର ଅପରାଧ ଶାଖା । ସେମାନଙ୍କୁ ପଚାରିବାକୁ ଥିବା ଶହେରୁ ଅଧିକ ପ୍ରଶ୍ନ ପୁଲିସ ପ୍ରସ୍ତୁତ କରିଛି ।

ଗତକାଲି ଭୁବନେଶ୍ୱର, ଦିଲ୍ଲୀ, ଝାଡଖଣ୍ଡ, କୋଲକାତା, ଗଞ୍ଜାମ ଓ କନ୍ଧମାଳରେ ଗତକାଲି ହଂସିତା ଓ ଅନୀଲଙ୍କ ଘର, ଅଫିସ ଆଦି ୧୨ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା । ଏଠାରୁ ୪ଟି ଦାମୀ କାର୍ ଓ ଅନ୍ୟାନ୍ୟ କାଗଜପତ୍ର ଠାବ ହୋଇଛି । ଆକାଉଣ୍ଟ ଟ୍ରାଞ୍ଜାକ୍ସନ୍ ଓ ବାର୍ଷିକ ଆୟ ଭଳି ଦିଗକୁ ନେଇ ଖୋଳତାଡ କରୁଛି ଆୟକର ଟିମ୍ । ଆୟକର ବିଭାଗ ପରେ ତଦନ୍ତରେ ପଶିବାକୁ ସଜବାଜ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ହଂସିତା ଓ ଅନୀଲ ଠାରୁ ଜବତ କରାଯାଇଥିବା କାଗଜପତ୍ର ଇଡି ମାଗିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ, ହଂସିତା ଓ ଅନୀଲ ବିବାହ କରି ନ ଥିଲେ ମଧ୍ୟ ପ୍ରାୟ ଅଢ଼େଇ ବର୍ଷ ହେବ ନିଜକୁ ପତିପତ୍ନୀର ପରିଚୟ ଦେଇ ରଘୁନାଥପୁରର ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ରହୁଥିଲେ । ଚର୍ଚ୍ଚିତ ବ୍ୟକ୍ତିଙ୍କ ସହ ସବୁ ଫଟୋକୁ ସେୟାର କରି ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚା ମାଲ ଯୋଗାଣ ପାଇଁ ଖଣି ମାଲିକଙ୍କୁ ଟେଣ୍ଡର ଦେବା, ବିଲ୍ଡରଙ୍କୁ ଜମି, ପ୍ଲଟ ସହ ଘର ନିର୍ମାଣ ଲାଗି ଅନୁମତି କରାଇବା ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଛି ।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# 'ପୁଲିସ ମିତ୍ର'ଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି ସରକାର

■ ନିଜ 'ମିତ୍ର'ଙ୍କ ହତ୍ୟା ପରେ ବି ଜାଣି ପାରୁନାହିଁ ପୁଲିସ
■ ସାତ ମାସରେ ରାଜ୍ୟର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ

**ଭୁବନେଶ୍ୱର,୮।୧(ସମିସ):** ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାରା ବିଶ୍ୱରୁ ହଜାର ହଜାର ପ୍ରବାସୀ ରାଜଧାନୀରେ ପହଞ୍ଚିଛନ୍ତି । ଏହା ନିଶ୍ଚିତ ଭାବେ ଓଡିଶା ପାଇଁ ଏକ ସୌଭାଗ୍ୟର କଥା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରବାସୀମାନଙ୍କୁ ସମସ୍ତେ ସ୍ୱାଗତ କରୁଛନ୍ତି । କାର୍ଯ୍ୟକ୍ରମ ପାଇଁ ୮୩ ପ୍ଲାଟୁନ୍ ପୁଲିସ ଫୋର୍ସ, ୧୧ କମ୍ପାନୀ କେନ୍ଦ୍ରୀୟ ଫୋର୍ସ, ୫୦୦ରୁ ଅଧିକ ପୁଲିସ ଅଧିକାରୀ ମୁତୟନ ହୋଇଛନ୍ତି । କିନ୍ତୁ ଏଭଳି ସମୟରେ ଜଣେ ପୁଲିସ ମିତ୍ରଙ୍କ ମୁଣ୍ଡ କାଟି ଦିନ ଦି' ପହରେ ଅପରାଧୀମାନେ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ପୁଲିସ ମଧ୍ୟ ନିଜ 'ମିତ୍ର'ଙ୍କ ହତ୍ୟା ସମ୍ପର୍କରେ ଜାଣି ପାରୁନାହିଁ । ଏହାଠାରୁ ଆଉ ଦୁର୍ଭାଗ୍ୟଜନକ କଥା ଆଉ କିଛି ନାହିଁ ଓ ସମଗ୍ର ରାଜ୍ୟ ପାଇଁ ଏହା ଚିନ୍ତାର କାରଣ ବୋଲି ବର୍ଷିଛି ବିଜେଡି । ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବିଧାୟକ ତଥା ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ଓ ରାଜ୍ୟର ଆଇନଶୃଙ୍ଖଳା ପ୍ରସଙ୍ଗକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଗୌତମବୁଦ୍ଧ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଇଁ ୭ ହଜାରରୁ ଉର୍ଦ୍ଧ୍ୱ ଅତିଥି ଉପସ୍ଥିତ ଅଛନ୍ତି । ଠିକ ଏହି ସମୟରେ ରାଜଧାନୀ ଛାତି ଉପରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ସଫେଇ କର୍ମଚାରୀ ସଙ୍ଘର ସଭାପତି ଓ ଜଣେ ପୁଲିସ ମିତ୍ର । ଜାତୀୟ ରାଜପଥ ଉପରେ ସ୍ପଷ୍ଟ ଦିବାଲୋକରେ ଜଣେ ପୁଲିସ ମିତ୍ରଙ୍କ ହତ୍ୟା ଘଟୁଥିଲେ ମଧ୍ୟ ପୁଲିସ କିଛି ଜାଣି ପାରୁ ନାହିଁ । ସେହିପରି ଗତ ୭ ମାସରେ ନୂଆ ସରକାର ଦାୟିତ୍ୱ ନେବା ପରେ, ରାଜ୍ୟରେ ଅପରାଧ ବଢ଼ି ବଢ଼ି ଚାଲିଛି । ତେଣୁ, ଏଭଳି



ଆଇନ ଶୃଙ୍ଖଳା ସ୍ଥିତିରେ ପ୍ରବାସୀ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯିବ ବୋଲି ପ୍ରଶ୍ନ କରିଛନ୍ତି ଗୌତମବୁଦ୍ଧ ।

ଲେନିନ୍ କହିଛନ୍ତି ଯେ ସମ୍ବଲପୁର ଜିଲ୍ଲାରେ ଦୁଇ ଜଣ ବିଜେପି ନେତାଙ୍କ ହତ୍ୟା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଇଛି । ରାଜଧାନୀ ଭୁବନେଶ୍ୱରରେ ଦିବାଲୋକରେ ମୁଣ୍ଡରୁ ଗଣ୍ଡି ଅଲଗା କରି ହତ୍ୟାକାଣ୍ଡ ଘଟିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା । ତା ଛଡ଼ା ଭୁବନେଶ୍ୱରରେ ହତ୍ୟା, ଛିନତାଇ ଭଳି ଘଟଣା ନିୟମିତ ଘଟି ଚାଲିଛି । ମହିଳାଙ୍କ ବିରୋଧରେ ଅପରାଧ ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି । ଗତ ଡିସେମ୍ବର ୧୨ ତାରିଖରେ ସୁନ୍ଦରଗଡରେ ମହିଳାଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ଫିଙ୍ଗିଦେବା, ଡିସେମ୍ବର ୧୩ ତାରିଖରେ କଟକରେ ଜଣେ ୩୫ ବର୍ଷୀୟ ମହିଳାଙ୍କୁ ହତ୍ୟା, ଡିସେମ୍ବର ୧୬ରେ ଏକ ୧୩ ବର୍ଷ ବୟସର ନାବାଳକଙ୍କୁ ଅପହରଣ ଓ ହତ୍ୟା, ନଭେମ୍ବର ୭ରେ ସମ୍ବଲପୁରରେ ମା ଓ ଝିଅଙ୍କୁ ପୋଡ଼ି ହତ୍ୟା, ଗାଡି ପାର୍କିଂକୁ ନେଇ ଦୁଇ ଜଣଙ୍କୁ ଭୁବନେଶ୍ୱରରେ ହତ୍ୟା ଓ ରେମୁଣାରେ ଆଦିବାସୀ ନାବାଳିକାଙ୍କୁ ଧର୍ଷଣ ପରେ ହତ୍ୟା ଆଦି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି । ଏହି ଘଟଣା ହିଁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି ବୋଲି ଡଃ ମହାନ୍ତି କହିଛନ୍ତି ।

# ବରିଷ୍ଠ ଖଣି ଅଧିକାରୀଙ୍କ ଘରେ ସିବିଆଇ ଚଢ଼ଉ

**ରାଉରକେଲା,୮।୧(ସମିସ):** ବରସୁଆଁ ସେଲ୍ ମାଇନ୍ସର ବରିଷ୍ଠ ଅଧିକାରୀଙ୍କ କୋଇଡ଼ାସ୍ଥିତ ବାସ ଭବନରେ ସିବିଆଇ ପକ୍ଷରୁ ଆଜି ଚଢ଼ଉ କରାଯାଇଛି । ବରସୁଆଁ ସେଲ ମାଇନ୍ସ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ବରିଷ୍ଠ ଅଧିକାରୀ ହେଲେ ସରୋଜ ପଟ୍ଟନାୟକ ଓ ସୁନନ୍ଦା ପରିଡ଼ା । ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ମାସରେ ସିବିଆଇ ପକ୍ଷରୁ ହୋଇଥିବା ଚଢ଼ଉ ଲିଙ୍କରେ ଆଜି ଏହି ଚଢ଼ଉ କରାଯାଇଥିଲା । ସୂଚନା ମୁତାବକ ୬୨ ଗ୍ରେଡ୍‌ର ଆଇରନ୍ ଓର୍‌କୁ ୫୮ରୁ ୫୯ ଗ୍ରେଡ କରି ବିକ୍ରି କରାଯାଇଥିବା ନେଇ ସିବିଆଇ ପାଖରେ ଅଭିଯୋଗ ଥିଲା । ପ୍ରତି ଗ୍ରେଡ଼ରେ ୩୦୦ ଟଙ୍କା ହିସାବରେ ପ୍ରତି ଟନରେ ୧୦୦୦ ଟଙ୍କା ଠକେଇ ହୋଇଥିବାରୁ ଏ ବାବଦରେ କୋଟି କୋଟି ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା । ସେହିପରି ଏହି ଲିଙ୍କରେ ବେଦବ୍ୟାସ ଅଞ୍ଚଳର ଜଣେ ଜଣାଶୁଣା ରାଜନେତା ତଥା ଟ୍ରାନ୍ସପୋର୍ଟରଙ୍କ କାର୍ଯ୍ୟାଳୟ ଏବଂ ବାସଭବନରେ ମଧ୍ୟ ସିବିଆଇ ପକ୍ଷରୁ ଆଜି ରେଡ ଜାରି ରହିଥିବା ସୂଚନା ମିଳିଛି ।

## ବ୍ୟବସାୟୀଙ୍କ ଘରେ ଇଡି ଚଢ଼ଉ

**ଭୁବନେଶ୍ୱର,୮ ।୧(ସମିସ):** ଢେଙ୍କାନାଳର ପ୍ରମୁଖ ବ୍ୟବସାୟୀ ରତିକାନ୍ତ ରାଉତଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ଉ କରାଯାଇଛି । ରତିକାନ୍ତଙ୍କ ଢେଙ୍କାନାଳ ଓଡ଼ାପଡ଼ା ବ୍ଲକ ପତଳାଠାରେ ଥିବା ପୈତୃକ ବାସଭବନ, ଭୁବନେଶ୍ୱର କାର୍ଯ୍ୟାଳୟ ସମେତ ୧୪ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି । ରତିକାନ୍ତଙ୍କର କଳାମୁଗୁନି ପଥର ଖଣି, ଫାର୍ମ ହାଉସ୍, ବାଲି ଓ କ୍ରସର ୟୁନିଟ୍ ରହିଛି । ଇଡିର ଏକାଧିକ ଟିମ୍ ରତିକାନ୍ତଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି ।

## ୩ ଦିନ ଶୀତ ସାଙ୍ଗକୁ କୁହୁଡ଼ି

**ଭୁବନେଶ୍ୱର,୮।୧(ସମିସ):** ରାଜ୍ୟରେ ଶୀତ ସାଙ୍ଗକୁ କଲବଲ କରିବ କୁହୁଡ଼ି । ଆଗାମୀ ୩ ଦିନ ଯାଏଁ ରାଜ୍ୟର ଏଭଳି ସ୍ଥିତି ଜାରି ରହିବ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ କୁହୁଡ଼ି ଜନିତ ଚେତାବନୀ ଜାରି କରାଯାଇଛି । କୁହୁଡ଼ି ଯୋଗୁଁ ଦୁର୍ଘଟଣାର ଆଶଙ୍କା ରହୁଛି । ତେଣୁ ଏହି ସମୟରେ କିପରି ରାଜପଥରେ ଦୁର୍ଘଟଣା ଏଡ଼ାଇ ହେବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏସ୍‌ଆରସିଙ୍କ ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ପାଇଁ ରାଜ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ଏହା ପରେ ତାପମାତ୍ରାରେ କିଛି ବୃଦ୍ଧି ଘଟିବ । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼ ଓ କନ୍ଧମାଳରେ ଘନ କୁହୁଡ଼ି ହେବାର ଆଶଙ୍କା ଥିବା ବେଳେ ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, ରାୟଗଡ଼ା, ଝାରସୁଗୁଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି ।

## ବରଗଡ଼ କଂସଙ୍କ ଅବସର ଘୋଷଣା



**ବରଗଡ଼,୮ ।୧(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଧୁମଧାମରେ ଚାଲିଥିବା ବେଳେ ହଠାତ୍ ମହାରାଜ କଂସ ଭୂମିକାରେ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନ ଅବସର ଘୋଷଣା କରିଛନ୍ତି । ୬ ବର୍ଷ ସେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଛନ୍ତି । ଅବସର ଘୋଷଣା ବେଳେ ସେ କହିଛନ୍ତି ଯେ, ବୟସ ତାଙ୍କୁ ଆଉ ସାଥ୍ ଦେଉ ନ ଥିବାରୁ ବରଗଡ଼ ଧନୁଯାତ୍ରାରେ ଆଉ କଂସ ଭୂମିକାରେ ଅଭିନୟ କରିବେ ନାହିଁ । ଚଳିତ ବର୍ଷ ତାଙ୍କର ଶେଷ ଅଭିନୟ ବୋଲି ସେ କହିଛନ୍ତି । ଯଦି ଧନୁଯାତ୍ରା କମିଟି ଚାହିଁବ, ତା ହେଲେ ସେ ତାଙ୍କ ଗୁରୁଙ୍କ ପରାମର୍ଶ କ୍ରମେ ନୂଆ ନୂଆ ଅଭିନୟ କରୁଥିବା କଳାକାରଙ୍କୁ ନିର୍ଦ୍ଦେଶନା ଦେବେ ବୋଲି କହିଛନ୍ତି ।

## ଆଳୁ ଚିନ୍ତାରୁ ମିଳିବ ମୁକ୍ତି

# ୯୦ ନୁହେଁ; ୬୦ ଦିନରେ ଫଳିବ

**ଭୁବନେଶ୍ୱର, ୮ ।୧(ସମିସ):** ଆଳୁ ଚାଷ ପାଇଁ ସାଧାରଣତଃ ୯୦ ଦିନ ସମୟ ଲାଗିଥାଏ । ଏହି ସମୟ ଅବଧି ଭିତରେ ଆଳୁ ହୃଷ୍ଟପୁଷ୍ଟ ହୋଇ ଖୋଳା ହେବା ଉପଯୋଗୀ ହୋଇଯାଏ । ଚାଷୀମାନେ ଅକ୍ଟୋବର ଶେଷ ଓ ନଭେମ୍ବର ପ୍ରଥମ ସପ୍ତାହରେ ଆଳୁ ଲଗାଇଥା'ନ୍ତି । ଏହା ଜାନୁଆରୀ ପହିଲା ବେଳକୁ ଅମଳ ଉପଯୋଗୀ ହୋଇଯାଏ । ଏବେ କିନ୍ତୁ ୯୦ ଦିନ ବଦଳରେ ୬୦ ଦିନରେ ଉତ୍ପାଦିତ ହେବ ଆଳୁ । ଗବେଷକମାନେ 'ପି ୧୧୮' ନାମକ ଏକ ନୂଆ କିସମର ଆଳୁ ବିହନ ଉଦ୍ଭାବନ କରିଛନ୍ତି । ଏହି କିସମ ବ୍ୟବହାର କରି ଚାଷୀ କମ୍ ସମୟ ମଧ୍ୟରେ ଅଧିକ ଉତ୍ପାଦନ କରିପାରିବ । ଏହି କିସମ ଚାଷୀର ସମୟ ବଞ୍ଚାଇବା ସହ ଚାଷୀଙ୍କୁ ଆର୍ଥିକ ସ୍ଥିତିକୁ ମଜବୁତ୍ କରିବାରେ ସହାୟକ ହେବ । ଏହି କିସମ ବିହନ ପରୀକ୍ଷାମୂଳକ ଭାବେ ଉତ୍ତରପ୍ରଦେଶ ହୋଇଥିବାବେଳେ ଆଗାମୀ ଦିନରେ ଆଳୁ ଚାଷ ହେଉଥିବା ଅନ୍ୟ ରାଜ୍ୟ ଗୁଡ଼ିକରେ ଉପଯୋଗ କରାଯିବା ପାଇଁ ଗବେଷକମାନେ ନିବେଦନ କରିଛନ୍ତି ।



ଭାରତବର୍ଷରେ ଆଳୁ ଚାଷରେ ଏକ ନମ୍ବର ରାଜ୍ୟ ହେଉଛି ଉତ୍ତରପ୍ରଦେଶ । ସମୁଦାୟ ଆଳୁ ଉତ୍ପାଦନର ସିଂହଭାଗ ଆଳୁ ସେଇଠୁ ଉତ୍ପାଦନ ହୋଇଥାଏ । ଏହାପରେ ପଶ୍ଚିମବଙ୍ଗ ଓ ପଞ୍ଜାବ । ଉତ୍ତରପ୍ରଦେଶ ପାଣିପାଗ ଆଳୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥିବାରୁ ସେଠାରେ ଭଲ ଅମଳ ହୋଇଥାଏ । ତେଣୁ କାନପୁରର ଚନ୍ଦ୍ରଶେଖର ଆଜାଦ୍ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଠାରେ ସ୍ୱଳ୍ପ ସମୟ ଉତ୍ପାଦିତ ଆଳୁକୁ ନେଇ ଗବେଷଣା କରାଯାଇଥିଲା । ଏହି ଗବେଷଣା ସଫଳ ହୋଇଥିବା ଜଣାପଡ଼ିଛି । ଗବେଷଣା ଅନୁସାରେ, ମାତ୍ର ୬୦ ଦିନରେ ନୂଆ କିସମରୁ ଆଳୁ ଉତ୍ପାଦନ କରିପାରିବେ ଚାଷୀ । ଆଳୁ ଚାଷୀଙ୍କ ଲାଗି ସଞ୍ଜୀବନୀ ହେବ 'ପି ୧୧୮' ବିହନ । ଏହି କିସମରେ ଶୀଘ୍ର ଉତ୍ପାଦନ ହେବା ସହ ଏକର ପିଛା ପୂର୍ବ ତୁଳନାରେ ଦେଢ଼ ଗୁଣ ଅଧିକ ଅମଳ ହେବ । ନୂଆ କିସମ ଦେଖିବାକୁ କେନ୍ଦ୍ରୀୟ ଟିମ୍ ଉତ୍ତରପ୍ରଦେଶରେ ପହଞ୍ଚି ଏହାର ପରୀକ୍ଷାନିରୀକ୍ଷା କରି ଏହାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ଟିମ୍‌ର କହିବାନୁସାରେ, ଏହି କିସମ ଅତ୍ୟନ୍ତ ଫଳପ୍ରଦ । ଚାଷୀମାନେ ଏହାକୁ ବ୍ୟବହାର କଲେ ଲାଭ ପାଇବେ । ଆଗାମୀ ଦିନରେ ଏହି କିସମ ପ୍ରତ୍ୟେକ ରାଜ୍ୟର ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ।

ସୂଚନାଯୋଗ୍ୟ, ଆମ ରାଜ୍ୟରେ ଆଳୁକୁ ନେଇ ଗତ ଅଗଷ୍ଟ ମାସରୁ ତିରୋଟ ସମସ୍ୟା ଉପୁଜିଛି । ଯାହା ଏବେ ବି ଥମିବା ନାଁ ଧରୁନି । ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ସ୍ୱାଭାବିକ

### କମିବ ଅମଳ ଅବଧି, ବଢ଼ିବ ଉତ୍ପାଦନ

ହୋଇପାରୁନି । ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁକୁ ନେଇ ଓଡ଼ିଶା ଖାଉଟି ଅନାଗ୍ରହ ପ୍ରଦର୍ଶନ କରୁଛନ୍ତି । ତେଣୁ ଚଳିତବର୍ଷ ଅଧିକ ଆଳୁ ଅମଳ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା କେତେଦୂର ଫଳପ୍ରଦ ହେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି । ଅନ୍ୟପକ୍ଷରେ ନିୟମିତ ଶୀତ ନ ହେବା ଓ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ମଧ୍ୟ ଆଳୁ ଉତ୍ପାଦନରେ ବାଧକ ସୃଷ୍ଟି କରିବ ବୋଲି କୃଷି ବିଶେଷଜ୍ଞ କହୁଛନ୍ତି । ଏଥିସହ ଆଗାମୀ ଦିନରେ 'ପି ୧୧୨' କିସମର ଆଳୁ ଓଡ଼ିଶା ମାଟିରେ ଚାଷକଲେ ଓଡ଼ିଶା ଆଳୁ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି ।

## ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡାଦେଶ

**ବାରିପଦା, ୮ ।୧(ସମିସ):** ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହିତ ପୀଡିତାଙ୍କୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଲେ ଉଦଳା ଥାନା ଅଧୀନ ଦିଘୀ ନୂଆସାହି ଅଞ୍ଚଳର ଚୈତନ ପ୍ରସାଦ ସିଂ(୪୫) । ସୂଚନାଯୋଗ୍ୟ ଯେ, ୨୦୧୯ ମସିହା ୧ ଜାନୁଆରୀରେ



ଖୁଣ୍ଟା ଥାନା ଅଧୀନ ଜଣେ ନାବାଳିକାକୁ ଭାତ ମାଂସ ଖୁଆଇବାର ଲୋଭ ଦେଖାଇ ଅଭିଯୁକ୍ତ ଚୈତନ୍ୟ ଏକ ନଦୀ କୂଳକୁ ନେଇଥିଲା । ସେଠାରେ ନାବାଳିକାକୁ ଖାଇବାକୁ ଦେଇ ଦୁଷ୍କର୍ମ କରିଥିଲା । ଘଟଣା ସମ୍ପର୍କରେ କାହାକୁ ନ ଜଣାଇବାକୁ ଧମକ ମଧ୍ୟ ଦେଇଥିଲା । ତେବେ ପୀଡିତା ଜରକ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ପରିବାର ଲୋକେ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା । ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୬ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି । ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ ।

## ଓଡ଼ିଶାରେ ସ୍ୱତନ୍ତ୍ର ଓଡ଼ିଆ ବିଇଡି କେବେ ?

■ ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁ ପାଇଁ ରାଜ୍ୟରେ ଅଛି ସ୍ୱତନ୍ତ୍ର ପାଠ୍ୟକ୍ରମ
■ ଦକ୍ଷ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତିରେ ପ୍ରମୁଖ ପ୍ରତିବନ୍ଧକ

**ଭୁବନେଶ୍ୱର,୮ ।୧(ସମିସ):** ବିଦ୍ୟାଳୟ ସ୍ତରରେ ଶିକ୍ଷକତା ପାଇଁ ସିଟି ବା ବିଇଡି ଅନିବାର୍ଯ୍ୟ । ସଂସ୍କୃତ, ହିନ୍ଦୀ ଓ ଉର୍ଦ୍ଦୁ ବିଷୟ ପାଇଁ ସ୍ୱତନ୍ତ୍ର ବିଇଡି ସହ କଳା ଓ ବିଜ୍ଞାନରେ ବିଇଡି କରିବାକୁ ରାଜ୍ୟରେ ସୁବିଧା ରହିଛି । କଳାରେ ବିଇଡି କରିଥିବା ପିଲାମାନେ ନିଯୁକ୍ତି ପାଇଲେ ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ ବିଷୟ ପଢ଼ାଇଥା'ନ୍ତି । ହେଲେ ଓଡ଼ିଆ ପାଇଁ ସ୍ୱତନ୍ତ୍ର ବିଇଡି କରିବା ସୁବିଧା ରାଜ୍ୟରେ ଉପଲବ୍ଧ ନାହିଁ । ଦେଶରେ ତାମିଲ, ତେଲୁଗୁ, କନ୍ନଡ଼, ମାଲାୟାଲାମ୍ ପରି ଶାସ୍ତ୍ରୀୟ ଭାଷା ପାଇଁ ସ୍ୱତନ୍ତ୍ର ବିଇଡି ସୁବିଧା ରହିଥିବା ବେଳେ ଶାସ୍ତ୍ରୀୟ ଭାଷା ଓଡ଼ିଆ ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ବିଇଡି ସୁବିଧା ନ ରହିବା ନେଇ ପ୍ରଶ୍ନ ଉଠିଛି ।

ସମ୍ପ୍ରତି ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷା ପାଇଁ ସ୍ୱତନ୍ତ୍ର ବିଇଡି ପାଠ୍ୟକ୍ରମ (ଶିକ୍ଷା ଶାସ୍ତ୍ରୀ) ରହିଛି । ସେହିପରି ହିନ୍ଦୀ ପାଇଁ କଟକସ୍ଥିତ ସରକାରୀ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଇଡି ପାଠ୍ୟକ୍ରମ (ହିନ୍ଦୀ ଶିକ୍ଷା ପାରଙ୍ଗତ) ରହିଛି । ନିକଟରେ ଓଡ଼ିଶା ସରକାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉର୍ଦ୍ଦୁ ଭାଷା ପାଇଁ ମଧ୍ୟ ସ୍ୱତନ୍ତ୍ର ବିଇଡି ଆରମ୍ଭ କରିଛନ୍ତି । ଅପରପକ୍ଷରେ ଓଡ଼ିଶାରେ ଥିବା ୧୩ଟି ସରକାରୀ ବିଇଡି ମହାବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦ଟି ଲେଖାଏଁ ସିଟ୍ ଇଣ୍ଟିଗ୍ରେଟେଡ୍ ବିଏ ବିଇଡି କରିବାକୁ ଓଡ଼ିଆ ବିଭାଗ ପିଲାଙ୍କ ପାଇଁ ସଂରକ୍ଷିତ ହୋଇଛି । ହେଲେ ଓଡ଼ିଆ ଭାଷାରେ ଦକ୍ଷ ଶିକ୍ଷକ ନିଯୁକ୍ତି ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ । ରାଜ୍ୟରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦ ସରକାର ସୃଷ୍ଟି କରିଛନ୍ତି । ଏସବୁ ପଦରେ ତାଲିମ୍‌ପ୍ରାପ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଓଡ଼ିଆ ବିଇଡି ପାଠ୍ୟକ୍ରମ ଖୋଲିବାକୁ ଭାଷା ପ୍ରେମୀମାନେ ଦାବି କରିଛନ୍ତି ।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଇଡି ସହ ଏମ୍‌ଇଡି ପାଠ୍ୟକ୍ରମ ଖୋଲାଗଲେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇବେ । ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିପାରିବେ । ବର୍ତ୍ତମାନର ପରିସ୍ଥିତିକୁ ଆଖିରେ ରଖି ସରକାର ତତ୍କାଳ ପଦକ୍ଷେପ ମଧ୍ୟ ନେଇ ପାରିବେ । ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ବିଇଡି ନ ଥିଲେ ମଧ୍ୟ ଓଡ଼ିଆ ଅନର୍ସ ରଖି ସ୍ନାତକ ପାସ୍ କରିଥିବା ପିଲାଙ୍କୁ ନିଯୁକ୍ତି ଦେବେ । ପରେ ସେମାନଙ୍କୁ ତାଲିମ ଦେବାର (ଇନ୍ ସର୍ଭିସ୍) ବ୍ୟବସ୍ଥା କରି ଅଧିକ ଦକ୍ଷ କରିପାରିବେ ବୋଲି ଭାଷାପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି । ଗୁଣାତ୍ମକ ସଂସ୍କୃତ ଭାଷା ଶିକ୍ଷା ପାଇଁ ଶିକ୍ଷାଶାସ୍ତ୍ରୀ, ହିନ୍ଦୀ ପାଇଁ ହିନ୍ଦୀଶିକ୍ଷା ପାରଙ୍ଗତ ଯେପରି ସହାୟକ ହୋଇଛି, ସେହିପରି ସ୍ୱତନ୍ତ୍ର ଓଡ଼ିଆ ବିଇଡି ନ ଥିବାରୁ ଓଡ଼ିଆରେ ଗୁଣାତ୍ମକ ଶିକ୍ଷାଦାନ ସମ୍ଭବ ହେବନାହିଁ ବୋଲି ମଧ୍ୟ ସେମାନେ ପ୍ରକାଶ କରିଛନ୍ତି ।

# ୧୩୯ ବର୍ଷର ଛାପା ଅନୁଷ୍ଠାନ ଉଠାଇ ନେବାକୁ ମସୁଧା

## ମ୍ୟୁଜିୟମ ପରିବର୍ତ୍ତେ ସ୍କ୍ରାପ୍ ମୂଲ୍ୟରେ ଘରୋଇ ସଂସ୍ଥାକୁ ଟେକିଦେଲେ ପୁରୁଣା ଛାପା ମେସିନ

**ଦେବଗଡ଼,୮।୧(ସମିସ):** ଓଡ଼ିଆ ଭାଷା ସାହିତ୍ୟର ନିଜସ୍ୱ ପରିଚୟ ସୃଷ୍ଟି ସହିତ ସରକାରୀ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଫର୍ମ ଆଦି ଛାପା ଉଦ୍ଦେଶ୍ୟରେ ୧୮୮୫ ମସିହାରେ ତତ୍କାଳୀନ ବାମଣ୍ଡା ରାଜା ବାସୁଦେବ ସୁଢ଼ଳଦେବ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ ।

ସୁଦୂର ଇଂଲଣ୍ଡରୁ ଛାପା ମେସିନ ଆଣି ତତ୍କାଳୀନ ବାମଣ୍ଡା ରାଜଧାନୀ ତଥା ଏବର ଦେବଗଡ଼ ଜିଲ୍ଲା ମୁଖ୍ୟାଳୟରେ ରଖି ୧୮୮୬ ମସିହାରୁ ବିଧିବଦ୍ଧ କାର୍ଯ୍ୟକାରୀ କରିଥିଲେ । ଏହି ଛାପା ମେସିନ ତତ୍କାଳୀନ ଗଡ଼ଜାତ ରାଜ୍ୟର ପ୍ରଥମ ଛାପା ମୁଦ୍ରଣାଳୟର ଭାବେ ମାନ୍ୟତା ପାଇଥିଲା । ୧୮୮୯ ମସିହାରେ ସେହି ଛାପାଖାନାରୁ 'ସମ୍ବଲପୁର ହିତୈଷିଣୀ' ନାମକ ପତ୍ରିକା ପ୍ରକାଶ ପାଇଥିଲା । ଦେବଗଡ଼ ଜିଲ୍ଲା ମୁଖ୍ୟାଳୟରେ ଥିବା ପରାଧୀନ ଭାରତ ଅମଳର ଏହି ସରକାରୀ ଶାଖା ମୁଦ୍ରଣାଳୟକୁ ସ୍ଥାନାନ୍ତର ପାଇଁ ବିଭାଗୀୟ ପ୍ରସ୍ତୁତି ନିଶ୍ଚିତ ହୋଇଛି । ସ୍ଥାନାନ୍ତର ପୂର୍ବରୁ ଛାପାଖାନାରେ ଥିବା ସମସ୍ତ ପୁରୁଣା ଯନ୍ତ୍ରପାତିଗୁଡିକୁ ମ୍ୟୁଜିୟମରେ ସ୍ଥାନିତ କରାଯିବା ପରିବର୍ତ୍ତେ ରାଜ୍ୟ ଛାପା ଓ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ଏହାକୁ ସ୍କ୍ରାପ୍ ଘୋଷଣା କରାଯାଇ ଏକ ଘରୋଇ ଅନୁଷ୍ଠାନ ହାତକୁ ଟେକି ଦିଆଯାଇଛି । ଦୀର୍ଘ ୧୩୯ ବର୍ଷ ଧରି





ସରକାରୀ ନଥିପତ୍ର ପ୍ରସ୍ତୁତ କରିଆସୁଥିବା ଏହି ଛାପାଖାନାର ନବୀକରଣ ପରିବର୍ତ୍ତେ ଏହାକୁ ରୁଗ୍ଣ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଅଭିଯୋଗ ହୋଇଛି । ବର୍ଷବର୍ଷ ଧରି ବିଭାଗୀୟ କର୍ତ୍ତୃପକ୍ଷ ବୈମାତୃକ ମନୋଭାବ ପୋଷଣ କରି ମୁଦ୍ରଣାଳୟ କୋଠା ମରାମତି ପାଇଁ ମଧ୍ୟ ଅନୁଦାନ ଦେବା ବନ୍ଦ କରିଦେଇଛନ୍ତି । ଏଠାରେ କାର୍ଯ୍ୟରତ ୧୦ କର୍ମଚାରୀଙ୍କ ମଧ୍ୟରୁ ୫ ଜଣ ଅବସର ନେବା ପରେ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି କରାଗଲା ନାହିଁ । ୩ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ତାଙ୍କ ସ୍ଥାନ ପୂରଣ ପାଇଁ ମଧ୍ୟ ନୂତନ ନିଯୁକ୍ତି ଦିଆଗଲା ନାହିଁ । ଫଳରେ ଏହି ଛାପାଖାନାରେ ଏବେ ମାତ୍ର ଦୁଇଜଣ କର୍ମଚାରୀ ଅଛନ୍ତି । ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାରେ ଥିବା ଐତିହାସିକ ସରକାରୀ ଛାପା ଅନୁଷ୍ଠାନକୁ ସରକାର ଉଠାଇନେବା ମସୁଧାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି । ସେହିପରି ଆଗାମୀ ଦିନରେ ଜିଲ୍ଲା ମୁଖ୍ୟାଳୟରେ ଥିବା ଶତାୟୁ ସରକାରୀ ଶାଖା ଛାପା ଅନୁଷ୍ଠାନର ନବୀକରଣ ସହ କର୍ମଚାରୀ ନିଯୁକ୍ତି କରି ସରକାରୀ ଶାଖା ଛାପା ମୁଦ୍ରଣାଳୟର ଇତିହାସକୁ ଉଜ୍ଜୀବିତ ରଖିବାକୁ ବୁଦ୍ଧାଜୀବୀ ମହଲରେ ମତ ପ୍ରକାଶ ପାଇଛି ।



ଗପ୍ଟିଲଙ୍କ ଅଲ୍‌ବିଦା

▶ଭିତରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-194 ◆BHUBANESWAR ◆THURSDAY ◆9 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୯୪ ◆ଭୁବନେଶ୍ୱର ◆ଗୁରୁବାର ◆୯ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ଓଡ଼ିଶାରେ 'ପ୍ରବାସୀ' ମହୋତ୍ସବ

## ଓଡ଼ିଶାର ବିକାଶ ଯାତ୍ରାରେ ସାମିଲ ହେବାକୁ ପ୍ରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ



### ବିକଶିତ ଭାରତ ନିର୍ମାଣରେ ପ୍ରବାସୀଙ୍କ ସହଭାଗିତା ଉଲ୍ଲେଖନୀୟ: ଡ. ଜୟଶଙ୍କର

### ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଆମର ଲକ୍ଷ୍ୟ: ମାଣ୍ଡଭୀୟ

■ **ଭୁବନେଶ୍ୱର, ୮।୧ (ସମିସ):** ଓଡ଼ିଶାରେ ଏକାଠି ହୋଇଛି ସାରା ବିଶ୍ୱ। ବହୁପ୍ରତୀକ୍ଷିତ ୧୮ତମ ପ୍ରବାସୀ ଭାରତୀୟ ଦିବସର ଅବ୍ୟବହିତ ପୂର୍ବରୁ ପ୍ରବାସୀ ଯୁବ ଭାରତୀୟ ଦିବସକୁ ଆଜି କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍.ଜୟଶଙ୍କର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ଏଲ୍. ମାଣ୍ଡଭୀୟ ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସକୁ ବିଧିବଦ୍ଧ ଭାବରେ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ଦିବସର ମୋଟ ୫ଟି ଅଧିବେଶନରେ ଓଡ଼ିଶାର ଶିଳ୍ପ ବିକାଶ, ନିବେଶ ସମ୍ଭାବନା, ପର୍ଯ୍ୟଟନ ଓ ନିବେଶ ଅନୁକୂଳ ବାତାବରଣ ସମ୍ପର୍କରେ ଅତିଥି ଓ ବକ୍ତାମାନେ ଓଡ଼ିଶାର ସାମର୍ଥ୍ୟକୁ ବିଶ୍ୱ ଆଗରେ ଉପସ୍ଥାପିତ କରିଛନ୍ତି।

ପ୍ରବାସୀ ଯୁବ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରବାସୀଙ୍କୁ ଓଡ଼ିଶାର ବିକାଶ ଯାତ୍ରାରେ ସାମିଲ ହେବାକୁ ଆମନ୍ତ୍ରଣ ଜଣାଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଜ୍ଞାନକୌଶଳ, ଅକ୍ଷୟ ଶକ୍ତି, ଭିତ୍ତିଭୂମି ବିକାଶ, ଶିକ୍ଷା ଓ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏକାଠି କାମ କଲେ ଆମେ ଆହୁରି ସଶକ୍ତ ହେବା ଓ ବିକଶିତ ଓଡ଼ିଶା ଏବଂ ଭାରତ ଗଠନ ସମ୍ଭବ ହେବ। ଏହି ଦିବସ ଆୟୋଜନ ମାଧ୍ୟମରେ ଆମେ ବିଶ୍ୱର ୨୦୦ଟି ଦେଶରେ ରହୁଥିବା ୩୦ ନିୟୁତରୁ ଅଧିକ ଭାରତୀୟଙ୍କ ଅସାଧାରଣ ଅବଦାନ ପାଇଁ ଖୁସି ବ୍ୟକ୍ତ କରୁଛୁ। ପ୍ରବାସୀ ଭାରତୀୟମାନେ ଆମର ସାଂସ୍କୃତିକ ରାଜଦୂତ ଓ ସେମାନେ ସବୁଠାରେ ଭାରତର ଗୌରବକୁ ପ୍ରତିଫଳିତ କରୁଛନ୍ତି। ଉଦ୍ୟୋଗପତି ଗୋପୀଚାନ୍ଦ ହିନ୍ଦୁଜା ଓ ଏଲ୍. ଏନ୍. ମିତ୍ତଲ, କର୍ପୋରେଟ ଲିଡର ଇନ୍ଦିରା ନୁୟୀ, ସୁନ୍ଦର ପିଚାଇ ଓ ସତ୍ୟ ନାଡେଲା, ବୈଜ୍ଞାନିକ ଭେଙ୍କଟ ରାମକ୍ରୀଷ୍ଣନ୍ ଏବଂ ଫେସନ ଡିଜାଇନର ବିଭୂ ମହାପାତ୍ରଙ୍କ ପରି ବ୍ୟକ୍ତିତ୍ୱ ବିଶ୍ୱରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ପ୍ରତ୍ୟେକ ପ୍ରବାସୀ ଜଣେ ଜଣେ 'କଲଚରାଲ ଆମ୍ବାସଡର'। ତେଣୁ ପ୍ରବାସୀମାନେ ଓଡ଼ିଆ ଖାଦ୍ୟର ମଜା ନେବା ସହ ଓଡ଼ିଶାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜନ୍ମମାଟି ଭାରତ ସହିତ ସବୁବେଳେ ଆତ୍ମୀୟତା ରଖି ଆସିଛନ୍ତି। ବିଶ୍ୱର ଯେଉଁ ଦେଶରେ ରହିଥାନ୍ତୁ ନା କାହିଁକି, ଭାରତର ବିକାଶ ପାଇଁ ସେମାନେ ସର୍ବଦା ଇଚ୍ଛୁକ ରହିଥା'ନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅମୃତକାଳରୁ ବିକଶିତ ଭାରତର ଲକ୍ଷ୍ୟ ନେଇ ଆମେ ଆଗକୁ ବଢୁଛୁ। କୋଭିଡ୍ ସମୟରେ ଭାରତ ନିଜସ୍ୱ ଟିକା ତିଆରି କରିଥିଲା। ଚନ୍ଦ୍ରଯାନ-୩, ଗଗନଯାନ ମିଶନ ଗୋଟିଏ ଗୋଟିଏ ସଫଳତା। ବହୁତ ଯୁଗାନ୍ତକାରୀ ଯୋଜନା ଲୋକଙ୍କ ଜୀବନଧାରଣ ମାନକୁ ବଦଳାଇଛି। ସ୍ୱଚ୍ଛ ଭାରତ, ଆବାସ, ବେଟି ବଚାଅ ବେଟି ପଢ଼ାଅ ଏହାର ଉଦାହରଣ। ଆଗାମୀ ଦିନରେ ବିକଶିତ ଭାରତ ଲକ୍ଷ୍ୟର ନେତୃତ୍ୱ ଯୁବଗୋଷ୍ଠୀ ନେବେ ବୋଲି ଶ୍ରୀ ଜୟଶଙ୍କର ମତବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୭

# ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ

## ଆଜି ପ୍ରବାସୀ ଭାରତୀୟ ଦିବସକୁ କରିବେ ଉଦ୍‌ଘାଟନ



■ **ଭୁବନେଶ୍ୱର, ୮।୧ (ସମିସ):** ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବାପାଇଁ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ବିଶାଖାପାଟଣାରୁ ସ୍ୱତନ୍ତ୍ର ବିମାନ ଯୋଗେ ପ୍ରଧାନମନ୍ତ୍ରୀ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ବିଜେପି ରାଜ୍ୟ ସଭାପତି ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି। ସେ ରାଜଭବନରେ ରାତ୍ରୀଯାପନ କରିବେ। ଆସନ୍ତାକାଲି ସକାଳ ୧୦ ଟାରେ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ଏହା ସହ ପ୍ରବାସୀ ଭାରତୀୟମାନଙ୍କୁ ଦେଶର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବୁଲାଇବା ପାଇଁ ତିନି ଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଏକ୍ସପ୍ରେସକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ କରିବେ।

## ରାଜଧାନୀରେ ପୁଲିସ ବଳୟ ସତ୍ତ୍ୱେ ଅପରାଧୀଙ୍କ ବୀଭତ୍ସ କାଣ୍ଡ

# ରାସ୍ତାରେ ଗଡ଼ିଲା 'ପୁଲିସ ମିତ୍ର'ଙ୍କ କଟାମୁଣ୍ଡ

- ନିଶା କାରବାରକୁ ବିରୋଧ କରିବାରୁ ହତ୍ୟା
- ମୁଖ୍ୟ କାର୍ପେଟ୍‌ଦାର୍ ଜେଲ୍ ଫେରନ୍ତା ମହିଳା
- ଶରଣକୁଳରୁ ଧରାପଡ଼ିଲେ ଦମ୍ପତିଙ୍କ ସମେତ ୩
- ଆଇନଶୃଙ୍ଖଳାକୁ ନେଇ ସାଧାରଣରେ ଆତଙ୍କ



■ **ଭୁବନେଶ୍ୱର,୮ ।୧ (ସମିସ):** ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହେଉଛି ପ୍ରବାସୀ ଭାରତୀୟ ଦିବସ। ଏଥିରେ ସାମିଲ ହୋଇଛନ୍ତି ୭୦ରୁ ଅଧିକ ଦେଶର ପ୍ରତିନିଧି। ଉତ୍ସବରେ ଯୋଗଦେବା ପାଇଁ ଆସି ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଏହି ଉତ୍ସବ ପାଇଁ ଉପସ୍ଥିତ ଅଛନ୍ତି ଅନେକ କେନ୍ଦ୍ର ମନ୍ତ୍ରୀ। ପୁଣି ଉଦଯାପନୀ ଉତ୍ସବରେ ଯୋଗ ଦେବାକୁ ଆସୁଛନ୍ତି ରାଷ୍ଟ୍ରପତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ସମଗ୍ର ରାଜଧାନୀକୁ ପୁଲିସ ଛାଉଣୀରେ ପରିଣତ କରାଯାଇଛି। ରାଜରାସ୍ତାରୁ ଆରମ୍ଭ କରି ଗଳିକନ୍ଦିରେ ମୁତୟନ ହୋଇଛନ୍ତି କେନ୍ଦ୍ରୀୟ ନିରାପତ୍ତା ଯବାନ ସହିତ ରାଜ୍ୟ ପୁଲିସ ଫୋର୍ସ। ପୁଲିସ ବଳୟ ସତ୍ତ୍ୱେ ରାଜଧାନୀ ରାଜରାସ୍ତାରେ ଆଜି ଅପରାଧୀ ଘଟାଇଛନ୍ତି ବୀଭତ୍ସ କାଣ୍ଡ। ପୁଲିସକୁ ଚାଲେଞ୍ଜ ଦେଇ ଜଣେ ଯୁବକଙ୍କୁ ମୁଣ୍ଡକାଟି ହତ୍ୟା କରିଛନ୍ତି। ନିହତ ଯୁବକ 'ପୁଲିସ ମିତ୍ର' ଥିବା ଜଣାପଡ଼ିଛି। ଅପରାଧୀଙ୍କ ଏଭଳି କାଣ୍ଡ ରାଜଧାନୀରେ ଆତଙ୍କର ବାତାବରଣ ସୃଷ୍ଟି କରିଛି।

ଆଜିର ହତ୍ୟାକାଣ୍ଡ ଯେତିକି ବୀଭତ୍ସ, ସେତିକି ଲୋମଟାଙ୍କୁରା ଓ ଛାତିଥରା। ପ୍ରବାସୀ ଭାରତୀୟ ସମ୍ମିଳନୀ ଲାଗି କଡ଼ା ସୁରକ୍ଷା ବଳୟରେ ରାଜଧାନୀ ଥିବା ବେଳେ ଦିନରେ ଘଟିଛି ଅମାନବୀୟ ▶ପୃଷ୍ଠା-୭

## 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗରେ ଜେପିସିର ପ୍ରଥମ ବୈଠକ

# ସରକାର-ବିରୋଧୀ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୮।୧ (ଏଜେନ୍ସି):** 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ବିଲ୍‌କୁ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଦୃଢ଼ ବିରୋଧ କରିଛନ୍ତି। ଅନ୍ୟପକ୍ଷରେ

### ମତ ବଦଳାଇଲା ୱାଇଆର୍‌ଏସ୍ କଂଗ୍ରେସ; ବିଲ୍‌କୁ ବିରୋଧ

### ବାଲଟ୍ ପେପର ସପକ୍ଷରେ ଯୁକ୍ତି

### ବିଲ୍‌ରେ ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଲେ ନୀତୀଶଙ୍କ ସାଂସଦ



ବିଜେପି ନେତୃତ୍ୱରେ ଏନ୍‌ଡିଏ ସଭ୍ୟ ବିଲ୍ ସପକ୍ଷରେ ଯୁକ୍ତି ଦର୍ଶାଇ କହିଛନ୍ତି ।।ଯେ ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହା ଜରୁରୀ।

'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ଯୁଗ୍ମ ସଂସଦୀୟ କମିଟି ବା ଜେପିସିର ଆଜି ପ୍ରଥମ ବୈଠକ ହୋଇଥିଲା। ଏଥିରେ ଉଭୟ ପକ୍ଷ ନିଜ ନିଜ ଯୁକ୍ତି ଉପାସ୍ଥାପନ କରିଛନ୍ତି। ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକ ସମୟରେ ହେଲେ ନିର୍ବାଚନ ଖର୍ଚ୍ଚ କମିବ ବୋଲି ସରକାର ଯେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ସେ ସଂପର୍କରେ ବିରୋଧୀମାନେ ତଥ୍ୟ ଲୋଡ଼ିଥିଲେ। କେତେ ଖର୍ଚ୍ଚ କମିବ ସେସଂପର୍କରେ ଆକଳନ ▶ପୃଷ୍ଠା-୭

## ଦିଲ୍ଲୀ ବିଧାନସଭା ନିର୍ବାଚନ

# କଂଗ୍ରେସ ଏକଘରିଆ; କେଜ୍ରିୱାଲଙ୍କ ସମର୍ଥନରେ ମମତା ଓ ଅଖିଳେଶ

■ **ନୂଆଦିଲ୍ଲୀ,୮।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ଏବେ ନିର୍ବାଚନୀ ପ୍ରଚାରକୁ ନେଇ ସବୁ ପ୍ରମୁଖ ଦଳ ତତ୍ପର ହୋଇପଡ଼ିଛନ୍ତି। କିନ୍ତୁ ଏହି ନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ନେଇ ଏକ ଭିନ୍ନ କଥା ଦେଖାଯାଇଛି। ଦିଲ୍ଲୀ ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିକୁ ଟିଏମ୍‌ସି ଏବଂ ସମାଜବାଦୀ ପାର୍ଟି ସମର୍ଥନ ଦେଇଥିଲା ବେଳେ ଏହି ମେଣ୍ଟର ପ୍ରମୁଖ ଦଳ ଭାବେ କଂଗ୍ରେସ ଏକଘରିକିଆ ହୋଇପଡ଼ିଛି। ଉଭୟ କଂଗ୍ରେସ ଏବଂ ଆପ୍ ଇଣ୍ଡିଆ ମେଣ୍ଟର ଅଂଶୀଦାର ହୋଇଥିଲେ ମଧ୍ୟ ସେମାନେ ପରସ୍ପର ବିରୋଧରେ ଲଢ଼େଇ କରୁଛନ୍ତି।

ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଦିଲ୍ଲୀ ନିର୍ବାଚନରେ ଆପ୍‌କୁ ସମର୍ଥନ ଦେବାକୁ ଘୋଷଣା କରିସାରିଛନ୍ତି ବୋଲି କେଜ୍ରିୱାଲ ବୁଧବାର କହିଛନ୍ତି। ଇଣ୍ଡିଆ ମେଣ୍ଟର ଏହି ଦୁଇ ଦଳ ଆପ୍‌କୁ ସମର୍ଥନ କରିଥିବାରୁ ସେମାନଙ୍କୁ କେଜ୍ରିୱାଲ କୃତଜ୍ଞତା ଜଣାଇଛନ୍ତି। କେବଳ ଟିଏମସି କିମ୍ବା ସମାଜବାଦୀ ପାର୍ଟି ନୁହେଁ, ସେ ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ସହ କଥା ହୋଇଛନ୍ତି ଏବଂ ସେ ମଧ୍ୟ ନିର୍ବାଚନୀ ପ୍ରଚାର ଅଭିଯାନରେ ଆପ୍ ସମର୍ଥନରେ ପ୍ରଚାର କରିବେ ବୋଲି କେଜ୍ରିୱାଲ କହିଛନ୍ତି। ନିର୍ବାଚନ ପୂର୍ବରୁ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ଓ ଆପ୍ ମୁହାଁମୁହିଁ ହୋଇଛନ୍ତି। କିନ୍ତୁ ଆପ୍‌କୁ ଟିଏମସି ଏବଂ ସମାଜବାଦୀ ପାର୍ଟିର ଖୋଲାଖୋଲି ସମର୍ଥନ କଂଗ୍ରେସ ପାଇଁ ଏକପ୍ରକାର ଚିନ୍ତାର କାରଣ ହୋଇଛି। ଏହି ଦୁଇ ଦଳ କେଜ୍ରିୱାଲଙ୍କୁ ସମର୍ଥନ କରି ସେମାନେ କଂଗ୍ରେସ ଠାରୁ ମୁହଁ ଫେରାଇ ନେବାର ସଙ୍କେତ ଦେଇଛନ୍ତି।

# ତିରୁପତି ମନ୍ଦିରରେ ଦଳାଚକଟା; ୭ ମୃତ

■ **ତିରୁପତି, ୮।୧ (ଏଜେନ୍ସି):** ତିରୁମାଲା ତିରୁପତି ମନ୍ଦିର ପରିସରରେ ବୁଧବାର ବାଲାଜୀଙ୍କ ବୈକୁଣ୍ଠ ଦ୍ୱାର ଦର୍ଶନ ପାଇଁ ଦଳାଚକଟା ହେବାରୁ ୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହିତ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ତାଙ୍କ ନାମ ମଲ୍ଲିକା ଏବଂ ସେ ତାମିଲନାଡୁର ସାଲେମ ଅଞ୍ଚଳର ବୋଲି ଜଣାପଡ଼ିଛି। ଆହତମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗମ୍ଭୀର ଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ବୈକୁଣ୍ଠ ଏକାଦଶୀ ପାଇଁ ମନ୍ଦିର ପରିସରରେ ପ୍ରବଳ ଭିଡ଼ ହୋଇଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରଦ୍ଧାଳୁମାନେ ବାଲାଜୀଙ୍କ ବୈକୁଣ୍ଠ ଦର୍ଶନ ପାଇଁ ଭିଡ଼ ଜମାଇଥିଲା ବେଳେ ସେମାନଙ୍କ ପାଇଁ ଟୋକନ୍ ବ୍ୟବସ୍ଥା କରାଯାଇଥିଲା। ଏକ ନିର୍ଦ୍ଦିଷ୍ଟ କାଉଣ୍ଟରରୁ ଟୋକନ୍ ନେବାକୁ ଯାଇ ଦଳାଚକଟା ଆରମ୍ଭ ହୋଇଯାଇଥିଲା। ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ପ୍ରଶାସନ ପକ୍ଷରୁ ଘଟଣାର ଯାଞ୍ଚ କରାଯାଉଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତ ଶ୍ରଦ୍ଧାଳୁମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



## ଅଦିନିଆ ବର୍ଷାରେ ଫସଲ କ୍ଷୟକ୍ଷତି

# ପଙ୍ଖାରେ ଝୁଲି ଜୀବନ ହାରିଲେ ଯୁବଚାଷୀ



**୧୫ ଦିନରେ ଗଲାଣି ୧୩ ଚାଷୀଙ୍କ ପ୍ରାଣ**

■ **ରଘୁନାଥପୁର,୮।୧ (ସମିସ):** ଅଦିନିଆ ବର୍ଷାଜନିତ ଫସଲ କ୍ଷତି ନେଇଛି ପୁଣି ଜଣେ ଯୁବ ଚାଷୀଙ୍କ ଜୀବନ। କ୍ଷେତରେ ଉଜୁଡ଼ା ଫସଲ ଓ କରଜ ଚିନ୍ତା ଯୋଗୁଁ ରଘୁନାଥପୁର ବ୍ଲକ ତଅଁରା ବିଲସାହିର ଯୁବ ଭାଗଚାଷୀ ଅଶୋକ ପରିଡ଼ା ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିବା ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ଅଶୋକଙ୍କୁ ମିଶାଇ ଗତ ୧୫ ଦିନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୩ ଜଣ ଚାଷୀଙ୍କ ଜୀବନ ଗଲାଣି । କିଛି ଚାଷୀ ଆତ୍ମହତ୍ୟା କରିଥିବାବେଳେ ଆଉ କିଛି ଫସଲ ନଷ୍ଟ କ୍ଷତି ସହି ନ ପାରି କ୍ଷେତରେ ଟଳି ପଡ଼ିଛନ୍ତି।

ସୂଚନା ଅନୁସାରେ ଅଶୋକ ନିଜ ଜମି ସହ ସେହି ଗ୍ରାମର ବିଜୟ କୁମାର ପରିଡ଼ା, ବାବୁଲାଲ ପରିଡ଼ା, ଦୟାନିଧି ରାଉତ, ନିଶାକର ମହାନ୍ତି ଓ ପ୍ରକାଶ ସାମଲଙ୍କଠାରୁ ୧୦ଏକର ଜମି ଆଣି ଭାଗଚାଷ ▶ପୃଷ୍ଠା-୭

## ସହାୟତା ଆଳରେ ଅସଦାଚରଣ

# ବନ୍ଧାହେଲେ ଆରପିଏଫ୍ ଅଧିକାରୀ

■ **ଭୁବନେଶ୍ୱର, ୮ ।୧(ସମିସ):** ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଇଥିଲେ, ଫେରିଲା ବେଳକୁ ବିଳମ୍ବ ହେବାରୁ ହଷ୍ଟେଲ ଗେଟ୍ ଖୋଲି ନ ଥିଲା। ରେଳ ଷ୍ଟେସନକୁ ସୁରକ୍ଷିତ ସ୍ଥାନ ଭାବି ରାତି କଟାଇବାକୁ ଚିନ୍ତା କରି ସେଠାରେ ବସିଥିବାବେଳେ ଜଣେ ଆରପିଏଫ ଅଧିକାରୀ ପହଞ୍ଚି ଥାନାରେ ଯାଇ ବିଶ୍ରାମ ନିଅ ବୋଲି ଡାକିଲେ। ପୁଲିସ ଡାକୁଥିବାରୁ ଅଧିକ ସୁରକ୍ଷିତ ମଣି ଯୁବତୀଙ୍କ ସାହସ ଦ୍ୱିଗୁଣିତ ହୋଇ ଯାଇଥିଲା। ହେଲେ ରକ୍ଷକ ହୋଇ ଭକ୍ଷକ ସାଜିଲେ ଆର୍‌ପିଏଫ୍ ଅଧିକାରୀ। ଯୁବତୀଙ୍କୁ ସହାୟତା ଆଳରେ ପରିତ୍ୟକ୍ତ ଘରେ ଗୃହ ବନ୍ଦୀ କରି ରଖିଲେ। ଏମିତିକି ବିବାହ କରିବାକୁ ବାଧ୍ୟ କଲେ। ଏପରିକି ଅସଦାଚରଣ କରିବାକୁ ମଧ୍ୟ ପଛାଇଲେ ନାହିଁ। କୌଶଳକ୍ରମେ ଯୁବତୀଜଣକ ଜଣେ ସଂପର୍କୀୟଙ୍କୁ ଫୋନ୍ କରି ଡକାଇଲେ। ସଂପର୍କୀୟଜଣକ ଲାଇଭ୍ ▶ପୃଷ୍ଠା-୭



### ପରିତ୍ୟକ୍ତ ଘରୁ ଯୁବତୀଙ୍କୁ ଉଦ୍ଧାର କଲା ପୁଲିସ

ସକାଳ THE SAKALA



■ ପୁଲିସ କର୍ମଚାରୀ ଠକେଇର ଶିକାର

# ଫେସବୁକ୍ ବାନ୍ଧବୀ ଠକିନେଲେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ବାରିପଦା, ୮ ।୧(ସମିସ): ବାରିପଦାର ଜଣେ ରିଜର୍ଭ ପୁଲିସର କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। ଫେସବୁକରେ ବନ୍ଧୁତା ସମ୍ପର୍କ ସୃଷ୍ଟି କରି ଜଣେ ବାନ୍ଧବୀ ତାଙ୍କଠାରୁ ୬ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ପୁଲିସ କର୍ମଚାରୀ ରାମଚନ୍ଦ୍ର ମହାଳି ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଫେସବୁକରେ ପ୍ରଭାତି ମାଝୀ ନାମକ ଜଣେ ଯୁବତୀ ସହିତ ବନ୍ଧୁତା ସୃଷ୍ଟି ହୋଇଥିଲା। ତାଙ୍କ ଘର କେନ୍ଦୁଝର ଜିଲ୍ଲାରେ ଏବଂ ନର୍ସିଂ ଛାତ୍ରୀ ବୋଲି କହିଥିଲେ। ଫୋନ ନମ୍ବର ନେଇ କଥା ହେଉଥିବା ବେଳେ ବିଭିନ୍ନ ମିଛ ବାହାନ କରି ତାଙ୍କୁ ଟଙ୍କା ମାଗିଥିଲେ। ପରିବାର ଲୋକଙ୍କ ଚିକିତ୍ସା କାରଣ ଦେଖାଇ ପର୍ଯ୍ୟାୟକ୍ରମରେ ସେ ବିଭିନ୍ନ ଆକାଉଣ୍ଟ ଜରିଆରେ ସମୁଦାୟ ୬,୦୬,୩୦୦ଟଙ୍କା ନେଇଛନ୍ତି। ସେ ଟଙ୍କା ଫେରସ୍ତ ମାଗିବାରୁ ଆଉ ଯୋଗାଯୋଗ କରିନଥିଲେ। ଏହାପରେ ତାଙ୍କ ମୋବାଇଲ ନମ୍ବରଟି ବ୍ଲକ କରି ଦେଇଛନ୍ତି। ଯାହାକୁ ନେଇ ସେ ନିରୁପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଥାନରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

# ଚାକିରି ପ୍ରଲୋଭନ ଦେଖାଇ ୨.୫ ଲକ୍ଷ ହଡ଼ପ

ବାରିପଦା, ୮ ।୧(ସମିସ): ଜଣେ ମହିଳାଙ୍କୁ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ୨ଲକ୍ଷ ୫୦ହଜାର ଟଙ୍କା ତଞ୍ଚକତା କରି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ତୁଳସୀଚୌରା ଅଞ୍ଚଳର ଶୁଭସ୍ମିତା ଦାସ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଡାଅସ୍ତିଆ ଅଞ୍ଚଳର ପ୍ରସନ୍ନ ସେଠୀଙ୍କ ସହିତ ତାଙ୍କର ପାରିବାରିକ ସମ୍ପର୍କ ରହିଥିଲା। ଶୁଭସ୍ମିତା ଚାକିରି ଖୋଜୁଥିବା ବେଳେ ସେ ତାଙ୍କୁ ଚାକିରି କରାଇଦେବେ ବୋଲି ସେ ଟଙ୍କା ମାଗିଥିଲେ। ପରେ ସେ ପର୍ଯ୍ୟାୟକ୍ରମରେ ୨ଲକ୍ଷ ୫୦ଟଙ୍କା ଦେଇଥିଲେ; କିନ୍ତୁ ନିଯୁକ୍ତି ପତ୍ର ମିଳି ନ ଥିଲା। ବାରମ୍ବାର ସମୟ ଗଡ଼ିବା ପରେ ଚାକିରି ହେବ ନାହିଁ ବୋଲି କହିଥିଲେ। ତେବେ ଉକ୍ତ ଟଙ୍କା ଦେବେ ବୋଲି କହିଥିବା ସତ୍ତ୍ୱେ ଫେରସ୍ତ କରିନଥିଲେ। ବାରମ୍ବାର ଟଙ୍କା ମାଗିବାରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଯାହାକୁ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୧୧ ଛଉନୃତ୍ୟ ମହୁରୀ ବାଦକଙ୍କ ଦିଲ୍ଲୀଯାତ୍ରା

# ସାଧାରଣତନ୍ତ୍ର ଦିବସ ପରେଡ଼ରେ ଭାଗନେବେ

ବାରିପଦା, ୮ ।୧(ସମିସ): ଆସନ୍ତା ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଦେଶର ୩୦୦ ବାଦ୍ୟକାରମାନଙ୍କୁ ନେଇ କର୍ତ୍ତବ୍ୟ ପଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ମୟୂରଭଞ୍ଜ ଛଉ ନୃତ୍ୟର ୧୧ ଜଣ ମହୁରୀ ବାଦକ ଦିଲ୍ଲୀଯାତ୍ରା କରିଛନ୍ତି। ସେପଟେ ଷଢେଇକଳା ଏବଂ ପୁରୁଲିଆ ଛଉ ନୃତ୍ୟର ମହୁରୀ ବାଦକମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଏହାର ଆୟୋଜନ କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟର ଚନ୍ଦନ କିଆରୀସ୍ଥିତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଛଉ



କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ତିନୋଟି ରାଜ୍ୟର କଳାକାରଙ୍କୁ ଦିଲ୍ଲୀ ନିଆଯାଇଛି। ମୟୂରଭଞ୍ଜରୁ ଯାଇଥିବା ମହୁରୀ ବାଦକଙ୍କ ମଧ୍ୟରେ ଅଶୋକ ବୈଠା, ଟାର୍ଜନ ଘଡେଇ, ସଞ୍ଜୀବ କାଳନ୍ଦୀ, ଛୁଟୁ ଘୁନିଆ, ଜଗଦୀଶ ବୈଠା, ଲକ୍ଷ୍ମୀଧର ବୈଠା, ହରିଶ ଚନ୍ଦ୍ର କାଳନ୍ଦୀ, ବିଦ୍ୟାଧର କାଳନ୍ଦୀ, ଦୀନଦୟାଲ ମହାନ୍ତ, ଅଶୋକ କୁମାର ପାତ୍ର ଓ କାହ୍ନାଇ ବାନ୍ରା ପ୍ରମୁଖ ଅଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ସାଧାରଣତନ୍ତ୍ର ଦିବସ ଅବସରରେ ମୟୂରଭଞ୍ଜ ଛଉ ନୃତ୍ୟ ଦଳ ନିୟମିତ ଭାବେ ଦିଲ୍ଲୀ ଯାଇ ସେଠାରେ ନୃତ୍ୟ ପ୍ରଦର୍ଶନ କରି ଆସୁଥିଲେ। ମାତ୍ର ୧୫ ବର୍ଷ ହେବ କୌଣସି କାରଣରୁ ଏହା ବନ୍ଦ ହୋଇ ଯାଇଥିଲା। ଦିଲ୍ଲୀ ଯାତ୍ରା କରିଥିବା କଳାକାରଙ୍କୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ, ଗୁରୁ ତଥା ଛଉ କେନ୍ଦ୍ରର ଉପଦେଷ୍ଟା ପାଗୁଲୁ ଜେନା ଏବଂ ଟ୍ରଷ୍ଟି ବିଭୁଦତ୍ତ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ମକର ମହୋତ୍ସବ ଉଦ୍‌ଘାଟିତ



ରାସଗୋବିନ୍ଦପୁର,୮।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅମରଦା ଯୁବକ ସଂଘ ଆନୁକୂଲ୍ୟରେ ମକର ମହୋତ୍ସବ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଅମରଦା ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଆଞ୍ଚଳିକ ପରିଚାଳକ ଅତୁଲ କୁମାର ମହାନ୍ତି ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦାସ, ଯୁବ ସମାଜସେବୀ ମାନବ ମହାନ୍ତି, କ୍ଲବର ସଭାପତି ସଞ୍ଜିବ ଦାସ, ସମ୍ପାଦକ ଅସିତ ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ କ୍ଲବର ସଦସ୍ୟ ବିକାଶ ପଟ୍ଟନାୟକ, ଆକାର ପଟ୍ଟନାୟକ, ଶିବୁ ପାତ୍ର, ଜୟନ୍ତ, ବାପି ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୩୫ତମ ଆଭାସ ଚନ୍ଦ୍ର ମେମୋରିଆଲ କର୍କ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୮ଟି ଟିମକୁ ନେଇ ଜାନୁଆରୀ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୫ତମ ସୋମନାଥ ସ୍ମାରକୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ ଓ ୧୨ତାରିଖରେ ଅନୁଷ୍ଠିତ ହେବ। ଛୋଟ ପିଲାମାନଙ୍କ ୨୫ପ୍ରକାର ଖେଳ ଆୟୋଜିତ ହେବାକୁ ଥିବା ବେଳେ ୧୩ ଜାନୁଆରୀରେ ରକ୍ତଦାନ ଶିବିର ଏବଂ ମେଗା ଫାଇନାଲ ଅନୁଷ୍ଠିତ ହେବ।

# ଏସ୍‌ଏସ୍‌ଡି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଶୋଇ,୮ ।୧ (ସମିସ): ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶ୍ଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଶ୍ରୀମତୀ ସାମଲ ଯୋଗଦେଇ ଉତ୍ତମ ଶିକ୍ଷା ସହିତ, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର, କଠିନ ପରିଶ୍ରମ, ଆତ୍ମବିଶ୍ୱାସ ଓ ଉତ୍ତମ ବ୍ୟବହାର ଭବିଷ୍ୟତରେ ଜଣେ ଛାତ୍ରକୁ ସଫଳ ବ୍ୟକ୍ତି କରିପାରିବ ବୋଲି ବ୍ୟକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ପିଏ ଆଇଟିଡିଏ ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ ଯୋଗଦେଇ ଉତ୍ତମ ଚରିତ୍ର ଓ ସୁସ୍ଥ ସମାଜ ଗଠନ ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସିଆରସି (ବିଶୋଇ) ରଞ୍ଜିତା ସେଠୀ, ସିଆରସି(ଲୁହାକାନି) ବେବିସ୍ମିତା ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଅତିଥିମାନେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ସାଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ।

# ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା

ମୋରଡା,୮।୧(ସମିସ): ମୋରଡା ବ୍ଲକ ଅନ୍ତର୍ଗତ କୋହି ଅଙ୍ଗନୱାଡି କେନ୍ଦ୍ରରେ ଖାଦ୍ୟ ପ୍ରଦାନରେ ଅନିୟମିତତା ନେଇ ମଙ୍ଗଳବାର ଅଭିଭାବକମାନେ କେନ୍ଦ୍ରରେ ତାଲା ପକାଇଦେଇଥିଲେ। ଅଭିଯୋଗ ମୁତାବକ, ଉକ୍ତ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଅଞ୍ଜନା ପାତ୍ର ଖାଦ୍ୟ ପ୍ରଦାନରେ ଅନିୟମିତତା କରିବା ସହିତ ଅଭିଭାବକଙ୍କୁ ଖରାପ ବ୍ୟବହାର କରନ୍ତି। ଏଥିସହିତ କର୍ମୀ ଅଞ୍ଜନାଙ୍କ ସ୍ୱାମୀ ଅଙ୍ଗନବାଡି କେନ୍ଦ୍ରର ସମସ୍ତ କଥାରେ ମୁଣ୍ଡ ଖେଳାନ୍ତି। ଅଞ୍ଜନାଙ୍କ ସ୍ୱାମୀ ଅଙ୍ଗନବାଡି କେନ୍ଦ୍ରରେ ଉପସ୍ଥିତ ରହିବା ଫଳରେ ମହିଳାମାନେ ତାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଆଲୋଚନା କରିପାରନ୍ତି ନାହିଁ। ଏ ସବୁକୁ ନେଇ ଗ୍ରାମର ମହିଳାମାନେ ଗତକାଲି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ତେବେ ଆଜି ମୋରଡା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ, ଅଙ୍ଗନବାଡି ସୁପରଭାଇଜର, ମୋରଡା ବିଡ଼ିଓ ଅଣାକର ନାଏକ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲେ। ବିଡ଼ିଓ ଅଣାକର ନାଏକ ଓ ସିଡିପିଓ ମହିଳାଙ୍କୁ ସବୁ ଘଟଣାର ପୁନରାବୃତ୍ତି କଲେ ସମ୍ପୃକ୍ତ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କୁ ଯୋଗାଯୋଗ କରିବାରୁ ଅଫିସ ତରଫରୁ ସୁପରଭାଇଜର ସୁଷମା ପାଣିଗ୍ରାହୀ ଉକ୍ତ ଅଙ୍ଗନୱାଡିକୁ ତଦାରଖ କରିବା ପାଇଁ ଯିବା ସହିତ କର୍ମୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ କୈଫୟତ ତଲବ କରାଯିବ ବୋଲି କହିଛନ୍ତି।

# ପିକ୍‌ନିକ୍ ପାଇଁ ଚାନ୍ଦା ମାଗି ଫସିଲେ ସ୍ୱାମୀ ସହ ବିଜେପି ନେତ୍ରୀ

ବାରିପଦା, ୮ ।୧(ସମିସ): ପିକନିକ କରିବା ପାଇଁ ଚାନ୍ଦା ମାଗି ବିଜେପି ନେତ୍ରୀ ବୋଲି ପରିଚୟ ଦେଉଥିବା ମହିଳା ଜଣକ ହରଡ଼ଘଣାରେ ପଡିଛନ୍ତି। ମହିଳା ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ବଡ଼ବଜାର ଅଞ୍ଚଳର ଯଶୋଦାରାଣୀ ଦାସ। ସେ ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରୁଥିଲେ। ଏ ନେଇ ବାରିପଦା ଟାଉନ ଥାନାରେ ଲାଲବଜାର ଅଞ୍ଚଳର ସେକ୍ ଅହମଦଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି। ସେକ ଅହମ୍ମଦ ବାରିପଦା ସହରରେ ଲଟେରୀ ବେପାର କରନ୍ତି। ମୟୂରୀ ମା' ଶୀତଳା ମହିଳା ସଙ୍ଗଠନର ମହିଳାମାନେ ପିକନିକ କରିବାକୁ ଯିବେ। ସେଥିପାଇଁ ଯଶୋଦା ଦାସ ଓ ତାଙ୍କ ସ୍ୱାମୀ ହେମନ୍ତ ଦାସ ସେକ ଅହମ୍ମଦଙ୍କୁ ଚାନ୍ଦା ମାଗିଥିଲେ। ବିଭିନ୍ନ ଧମକ ଚମକ ଦେଇ ମହମ୍ମଦଙ୍କଠାରୁ ୬ ହଜାର ଟଙ୍କା ଚାନ୍ଦା ନେଇଥିଲେ। ପୁଣି ଆଉ ୫ ହଜାର ଟଙ୍କା ମାଗିଥିଲେ। ଟଙ୍କା ନଦେଲେ ଏସପି ନିକଟକୁ ନେଇ ଗିରଫ କରେଇ ତ ବେପାର ବନ୍ଦ କରେଇଦେବି ବୋଲି ଫୋନରେ ଧମକ ଦେଇଥିଲେ। ଫୋନରେ ସେକ ଅହମଦ ରେକର୍ଡିଂ କରିଥିଲେ। ପରେ ସେ ବାରିପଦା ଟାଉନ ଥାନାରେ ରେକଡିଂ ସହ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ଦମ୍ପତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ପୂର୍ବରୁ ଏକ ଅପହରଣ ମାମଲାର ସହଯୋଗୀ ଭାବେ ବାରିପଦା ଟାଉନ ଥାନାରେ ଅଭିଯୋଗ ରହିଛି। ତେବେ ଏହି ଅଭିଯୋଗକୁ ଦମ୍ପତି ଖଣ୍ଡନ କରିଛନ୍ତି।

■ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

# ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ




ରାଇରଙ୍ଗପୁର/ତିରିଂ, ୮ ।୧(ସମିସ): ମୟୂରଭଞ୍ଜ ତିରିଂ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ତିରିଂ ବିଡିଓ ବାସନ୍ତୀ ଲାକ୍ରା ଶିବିରକୁ ଉଦଘାଟନ କରି ବିଶ୍ୱର ସର୍ବଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଜୁନିୟର ରେଡ଼କ୍ରସ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତିରିଂ ବ୍ଲକ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନା, ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶୁଭଶ୍ରୀ ସିଂହ, ଓଷ୍ଟା ସଙ୍ଘର ସଭାପତି ଚିତ୍ତରଞ୍ଜନ ପଳତା, ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ବନ୍ୟା, ବାତ୍ୟା, ରଥଯାତ୍ରା ସମୟରେ ରେଡକ୍ରସର ଭୂମିକା ଅତୁଳନୀୟ ବୋଲି କହିଥିଲେ। ସମ୍ମାନି ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ପ୍ରଭାସ କୁମାର ଦାସ ଯୋଗ ଦେଇ ରେଡକ୍ରସର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ରାଜ୍ୟସାଧନକର୍ମୀ ଡ଼ ଶଶିଧର ବିଶ୍ୱାଳ, ରାଜ୍ୟ ସାଧନକର୍ମୀ ସତ୍ୟନାରାୟଣ ଦାସ, ଜିଲ୍ଲା ସାଧନକର୍ମୀ ମିତା ହାଁସଦା ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ ଯୋଗ ଦେଇଥିଲେ। ତିରିଂ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ରାଧାକାନ୍ତ ମହାରଣା, ସୁବଳ ଚନ୍ଦ୍ର ଦାସ ମହାପାତ୍ର, ବିମଳ ମହାନ୍ତ, ରଞ୍ଜନ ମହାନ୍ତ, ଶରତ ଘଣା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ, ବୀରେନ୍ଦ୍ର ଦଳେଇ, ଦୀପକ କୁମାର ରାମ,ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥଲେ।

## ଷଢେଇକଳାର ଓଡ଼ିଆ କୃଷକଙ୍କ ଉପରେ ନିର୍ଯାତନା ଅଭିଯୋଗ

# ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗିଲେ ବିଚ୍ଛିନାଞ୍ଚଳ ଓଡ଼ିଆ

ରାଇରଙ୍ଗପୁର, ୮ ।୧(ସମିସ): ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଚାଷୀ ଝାରଖଣ୍ଡ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ନିର୍ଯାତିତ ହେଉଛନ୍ତି। ତେଣୁ ସେମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକ ଚିଠି ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରେରଣ କରାଯାଇଛି। ଷଢେଇକଳା ଖରସୁଆଁର ହିନ୍ଦୁ କୃଷକ ସେଠାକାର ପୁଲିସର ଓଡ଼ିଆ ବିରୋଧୀ ନୀତି ସହିତ ଲାଞ୍ଚ ନ ଦେବା ଯୋଗୁଁ ଓଡ଼ିଆ କୃଷକଙ୍କୁ ଗୋ ଚାଲାଣ ଓ ଗୋହତ୍ୟା ଆଦି ଅଭିଯୋଗରେ ଜେଲ ପଠାଯାଉଛି। ସୂଚନା ଅନୁସାରେ, ଗତ ୨୦୨୪ ମସିହା ଡିସେମ୍ବର ୨୬ ତାରିଖରେ ଷଢେଇକଳା ଅଞ୍ଚଳର ତିନି ଜଣ ଚାଷୀ ରଜନୀକାନ୍ତ ପ୍ରଧାନ, ରଞ୍ଜନ ପ୍ରଧାନ, ଅବିଶ୍ୱଜିତ ପ୍ରଧାନ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ହାଟବାଦଡ଼ା ସାପ୍ତାହିକ ଗୋରୁ ହାଟରୁ ତିନି ହଳ ବଳଦ କିଣି ଝାରଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ଜିଲ୍ଲା ଖରସୁଆଁ ନିକଟ ରଳାଡିହିକୁ ଗାଡ଼ିରେ ଆଣୁଥିଲେ। ହେଲେ ଷଢେଇକଳା ଥାନା ପୁଲିସ ମାଜଣା ଘାଟ ପୋଲ ପାଖରୁ ଗାଡ଼ିକୁ ଜବତ



କରି ଥାନାକୁ ନେଇଥିଲା। ସେଠାରେ ଚାଷୀମାନେ ପୁଲିସକୁ ହାଟରୁ ଗୋରୁ କିଣା ହୋଇଥିବା ଓଡ଼ିଆରେ ଲେଖା ରସିଦ ଦେଖାଇଥିଲେ; କିନ୍ତୁ ଝାଡଖଣ୍ଡ ପୁଲିସ ଓଡ଼ିଆ ରସିଦକୁ ପଢ଼ିବା ବଦଳରେ ଫୋପାଡି ଦେଇଥିଲେ। ଏହା ପରେ ପୁଲିସ ୨ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ସଂପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଟଙ୍କା ନ ଦେବାରୁ ପୁଲିସ ଗାଡି ଡ୍ରାଇଭର ବିଶ୍ୱଜିତ ଦଳାଇଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପରଦିନ ଚାଳକଙ୍କୁ ଗୋ ଚାଲାଣ କ୍ରୂରତା ସହ ଗୋ ହତ୍ୟା ଧାରା ୧୧ ଓ ୧୨(୨) ଲଗାଇ ପୁଲିସ କୋର୍ଟ ଚାଲାଣ କରିଥିଲା। ପୁଲିସର ଏଭଳି କାର୍ଯ୍ୟକଳାପ ବିରୋଧରେ ଚାଳକଙ୍କ ବଡଭାଇ ରଞ୍ଜନ ଦଳେଇ ପୁଲିସ ଅଧୀକ୍ଷକ ଏବଂ ଏସଡିଏମ୍ ଷଢେଇକଳାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ବ୍ୟତୀତ ଚାଷ କାର୍ଯ୍ୟ ପାଇଁ ଅଣାଯାଉଥିବା ଗୋ ସମ୍ପଦଗୁଡିକ ଉପରେ ଚକ୍ରାନ୍ତ କରି ଗୋ ଚାଲାଣ ମାମଲା ରୁଜୁ କରି ଜେଲ ପଠାଯିବା ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ। ଏ ସଂପର୍କରେ ଏକ ଚିଠି ଓଡିଶା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ପ୍ରେରଣ କରିଛନ୍ତି। ଏଥି ସହିତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ ନକଲ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମଧ୍ୟ ପଠାଯାଇଛି।

# ପୋଚ ଓ ମଦ ଜବତ; ୩ ଗିରଫ

ବଡ଼ସାହି,୮।୧(ସମିସ): ବଡ଼ସାହି ଥାନା ଅଧୀନ ଧନାସାହି, ଟଙ୍ଗାଶୋଳ, ମହୁପୁରା ଓ ରାଉତରାୟପୁର ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀ ମଦ କାରବାର ହେଉଥିବା ଖବର ପାଇ ଚଢଉ କରିଛି ଅବକାରୀ ବିଭାଗ। ଚଢଉ ସମୟରେ ୧୭୫୦ଶହ କେଜି ପୋଚ, ୫.୭୫ ଲିଟର ବିୟର ଓ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଥିବା ଧନାସାହି ଗ୍ରାମର ସୁକୁମାର ବେହେରା, ଟଙ୍ଗାଶୋଳ ଗ୍ରାମର ସୁକାନ୍ତ ରାଉତ, ମହୁପୁରା ଗ୍ରାମର ଗଣେଷ ମହାନ୍ତକୁ ଗିରଫ କରାଯାଇଛି।

# ମୃତକଙ୍କ ପରିବାରକୁ ସହାୟତା

ରାଇରଙ୍ଗପୁର,୮ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ଗ୍ରାମ ପଞ୍ଚାୟତ କୁଦରସାହି ଗ୍ରାମର ଜଣେ ମୃତକଙ୍କ ପରିବାରକୁ ହ୍ୟାପିନେସ୍ ଆଦିବାସୀ ଆଞ୍ଚଳିକ ବିକାଶ ସଂସ୍ଥା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। କୁଦରସାହି ଗାଁର ସୀତାରାମ ମାରାଣ୍ଡିଙ୍କ ପତ୍ନୀ ଇନ୍ଦୋ ମାରାଣ୍ଡିଙ୍କ ଦେହାନ୍ତ ହୋଇଯାଇଥିଲା। ହ୍ୟାପିନେସ ଆଦିବାସୀ ଆଞ୍ଚଳିକ ବିକାଶ ସଂଗଠନ ପକ୍ଷରୁ ତାଙ୍କ ବଡ଼ ପୁଅ ଭାଦ ମାରାଣ୍ଡିଙ୍କୁ ୨ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ସଂଗଠନର ଗ୍ରାମୀଣ ବିକାଶ ସଂଯୋଜିକା ଭଗବତୀ ମାରାଣ୍ଡି ଓ ସଭାପତି ରଘୁନାଥ ମୁର୍ମୁଙ୍କ ସହିତ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ।

# ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର

ରାଇରଙ୍ଗପୁର,୮ ।୧(ସମିସ): ଜାମଦା ବ୍ଲକ କଇଁପୁରସ୍ଥିତ ଏସ୍.ବି.ଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରକୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତ ଉଦଘାଟନ କରିଥିଲେ। ଏଥିରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଡିଇଓ ରଜତ କୁମାର ଗିରି ଓ ନୋଡ଼ାଲ ଅଫିସର ତଥା କଲେଜର ଖେଳ ଶିକ୍ଷକ ରଜତ କୁମାର ଗିରି ପ୍ରମୁଖ କାର୍ଯ୍ୟକ୍ରମର ଉପଯୋଗିତା ସଂପର୍କରେ ମତ ଦେଇଥିଲେ। ଅଧ୍ୟାପକ ମାନସ କୁମାର ପରିଡ଼ା ୧୫୨ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଆତ୍ମସୁରକ୍ଷା କୌଶଳ ସଂପର୍କରେ ସୂଚନା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ୧୮ ତାରିଖଯାଏ ଚାଲିବ।






# ଆଜି ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ

ବାରିପଦା, ୮ ।୧(ସମିସ): ପାଲବଣି ଷ୍ଟେସନ ଆଥେଲେଟିକ ଆସୋସିଏସନ ପଡିଆରେ ଚାଲିଥିବା ରୟାଲ ପ୍ରିମିୟର ଲିଗ ଜେଡିପି କପର ସପ୍ତମ ଦିନରେ ଦୁଇଟି ରୋମାଞ୍ଚକର ମ୍ୟାଚ୍ ଏଲିମିନେଟର ଓ ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଏଲିମିନେଟର ମ୍ୟାଚରେ ପଏଣ୍ଟ ଟେବୁଲର ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଥ୍ରିଲର ଦଳ ଭି ରୋର ଦଳକୁ ୨୦ ରନରେ ପରାସ୍ତ କରିଥିଲା। ରଥୁ ନାୟକ ଏହି ମ୍ୟାଚର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପରେ ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚରେ ସ୍ମାସର୍ସ ଦଳ ଥ୍ରିଲର ଦଳକୁ ୧୭ ରନରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଶୁଭାଶିଷ ଦେ ଏହି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୁରୁବାର ଅପରାହ୍ନ ୨ ଘଟିକା ସମୟରେ ମେଗା ଫାଇନାଲ ଖେଳ ଜଗନ୍ନାଥ ୱାରିଅର୍ସ ଓ ସ୍ମାସର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହେବ।






■ ୨ଟି ବହୁମୁଖୀ ବନ୍ୟା-ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ଅନିଶ୍ଚିତତା

# ଅର୍ଥାଭାବରୁ ଟେଣ୍ଡର ପରେ ବି ହେଉନି ନିର୍ମାଣ

**ବାରିପଦା, ୮ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଦୁଇଟି ସ୍ଥାନରେ ନିର୍ମାଣ ହେବାକୁ ଥିବା ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ଅର୍ଥାଭାବରୁ ଟେଣ୍ଡର ପରେ ବି ଏହି ଦୁଇଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହୋଇପାରୁନି। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗରେ। ମୟୂରଭଞ୍ଜ ଜିଲ୍ଲାରେ ବର୍ତ୍ତମାନ ୧୦ଟି ବହୁମୁଖୀ ବନ୍ୟ/ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ତେବେ ୨୬ଟି ବ୍ଲକ ୪୦୪ ପଞ୍ଚାୟତକୁ ନେଇ ଗଠିତ ଜିଲ୍ଲାରେ ପ୍ରବାହିତ ପ୍ରମୁଖ ନଦୀ ସଂଲଗ୍ନ ଗ୍ରାମ ପାଇଁ ଉପରୋକ୍ତ ଆଶ୍ରୟସ୍ଥଳୀ ନଗଣ୍ୟ। ଦୁର୍ବିପାକ ଓ ବିପତ୍ତି ସମୟରେ ଜିଲ୍ଲା ପ୍ରଶାସନ ଶିକ୍ଷାନୁଷ୍ଠାନଗୁଡିକୁ ବିକଳ୍ପଭାବେ ଆଶ୍ରୟସ୍ଥଳୀଗୁଡିକୁ ବ୍ୟବହାର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆହୁରି ଅଧିକ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ତାଲିକା ପ୍ରସ୍ତୁତ ହୋଇଥିଲା। ତତ୍କାଳୀନ ନବୀନ ସରକାର ବଡସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଟୁଣିଗମ୍ଭାରିଆ ଓ ଉଦଳା ବ୍ଲକର ବୈରାଟପୁର ପଞ୍ଚାୟତ କୋଚିଳାଡିହା ଗ୍ରାମରେ ୨ଟି ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଥିଲେ। ଏ ନେଇ ଟୁଣାଗମ୍ଭାରିଆ ଖାତା ନଂ ୨୩୦ ଓ ପ୍ଲଟ ନଂ ୬୪୨ ଏବଂ କୋଚିଳାଡିହା ଖାତା ନଂ ୧୦୩ ଓ ପ୍ଲଟ ନଂ ୨୫୬ରେ ୨୫ଡିସି ମିଲି ଜାଗା ଚିହ୍ନଟ ପୂର୍ବକ ୩-୩କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ ପାଇଁ ଓସଡମା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗକୁ ସୁପାରିସ ପରେ ଟେଣ୍ଡର ହୋଇଥିଲା। ଠିକାଦାର ଟେଣ୍ଡର ନେଇ ଚୁକ୍ତିନାମା ସହ ୮୩ ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ମଧ୍ୟ ଜମା କରିଛନ୍ତି ; ପରନ୍ତୁ ଅର୍ଥାଭାବ ଦର୍ଶାଇ ଉପରୋକ୍ତ ଦୁଇଟିଯାକ ପ୍ରକଳ୍ପ ନିର୍ମାଣକୁ ବନ୍ଦ କରାଯାଇଛି। ଟୁଣାଗମ୍ଭାରିଆ ଗ୍ରାମଟି ପ୍ରତିବର୍ଷ ବୁଢାବଳଙ୍ଗ ଓ କୋଚିଳାଡିହା ଗ୍ରାମଟି ପ୍ରତିବର୍ଷ ସୋନ ନଦୀ ବନ୍ୟାରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୁଏ। ଶତାଧିକ ଗ୍ରାମବାସୀଙ୍କ ଘରେ ବନ୍ୟା ଜଳ ପ୍ରବେଶ ପାଇଁ ସେମାନେ ନାହିଁ ନଥିବା କଷ୍ଟ ଭୋଗିଥାନ୍ତି। ପୂର୍ବ ସରକାରଙ୍କ ଅମଳରେ ଏଥିପାଇଁ ଦୁଇଟି ପ୍ରକଳ୍ପକୁ ଅଗ୍ରାଧିକାର ଦିଆଯାଇ ଅନୁମତି ପ୍ରଦାନ କରାଯାଇଥିଲା; ପରନ୍ତୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରଙ୍କ ସମୟରେ ଅର୍ଥାଭାବରୁ ଜରୁରୀକାଳୀନ ପ୍ରକଳ୍ପ ନିର୍ମାଣ ହୋଇ ନ ପାରିବା ଦୁଃଖର ବିଷୟ। ପ୍ରକଳ୍ପ ଦୁଇଟି ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ନ ହେଲେ ଉଭୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରକଳ୍ପ ପାଇଁ ଅନୁଦାନ ରାଶି ଆସିନି। ଆସିଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ତେବେ ନଦୀ ସଂଲଗ୍ନ ଗ୍ରାମଗୁଡିକରେ ଏପରି ପ୍ରକଳ୍ପ ବର୍ଷାଋତୁ ପୂର୍ବରୁ ସମ୍ପନ୍ନ ଜରୁରୀ। ତୁରନ୍ତ ବିଭାଗ ପକ୍ଷରୁ ଅନୁଦାନ ରାଶି ଯୋଗାଇବାକୁ ବଡ଼ସାହି ଓ ଉଦଳା ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାଜ୍ୟ ସରକାରଙ୍କ କଥାରେ ରହୁନି ତାଳମେଳ

# ପୁଣି ୭ ବିଦେଶୀ ମଦ ଦୋକାନକୁ ଅନୁମତି

**ବାରିପଦା, ୮ ।୧(ସମିସ)**



**ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି କହିଥିଲେ ସରକାର**

ରାଜ୍ୟରେ ନୂତନ କରି ବିଜେପି ସରକାର ଗଢିବା ପରେ ପ୍ରଥମେ ମଦମୁକ୍ତ ଓଡ଼ିଶା ଗଠନ ଏବଂ ପରେ ନୂତନ ମଦ ଦୋକାନ ପାଇଁ ଲାଇସେନ୍ସ ଦିଆଯିବ ନାହିଁ ବୋଲି ବୟାନବାଜି କରିଥିଲେ;କିନ୍ତୁ ରାଜ୍ୟ ସରକାରଙ୍କ କଥାରେ ଜମାରୁ ତାଳମେଳ ରହୁନାହିଁ। ସରକାରଙ୍କ ପକ୍ଷରୁ ଘୋଷଣା ପରେ ବି ମୟୂରଭଞ୍ଜ ଜିଲ୍ଲାରେ ୭ଟି ବିଦେଶୀ ମଦ ଦୋକାନକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଆବେଦନ ଅନୁଯାୟୀ ଅନୁଧ୍ୟାନ କରି ସ୍ୱତ୍ୱାଧିକାରୀଙ୍କୁ ମଦ ଦୋକାନ ନିମନ୍ତେ ଅନୁମତି ପ୍ରଦାନ ହୋଇଛି। ଜିଲ୍ଲାର କରଞ୍ଜିଆ, ତାଟୋ, ବାସିପିଠା, ବାରିପଦା ସହର ଆଦି ବିଭିନ୍ନ ସ୍ଥାନରେ ନୂତନ ୭ଟି ନୂଆ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିଛି। ଏହା ପୂର୍ବରୁ ବାରିପଦା ସହରରେ ବନ୍ଦ ଥିବା ଅନ୍ୟ କିଛି ମଦ ଦୋକାନ ଗୁଡ଼ିକୁ ମଧ୍ୟ ଲାଇସେନ୍ସ ପ୍ରଦାନ କରାଯାଇଥିବା ନେଇ ସୂଚନା ରହିଛି। ତେବେ ରାଜ୍ୟ ସରକାର ମଦମୁକ୍ତ ଓଡ଼ିଶା ଗଠନ ନେଇ ବୟାନବାଜି କରିଥିବା ବେଳେ ମଦ ଦୋକାନ ନେଇ ଅବକାରୀ ବିଭାଗ ଲାଇସେନ୍ସ ପ୍ରଦାନ କରିଛନ୍ତି। ଗତ ଅଗଷ୍ଟ ୩୧ ତାରିଖରେ ବିଧାନସଭାରେ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରଶ୍ନର ଉତ୍ତର ଦେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ରାଜ୍ୟରେ ନୂତନ ଭାବେ ଦେଶୀ କିମ୍ବା ବିଦେଶୀ ମଦ ଦୋକାନ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଯୋଜନା ନାହିଁ। କିନ୍ତୁ ଏହାର ୩ ମାସ ପରେ କଥାରେ ପରିବର୍ତ୍ତନ ଘଟିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ନା ଅବକାରୀ ବିଭାଗ ବଡ଼। ବିଭାଗୀୟ ମନ୍ତ୍ରୀ ନୂତନ ମଦ ଦୋକାନ ଖୋଲିବା ନେଇ ମନା କରିଥିବା ବେଳେ ଅବକାରୀ ବିଭାଗ କିପରି ଅନୁମତି ପ୍ରଦାନ କରିଛନ୍ତି। ନିଶା କାରବାର ଯୋଗୁଁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ନିଶା ଦ୍ୱାରା ସମାଜ କଳୁଷିତ ହେଉଛି। ନିଶା କାରବାର କମାଇବା ପାଇଁ ସରକାରୀସ୍ତରରେ ଅଣ୍ଟା ଭିଡୁଥିବା ବେଳେ କିପରି ଅନୁମତି ମିଳୁଛି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବସଷ୍ଟାଣ୍ଡରୁ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ ଆଣିଲେ ପରିବାର

ବାରିପଦା, ୮ ।୧(ସମିସ): ଦାରୋଗାଡାହି ସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡରୁ ବୁଧବାର ସକାଳେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ମନୋଜ କୁମାର ଦାସ ଓରଫ ପିଣ୍ଟୁ (୨୨)। ବୁଧବାର ସକାଳ ସମୟରେ ବସଷ୍ଟାଣ୍ଡ ପରିସରରେ ମୃତଦେହ ପଡିଥିବାର ନେଇ ସ୍ଥାନୀୟ ଲୋକମାନେ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେବାରୁ ଭଞ୍ଜପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ପିଣ୍ଟୁଙ୍କୁ ହତ୍ୟା କରିଥିବାର ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ବସଷ୍ଟାଣ୍ଡ ପରିସରରେ ଫିଙ୍ଗିଦେଇ ପଳାଇଛି। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଅପମୃତ୍ୟୁ ମାମଲା ହତ୍ୟା ମାମଲାକୁ ପରିବର୍ତ୍ତନ ହୋଇଛି। ଏନେଇ ଭଞ୍ଜପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କଙ୍ଗାରୁ କୋର୍ଟ ବନ୍ଦ ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନର ଧାରଣା

**ବାରିପଦା, ୮ ।୧(ସମିସ):** ଆଦିବାସୀ ଗ୍ରାମଗୁଡିକରେ ବିଭିନ୍ନ କୁସଂସ୍କାରକୁ ନେଇ କଙ୍ଗାରୁ କୋର୍ଟ ହେଉଛି; ଯାହାକୁ ତୁରନ୍ତ ବନ୍ଦ କରିବା ଦାବିରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବାରିପଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଛି। ଏଥିସହିତ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମଧ୍ୟ ଦିଆଯାଇଛି। ଜିଲ୍ଲାରେ ଉକ୍ତ ପ୍ରଥା ଲୁଚାଛପାରେ ଚାଲିଛି। ଯାହାକି ଦେଶର ସମ୍ବିଧାନକୁ ଅମାନ୍ୟ କରାଯାଉଛି। କଙ୍ଗାରୁ କୋର୍ଟରେ ନିରୀହ ଲୋକଙ୍କୁ ମନ ଇଚ୍ଛା ଜରିମାନା, ସାମାଜିକ ବାସନ୍ଦ, ଅନ୍ଧବିଶ୍ୱାସ, ଡାହାଣୀ ନାମରେ ହତ୍ୟା ଆଦି ଅସାମ୍ବିଧାନିକ କୁକାର୍ଯ୍ୟ କରାଯାଉଛି। ଆଦିବାସୀ ସ୍ୱଶାସନ (ମାଝୀ-ପାର୍ଗାନା) ବ୍ୟବସ୍ଥା ପ୍ରମୁଖଙ୍କ ନେତୃତ୍ୱରେ ନିରନ୍ତର ଭାବରେ ଏହା ପରିଚାଳିତ କରାଯାଉଛି; ଯାହାକି ସମ୍ବିଧାନ, ଆଇନ ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ମାନନ୍ତି ନାହିଁ, ମାନବାଧିକାର ଏବଂ ମୌଳିକ ଅଧିକାରକୁ ମଧ୍ୟ ହତ୍ୟା କରୁଛି। ପ୍ରତ୍ୟେକ ଗ୍ରାମରେ ଅଶାନ୍ତି, ଅନ୍ୟାୟ, ଅତ୍ୟାଚାର, ଶୋଷଣ ଲାଗିରହିଛି। ତେଣୁ କଙ୍ଗାରୁ କୋର୍ଟକୁ ବନ୍ଦ କରାଯିବା ସହିତ ଆଦିବାସୀ ଗ୍ରାମ ସମାଜରେ ଅବିଳମ୍ବେ ସମ୍ବିଧାନ, ଆଇନ ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ଲାଗୁ କରାଯାଇ ଶାନ୍ତି ପ୍ରତିଷ୍ଠା କରିବାକୁ ଦାବି କରିଛି ସଂଗଠନ। ତେବେ କଙ୍ଗାରୁ କୋର୍ଟକୁ ରୋକିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମ ପଞ୍ଚାୟତର ଡୋରକଣ୍ଠିଆ ଗ୍ରାମରେ ଉକ୍ତ କଙ୍ଗାରୁ କୋର୍ଟ ଦ୍ୱାରା ସୁନ୍ଦର ମୋହନ ମାଝୀଙ୍କୁ ସାମାଜିକ ବାସନ୍ଦ କରାଯାଇଥିଲା। ଯାହାକୁ ନେଇ ଗ୍ରାମବାସୀ ତାଙ୍କ ସ୍ତ୍ରୀ ସାକ୍ରମଣି ମାଝୀଙ୍କ ଶବକୁ ଶବ ସତ୍କାର କରାଇବାକୁ ଦେଇନଥିଲେ। ଦୀର୍ଘ ୩୦ ଘଣ୍ଟା ପରେ ଶବ ସତ୍କାର ହୋଇଥିବା ବେଳେ ୩ ମାସ ହେବ ଶୁଦ୍ଧିକ୍ରିୟା ହୋଇପାରୁନାହିଁ। ଗ୍ରାମରୁ ବାସନ୍ଦ କରିଥିବାରୁ ତାଙ୍କ ଜମିରେ ଫସଲ ଅମଳ କରିବାକୁ ଦେଉନାହାଁନ୍ତି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ପୀଡିତ ପରିବାରକୁ ନ୍ୟାୟ ଏବଂ ସୁରକ୍ଷା ପ୍ରଦାନ ପାଇଁ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଦାବି ହୋଇଛି। ଧାରଣାରେ ଜୋନାଲ ସଭାପତି ନାରଣ ମୁର୍ମୁ, କଲ୍ୟାଣ ବାସ୍କେ, ମାଧବ ଚନ୍ଦ୍ର ମୁର୍ମୁ, ଗୁନାରାମ ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଘାସିରାମ ହେମ୍ବ୍ରମ, ମାସାଂ ହାଁସଦା, ମେଘ୍ରାୟ ସୋରେନ, ବାହାଦୁର ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, ପାନମଣି ହେମ୍ବ୍ରମ, ରୂପଶ୍ରୀ ମୁର୍ମୁ, ମାଳତୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।



## ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିପଦା, ୮ ।୧(ସମିସ):** ବୁଧବାର ସ୍ଥାନୀୟ ଭଞ୍ଜପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ବେହେରାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ସ୍ନେହଲତା ବେହେରା ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ସମ୍ମାନିତ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଚିତ୍ରା ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ଜିଜ୍ଞାସା ମିଶ୍ର ଶ୍ରେଷ୍ଠ ଛାତ୍ରୀ, ତୁଳସୀ ମାରାଣ୍ଡି ସିନିୟର ବିଭାଗର ଚାମ୍ପିଅନ, ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଚିସ୍ମିତା ହାଁସଦା ଜୁନିୟର ବିଭାଗର ଚାମ୍ପିଅନ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ପାଇଛନ୍ତି। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଲ୍ଲିକ୍ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁନୀଲ ଖିଲାର, ସଞ୍ଜୟ ବେହେରା, ଶିକ୍ଷୟିତ୍ରୀ ମମତା ମହାନ୍ତି, ଜସ୍ମିତା ବେହେରା, ସାଗରିକା ପାତ୍ର, ଅନୀତା ପାତ୍ର, ପ୍ରତିମା ବାରିକ୍ , ସୀମା ମହାନ୍ତି, ସୋନାଲି ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ସାମଗ୍ରିକ ବିଦ୍ୟାଳୟ ବିକାଶ କର୍ମଶାଳା



**ବାରିପଦା, ୮ ।୧(ସମିସ):** ବାରିପଦା ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଗୋଷ୍ଠୀ ସାଧନକର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ପ୍ରଶିକ୍ଷଣ ପେଟିକାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିଦ୍ଧାଣି, ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକ, ଶିକ୍ଷକ ପ୍ରଶିକ୍ଷିକା ହରପ୍ରିୟା ନାୟକ ଓ ଶିକ୍ଷକ ପ୍ରଶିକ୍ଷକ ଦିଲ୍ଲୀପ କୁମାର ସିଂ ପରିଚାଳନା କରିଥିଲେ। କର୍ମଶାଳାରେ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ବିକାଶ କରିବା, ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ କରିବା, ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତି କରିବା, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍ କଲେଜକୁ ଗୋଲ୍ଡେନ ଷ୍ଟାର ଆଇକନ୍ ସମ୍ମାନ

**ବାରିପଦା,୮।୧(ସମିସ):** ଆଇନ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ବୃତ୍ତିଗତ ବିକାଶର ନେତୃତ୍ୱ ଦିଗରେ ବାରିପଦା ଇନଷ୍ଟିଚ୍ୟୁଟ ଅଫ୍ ପ୍ରଫେସନାଲ ଷ୍ଟଡିଜ ମହାବିଦ୍ୟାଳୟକୁ ଗୋଲ୍ଡେନ ଷ୍ଟାର ଆଇକନ ସମ୍ମାନ ମିଳିପାରିଛି। ଆଭିବା କିଅନ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ୍ସେଲେନ୍ସ ଇନ୍ ଲିଗାଲ ଏଜୁକେଶନ ଆଣ୍ଡ ପ୍ରଫେସନାଲ ଡେଭଲପମେଣ୍ଟ ପାଇଁ ମନୋନୀତ କରି ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ.ଦେବବ୍ରତ ପାଣି ଏହି ସମ୍ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରକ ଭାବେ ଜଜ୍ ଡ.ଅଭିଜିତ ପଶାୟତ, କଲ୍କି ଧାମର ପିଠାଧୀଶ୍ୱର ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣନ, ଉତ୍ତର ପ୍ରଦେଶର ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସୁନୀଲ ଶର୍ମା, ପୂର୍ବତନ ସାଂସଦ ଅନୀଲ ଅଗ୍ରୱାଲ, ଉତ୍ତର-ପୂର୍ବ ଦିଲ୍ଲୀର ମ୍ୟୁନିସିପାଲ କାଉନସିଲର ସତ୍ୟା ଶର୍ମା, ବିଜେପି ନେତ୍ରୀ ରୁଚିକା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ, ମନୋରଞ୍ଜନ, କ୍ରୀଡା, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଗଣମାଧ୍ୟମ, ଉଦ୍ୟୋଗ ଓ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟକ୍ତି ବିଶେଷ ଅନୁଷ୍ଠାନକୁ ଏହି ସମ୍ମାନ ପ୍ରଦାନ କରାଯାଇଛି।



■ ସରକାରଙ୍କ ପାତରଅନ୍ତର ନୀତିକୁ ଆଦିବାସୀ ଭୂମିଜ ସମାଜର ବିରୋଧ

## ସରକାରୀ ଅବହେଳା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବାରିପଦା, ୮ ।୧(ସମିସ):** ଆଦିବାସୀ ଭୂମିଜ ଜନଜାତିକୁ ସରକାରୀ ଅବହେଳା ନେଇ ଅଭିଯୋଗ କରି ଭାରତୀୟ ଆଦିବାସୀ ଭୂମିଜ ସମାଜ ପକ୍ଷରୁ ରାଜ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ଦାବିପତ୍ର ପ୍ରତିନିଧି ଦଳ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗତ ୨୦୧୪ ମସିହାରେ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବସବାସ କରୁଥିବା ସାନ୍ତାଳୀ, ମୁଣ୍ଡା, ମୁଣ୍ଡାରୀ, ହୋ, ବଣ୍ଡା ଆଦି ୨୧ପ୍ରକାର ଜନଜାତି ସମୂହଙ୍କ ପାଇଁ ବହୁଭାଷୀ (ଭାଷା ଶିକ୍ଷକ) ନିଯୁକ୍ତି କରାଯାଇଛି। ଭାରତୀୟ ଆଦିବାସୀ ଭୂମିଜ ସମାଜ ପକ୍ଷରୁ ବିଗତ ୨୦୧୬ ମସିହାରୁ ଭୂମିଜ ଭାଷା, ଶିକ୍ଷା, ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ସୁରକ୍ଷା ଏବଂ ଭୂମିଜ ଭାଷା ଶିକ୍ଷକ ନିଯୁକ୍ତି ନିମନ୍ତେ ବିଭିନ୍ନ ସମୟରେ ଓଡିଶା ସରକାରଙ୍କ ବିଭାଗୀୟ ଅଧିକାରୀ ତତସହିତ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। କିନ୍ତୁ ଗତ ଡିସେମ୍ବର ୨୭ ତାରିଖରେ ଓଡ଼ିଶାର ୧୫ଟି ଜନଜାତି ପାଇଁ ସେବକ/ସେବିକା, ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲେ ମଧ୍ୟ ଭୂମିଜ ଜନଜାତିକୁ ବାଦ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏଭଳି ପାତରଅନ୍ତର ନୀତିକୁ ଆଦିବାସୀ ଭୂମିଜ ସମାଜ ନିନ୍ଦା କରିବା ସହିତ ତୁରନ୍ତ ଭୂମିଜ ବା ମୁଣ୍ଡାରୀ ଜନଜାତିର ଭାଷା ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ସିଂ, ଦେବକୀ ସିଂ, ଜିତେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ୧୯ରେ ମୟୂରଭଞ୍ଜ ହାଫ୍ ମାରାଥନ

# 'ରନ୍ ଫର୍ ଶିମିଳିପାଳ' ଥିମ୍‌ରେ ଦୌଡ଼ିବ ମୟୂରଭଞ୍ଜ

**ବାରିପଦା, ୬ ।୧(ସମିସ)**




ମୟୂରଭଞ୍ଜ ମାଟିର ଗର୍ବ ଏବଂ ବିଶ୍ୱ ଜୈବମଣ୍ଡଳର ଅନନ୍ୟ ଅବଦାନ ଶିମିଳିପାଳର ସୁରକ୍ଷା ଏବଂ ଏହାର ପ୍ରାକୃତିକ ପରିବେଷ୍ଟିନିର ଯତ୍ନ ନିମନ୍ତେ ଜନ ସଚେତନତା ନିହାତି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଏବଂ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉଦ୍ୟମରେ ଆରମ୍ଭ ହେବାକୁ ଯାଉଛି ହାଫ-ମାରାଥନ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅନଲାଇନ ଓ ଅଫଲାଇନରେ ପଞ୍ଜିକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ ସୋସିଆଲ ମିଡ଼ିଆ ହ୍ୟାଣ୍ଡେଲ ମାଧ୍ୟମରେ ଅନଲାଇନ କ୍ୟୁଆର କୋଡ଼ ସ୍କାନ କରି ଇଚ୍ଛୁକ ପ୍ରତିଯୋଗୀ ପଞ୍ଜିକରଣ କରିପାରିବେ। ସୂଚନାନୁସାରେ, ଏହି ମାରାଥନ ଦୁଇଟି ପର୍ଯ୍ୟାୟରେ ବାରିପଦା ଷ୍ଟାଡିଅମରୁ ଆରମ୍ଭ ହୋଇ ଶିମିଳିପାଳ ପାଦଦେଶ ସ୍ଥିତ ପିଠାବଟା ଗେଟ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ପ୍ରଥମ ପର୍ଯ୍ୟାୟରେ ମିନି ମାରାଥନ ୧୦ କିମି (୧୬ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ) ପର୍ଯ୍ୟନ୍ତ ହେଉଥିବା ବେଳେ ୨୧ କିମି ପର୍ଯ୍ୟନ୍ତ (୧୮ ବର୍ଷ ଉର୍ଦ୍ଧ୍ୱ ମହିଳା ପୁରୁଷ) ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପଞ୍ଜିକରଣ କରିବାର ଶେଷ ତାରିଖ ଆସନ୍ତା ୧୭ ତାରିଖ ଏବଂ ବାରିପଦାଠାରେ ରିପୋର୍ଟିଂ ସମୟ ୧୮ ତାରିଖ ରଖାଯାଇଛି। ଏହି ପଞ୍ଜିକରଣ ବିନାମୂଲ୍ୟରେ ଏବଂ ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ଟି-ସାର୍ଟ, ସାର୍ଟିଫିକେଟ, ଓ ମେଡାଲ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ମାରାଥନରେ ହାଫ ମାରାଥନରେ ବିଜୟୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ (ଉଭୟ ମହିଳା ପୁରୁଷ ବିଭାଗ)ଙ୍କୁ ଅର୍ଥରାଶି ଯଥାକ୍ରମେ ୫୦ ହଜାର, ୩୫ ହଜାର, ୨୫ ହଜାର ଟଙ୍କା ଥିବାବେଳେ ମିନି ମାରାଥନରେ କୃତୀ ପ୍ରତିଯୋଗୀଙ୍କୁ ୫୦୦୦ ଟଙ୍କା, ୩୦୦୦ ଟଙ୍କା ଓ ୨୦୦୦ ଟଙ୍କା ଲେଖାଏଁ ପୁରସ୍କାର ଅର୍ଥରାଶି ରଖାଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ପ୍ରଚେଷ୍ଟାରେ ମୟୂରଭଞ୍ଜରେ ପ୍ରଥମ ଥର ପାଇଁ ଏହି ହାଫ ମାରାଥନ ଆୟୋଜନ ହେଉଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

ଏଥିସହିତ ଜିଲ୍ଲାରେ ଥିବା ଏଥଲିଟ ଏବଂ ରାଜ୍ୟ ଓ ରାଜ୍ୟ ବାହାରୁ ମଧ୍ୟ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଆସୁଛନ୍ତି। ଶିମିଳିପାଳ ବନଖଣ୍ଡ, ଶିମିଳିପାଳ ବଞ୍ଚାଅ ଫାଉଣ୍ଡେସନ, ପୁଲିସ ପ୍ରଶାସନ ପ୍ରତିଯୋଗିତାରେ ବିଶେଷ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର କ୍ରୀଡା ଅନୁଭାଗ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଓ ସଂଯୋଜନା କରୁଛନ୍ତି। ଏହି ମାରାଥନର ନୋଡାଲ ଅଧିକାରୀ ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରୁଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



**ବାରିପଦା, ୮ ।୧(ସମିସ):** ମୟୂରଭଞ୍ଜ ସମଗ୍ର ଶିକ୍ଷା, ଆନୁକୂଲ୍ୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଭାରତୀୟଙ୍କ ସଫଳତା ଓ ଭାରତର ପ୍ରଗତିରେ ସେମାନଙ୍କର ଅବଦାନ ପ୍ରସଙ୍ଗକୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲ୍ଲାର ପ୍ରତି ବ୍ଲକରୁ ପ୍ରତିଯୋଗୀମାନେ କୁଇଜ, ପୋଷ୍ଟର ପ୍ରସ୍ତୁତି, ପ୍ରବନ୍ଧ ଲିଖନ ଓ ସାଇକଲ ଚାଳନା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ମୟୂରଭଞ୍ଜ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବୈଜ୍ଞାନିକ ତଥା ପ୍ରବାସୀ ଭାରତୀୟ ଶୁଭାଶିଷ ଚାଟାର୍ଜୀ ଯୋଗଦାନ କରିଥିଲେ। ଆଦିବାସୀ ଶିକ୍ଷା ସଂଯୋଜକ, ସମଗ୍ର ଶିକ୍ଷାର ସପନ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।






# ରାତିରେ ବିବାହର ୨୬ ବର୍ଷ ପୂର୍ତ୍ତି ପାଳିଲେ ଦମ୍ପତି; ସକାଳେ ଝୁଲିପଡ଼ିଲେ

ନାଗପୁର,୮।୧(ଏଜେନ୍ସି): ବିବାହର ୨୬ ବର୍ଷ ପୂର୍ତ୍ତିରେ ରାତିରେ ବେଶ ଧୂମଧାମରେ ପାର୍ଟି କଲେ। ବର-କନ୍ୟା ପୋଷାକ ପିନ୍ଧି ବିଳମ୍ବିତ ରାତି ଯାଏ ବନ୍ଧୁ ଓ ପରିବାର ଲୋକଙ୍କ ସହ ଉତ୍ସବ ମନାଇଲେ। ଏପରି କି ୨୬ ବର୍ଷ ତଳର ବିବାହ ପୋଷାକ ପିନ୍ଧି ପୁରୁଣା ସ୍ମୃତିକୁ ଉଜାଗର କରିବାକୁ ପଛାଇ ନଥିଲେ। ହେଲେ ରାତି ପାହିବା ବେଳକୁ ଯାହା ଦେଖାଗଲା ତାହା ଅନେକଙ୍କ ଛାତିକୁ ପଥର କରିଦେଲା। ବିବାହର ୨୬ ବର୍ଷ ପୂର୍ତ୍ତି ପାଳନ କରି ସକାଳୁ ଏକ ଦମ୍ପତି ଆତ୍ମହତ୍ୟା କରିବା ଘଟଣା ବିଭିନ୍ନ ମହଲକୁ ବିସ୍ମିତ କରିଦେଇଛି। ଏଭଳି ଘଟଣା ମହାରାଷ୍ଟ୍ରର ନାଗପୁରସ୍ଥିତ ମାର୍ଟିନ ନଗରରେ ଘଟିଥିଲା ବେଳେ ଏହା ସାରା ସହରକୁ ସ୍ତବ୍ଧ କରିଦେଇଛି। ବିବାହ ପୋଷାକରେ ଉଭୟଙ୍କ ମୃତଦେହ ସେମାନଙ୍କ ଘରୁ ନାଗପୁର ପୁଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ୫୭ ବର୍ଷୀୟ ଜେରି ଦାମସନ ଓସ୍କାର ଏବଂ ତାଙ୍କ ପତ୍ନୀ ୪୬ ବର୍ଷୀୟା ଆନି। ଜେରିଙ୍କ ମୃତଦେହ ରୋଷେଇ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିବା ବେଳେ ଆନିଙ୍କ ମୃତଦେହ ଡ୍ରଇଂ ରୁମର ଏକ ଖଟରୁ ନିସ୍ତେଜ ଅବସ୍ଥାରେ ମିଳିଛି। ଆନି ଖଟ ଉପରେ ୨୬ ବର୍ଷ ତଳେ ବାହାଘର ବେଳେ ପିନ୍ଧିଥିବା ପୋଷାକ ପରିଧାନ କରି ଶୋଇ ରହିଥିଲେ। ତାଙ୍କ ଶରୀରକୁ ଏକ ଧଳା କପଡ଼ାରେ ଘୋଡାଇ ଦିଆଯାଇଥିବା ବେଳେ ଉପରେ ଫୁଲ ବିଞ୍ଚି ହୋଇ ପଡ଼ିଥିଲା। ସମ୍ଭବତଃ ଜେରି ଆନିଙ୍କୁ ଜୀବନ ହାରିବାକୁ ଅନୁମତି ଦେଇଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ସେ ବେକରେ କପଡ଼ା ଲଗାଇ ଝୁଲି ପଡ଼ିଥିଲେ ବୋଲି ପୁଲିସ କହିଛି। ଏହି ଖବର ସାମ୍ନାକୁ ଆସିବା ପରେ ସଂପୃକ୍ତ ଅଞ୍ଚଳରେ ଶୋକ ଖେଳାଇ ଦେଇଛି। ବିଶେଷ କରି ମାର୍ଟିନ ନଗର ଅଞ୍ଚଳ ବାସିନ୍ଦା ଏହି ଖବର ଶୁଣି ମର୍ମାହତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଏହି ଦମ୍ପତି କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି। ଜେରି ଓ ଆନିଙ୍କ ମଧ୍ୟରେ ୨୬ ବର୍ଷ ତଳେ ବିବାହ ହୋଇଥିଲେ ହେଁ ସେମାନଙ୍କର କୌଣସି ସନ୍ତାନ ସନ୍ତତି ନଥିଲା। ଜୀବନ ହାରିବା ପୂର୍ବରୁ ସେମାନେ ନିଜ ସୋସିଆଲ ମିଡିଆ ଆକାଉଣ୍ଟକୁ ଅପଡେଟ କରିବା ସହ ଦୁଇଟି ସୁଇସାଇଡ ନୋଟ ଅପଲୋଡ କରିଥିଲେ। ଏହା ମଧ୍ୟରେ ଗୋଟିଏ ଷ୍ଟାମ୍ପ ପେପର ମଧ୍ୟ ରହିଥିଲା। କିନ୍ତୁ ସେମାନେ ଜୀବନ ହାରିବା ପଛର କାରଣ କିଛି ଉଲ୍ଲେଖ କରିନାହାନ୍ତି। ଆନି ନିଜର ଶେଷ ଭିଡିଓରେ ପରିବାର ଲୋକଙ୍କୁ ସମ୍ପର୍କୀୟ ପିଲାଙ୍କ ଯତ୍ନ ନେବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ସମ୍ପତ୍ତିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବାକୁ ମଧ୍ୟ ଉଭୟ ଅନୁରୋଧ କରିଛନ୍ତି।





# ବିଶ୍ୱର ସବୁଠୁ ଉଚ୍ଚ ରେଳପୋଲରେ ଗଡ଼ିଲା ଦ୍ରୁତଗାମୀ ଟ୍ରେନ୍

ନୂଆଦିଲ୍ଲୀ,୮।୧(ଏଜେନ୍ସି): ବିଶ୍ୱର ସବୁଠୁ ଉଚ୍ଚ ରେଳ ପୋଲ ଉପରେ ଦ୍ରୁତଗାମୀ ଟ୍ରେନ ଦୌଡିଛି। ଜମ୍ମୁ କଶ୍ମୀରର ୟୁଏସବିଆରଏଲ ପ୍ରକଳ୍ପ ଅଧୀନରେ ବିଶ୍ୱର ସର୍ବୋଚ୍ଚ ରେଳପୋଲ ଉପରେ ଦ୍ରୁତଗାମୀ ଟ୍ରେନର ଚୂଡ଼ାନ୍ତ ପରୀକ୍ଷଣ ଶେଷ ହୋଇଛି। ଜମ୍ମୁ କଶ୍ମୀରର କାଟ୍ରା ଠାରୁ ବନିହାଲ ପର୍ଯ୍ୟନ୍ତ ଶେଷ ହୋଇଥିବା ପ୍ରକଳ୍ପରେ ଏହି ପରୀକ୍ଷଣ କରାଯାଇଛି। ପରୀକ୍ଷଣ ସମୟରେ ଚେନାବ ନଦୀ ଉପରେ ପ୍ରାୟ ୧୧୮୦ ଫୁଟ୍ ଉଚ୍ଚରେ ନିର୍ମିତ ପୋଲ ଏବଂ ପ୍ରଥମ କେବୁଲ ଷ୍ଟେ ବ୍ରିଜ ଅଞ୍ଜିଖଡ ପୋଲ ଦେଇ ଟ୍ରେନ ଘଣ୍ଟାପ୍ରତି ୧୧୦ କିମି ବେଗରେ ଗତି କରିଥିଲା। ଉତ୍ତର ରେଳବାଇ ସୁରକ୍ଷା କମିସନରଙ୍କ ଉପସ୍ଥିତିରେ ଏହି ପରୀକ୍ଷଣ ଶେଷ ହୋଇଛି। ଭାରତୀୟ ରେଳୱେର ଡ୍ରିମ୍ ପ୍ରୋଜେକ୍ଟ ଓ ବିଶ୍ୱର ସବୁଠୁ ଉଚ୍ଚତମ ପୋଲ ଭାବେ ଚେନାବ୍ ବ୍ରିଜ ସ୍ଥାନ ପାଇଛି। ରିଆସି ଜିଲ୍ଲାର ବକାଲ୍ ଓ କଉରି ମଧ୍ୟରେ ଥିବା ଚେନାବ ରେଲୱେ ବ୍ରିଜର ଉଚ୍ଚତା ୩୫୯ ମିଟର। ଯାହା ୩୩୦ ମିଟର ଉଚ୍ଚତା ବିଶିଷ୍ଟ ପ୍ୟାରିସର ଏଫେଲ ଟାୱାର ଠାରୁ ମଧ୍ୟ ଉଚ୍ଚ। ଏହାର ଲମ୍ବ ପ୍ରାୟ ୧ହଜାର ୩୧୫ମିଟର ରହିଥିଲା ବେଳେ ଏଥିରୁ ୫୩୦ ମିଟର ଭୂପୃଷ୍ଠ ଏବଂ ଶେଷ ୭୮୫ ମିଟର ଚେନାବ ନଦୀ ଉପରେ ନିର୍ମାଣ କରାଯାଇଛି। ଏହି ପୋଲର ସ୍ଥାୟିତ୍ୱ ୧୨୦ ବର୍ଷ ରହିଥିବା କୁହାଯାଇଛି। ଏହା ବିସ୍ଫୋରଣ ଏବଂ ଭୂକମ୍ପ ନିରୋଧୀ। ଭୂକମ୍ପ ଜୋନ୍-୪ରେ ଚେନାବ ବ୍ରିଜ ଅଞ୍ଚଳ ଆସୁଥିବାରୁ ଏହି ପୋଲ ନିର୍ମାଣ ପାଇଁ ଅତ୍ୟାଧୁନିକ ବୈଷୟିକ ବିଦ୍ୟା ପ୍ରୟୋଗ କରାଯାଇ ଏହାକୁ ସବୁ ଦିଗରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ପ୍ରଳୟଙ୍କରୀ ପବନରେ ମଧ୍ୟ ଏହାର କୌଣସି କ୍ଷତି ହେବ ନାହିଁ ବୋଲି କୁହାଯାଇଛି।

ସେହିପରି ଅଞ୍ଜି ନଦୀ ଉପରେ କେବୁଲରେ ଝୁଲି ରହିଥିବା ଦେଶର ପ୍ରଥମ ରେଳ ପୋଲ ଅଞ୍ଜି ଖଡ୍ ନିର୍ମାଣ କରାଯାଇଛି। ଏହି ପୋଲ ଦ୍ୱାରା ନିୟମିତ ଟ୍ରେନ ଚଳାଚଳ ଆରମ୍ଭ ହେଲେ କଶ୍ମୀର ସହିତ ଦେଶରୁ ସବୁ ଭାଗ ରେଳପଥରେ ଯୋଡି ହୋଇପାରିବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି।

## ଏସିଆର ମାନଚିତ୍ର ବଦଳାଇ ଦେଇପାରେ 'ଆରାକାନ୍ ଆର୍ମି'

# ସୃଷ୍ଟି ହେବ ନୂଆ ପଡ଼ୋଶୀ ରାଷ୍ଟ୍ର !

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଭାରତ, ବାଂଲାଦେଶ ଏବଂ ମ୍ୟାଁମାର ସୀମାରେ ଏକ ବଡ଼ ପରିବର୍ତ୍ତନ ଘଟିବାର ସମ୍ଭାବନା ବଢିଛି। ମ୍ୟାଁମାରରେ ସାମରିକ ଶାସନ ବିରୋଧରେ ବିଗତ ୪ ବର୍ଷ ଧରି ଲଢେଇ କରି ଆସୁଥିବା ' ଆରାକାନ ଆର୍ମି' ଏହି ପରିବର୍ତ୍ତନର ସୂତ୍ରଧର ହେବ ବୋଲି କୁହାଯାଉଛି। ବିଦେଶୀ ଶକ୍ତି ଏବଂ ବିଶେଷକରି ଚୀନ୍ ସହାୟତାରେ ମ୍ୟାଁମାରର ସାମରିକ ଶାସନ ବିରୋଧରେ ଲଢେଇ କରୁଥିବା ଏକ ବିଦ୍ରୋହୀ ଗୋଷ୍ଠୀ 'ଆରାକାନ୍ ଆର୍ମି ' ଭାବେ ପରିଚିତ। ୨୦୨୧ରେ ଏଠାକାର ସୁ କି୍ୱ ନିର୍ବାଚିତ ସରକାରକୁ ଭାଙ୍ଗି ସାମରିକ ଶାସନ ଆରମ୍ଭ କରାଯାଇଥିଲା ବେଳେ ଆରାକାନ ଆର୍ମି ତାହା ପରଠାରୁ ମ୍ୟାଁମାରର ସାମରିକ ଶାସନ ବିରୋଧରେ ଲଢେଇ କରିଆସୁଛନ୍ତି। ତେବେ ବିଗତ ୪ ବର୍ଷର ସଂଘର୍ଷ ପରେ ଆରାକାନ ଆର୍ମି ମ୍ୟାଁମାରର ରଖାଇନ ଷ୍ଟେଟର ୧୮ଟି ପ୍ରଦେଶ ମଧ୍ୟରୁ ଏବେ ସୁଦ୍ଧା ୧୫ଟି ପ୍ରଦେଶ ନିଜ କବ୍ଜାକୁ ନେଇ ସାରିଛି। କେବଳ ମ୍ୟାଁମାର ନୁହେଁ, ପଶ୍ଚିମ ମ୍ୟାଁମାର ସହ ଲାଗି ରହିଥିବା ବାଂଲାଦେଶର ପୂର୍ବ ଭାଗର କିଛି ଅଞ୍ଚଳକୁ ମଧ୍ୟ ଏହି ଗୋଷ୍ଠୀ ଅକ୍ତିଆର କରିନେଇଥିବା କୁହାଯାଉଛି। ରାଖାଇନ ଅଞ୍ଚଳରେ ଆରାକାନ ଆର୍ମିର ପଶ୍ଚିମ କମାଣ୍ଡ କାର୍ଯ୍ୟ କରୁଥିଲା,ବେଳେ ଚୀନ୍ ଦ୍ୱାରା ପ୍ରଦତ୍ତ ବହୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଦ୍ୱାରା ଏହାର ସଦସ୍ୟମାନେ ଆଗକୁ ମାଡି ଚାଲିଛନ୍ତି। ଆଉ କିଛି ଦିନ ମଧ୍ୟରେ ଆରାକାନ ଆର୍ମି ନିଜ ଦଖଲକୁ ନେଇଥିବା ଅଞ୍ଚଳକୁ ସ୍ୱତନ୍ତ୍ର ଘୋଷଣା କରି ସ୍ୱାଧୀନତା ହାସଲ କରିପାରେ ବୋଲି କୁହାଯାଉଛି। ଏହାଦ୍ୱାରା ଭାରତ-ବାଂଲାଦେଶ ଏବଂ ମ୍ୟାଁମାର ସୀମାରେ ଆଉ ଏକ ନୂଆ ରାଷ୍ଟ୍ର ଗଠନ ହେବାର ସମ୍ଭାବନା ବଢିଛି। କିନ୍ତୁ ଏହାଦ୍ୱାରା ଭାରତ ପ୍ରତି ବିପଦ ବଢିବା ସହିତ ଭାରତୀୟ ଅର୍ଥନୀତି ଏବଂ ସାମାଜିକ ସ୍ଥିତି ପ୍ରତି ମଧ୍ୟ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ବଢିଛି। ଭାରତ ବାଂଲାଦେଶ ସମେତ ମ୍ୟାଁମାରରେ ବିଭିନ୍ନ କ୍ଷେତ୍ରରେପୁଞ୍ଜି ନିବେଶ କରିଛି। କିନ୍ତୁ ଚୀନ୍ ରଣନୀତିରେ ପରିଚାଳିତ ଆରାକାନ ଆର୍ମି ଏଥିପାଇଁ ବିପଦ ହୋଇପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ଭାରତର ଉତ୍ତର ପୂର୍ବାଞ୍ଚଳ ସୀମାରେ ଆତଙ୍କବାଦ ଏବଂ ଡ୍ରଗ୍ସ କାରବାର ମଧ୍ୟ ଆହୁରି ବଢିବ ବୋଲି ଆଶଙ୍କା ରହିଛି। ମିଜୋରାମ ସହ ମ୍ୟାଁମାରର ପ୍ରାୟ ୫୧୦ କିମି ପରିବ୍ୟାପ୍ତ ଆନ୍ତର୍ଜାତିକ ସୀମା ରହିଛି। ଘନ ଜଙ୍ଗଲ ଏବଂ ପାହାଡ଼ରେ ପରିପୂର୍ଣ୍ଣ ଏହି ସୀମାର ପ୍ରାୟ ୧୦ କିମି ବ୍ୟବଧାନରେ ଉଭୟ ପାଶ୍ୱର ଲୋକମାନେ ପରସ୍ପର ମଧ୍ୟରେ ସମ୍ପର୍କ ରଖିବା ସହିତ ଯାତାୟତ ମଧ୍ୟ କରିଥାଆନ୍ତି। କିନ୍ତୁ ବର୍ତ୍ତମାନର ସ୍ଥିତିକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏଥିପାଇଁ ୫୧୦ କିମି ପରିବ୍ୟାପ୍ତ ଆନ୍ତର୍ଜାତିକ ସୀମାରେ ବାଡ଼ ଲଗାଇବା ସହିତ ଉଭୟ ପଟର ଲୋକମାନଙ୍କ ମୁକ୍ତ ଯାତାୟତ ବନ୍ଦ କରିବା ଏବଂ ସ୍ଥିତି ଉପରେ ନଜର ରଖିବା ଲାଗି ପଦକ୍ଷେପ ନିଆଯାଇଛି। ଆରାକାନ୍ ଆର୍ମି ଚୀନ ଦ୍ୱାରା ପରିଚାଳିତ ହେଉଥିବାରୁ ଭାରତୀୟ ସୀମା ମଧ୍ୟରେ ମିଜୋରାମ, ନାଗାଲାଣ୍ଡ ଏବଂ ମଣିପୁର ଆଦି ରାଜ୍ୟରେ ପୁଣି ଆତଙ୍କବାଦକୁ ସହାୟତା କରି ଏଠାରେ ସ୍ଥିତି ବିଗାଡିବାକୁ ଉଦ୍ୟମ କରିପାରେ ବୋଲି କୁହାଯାଇଛି।

**ପ୍ରଭାବିତ ହୋଇପାରେ ଭାରତର ଅର୍ଥନୀତି, ସାମାଜିକ ସ୍ଥିତି**

**ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ବଢ଼ିପାରେ ଆତଙ୍କବାଦ**






# ଆସାମ କୋଇଲା ଖଣିରେ ଉଦ୍ଧାର କାର୍ଯ୍ୟ ଜାରି; ୩ ମୃତଦେହ ଉଦ୍ଧାର



ଗୌହାଟୀ,୮।୧(ଏଜେନ୍ସି): ଗତ ୬ ତାରିଖରେ ଆସାମର ଦିମା ହାସାଓ ଜିଲ୍ଲାସ୍ଥିତ ଉମରାଙ୍ଗଶୋରେ ଏକ କୋଇଲା ଖଣିରେ ଅଚାନକ ପାଣି ଆସିଯିବାରୁ ବନ୍ୟା ପ୍ରାୟ ପରିସ୍ଥିତି ଦେଖାଯାଇଥିଲା। ଏହି ସମୟରେ ଖଣି ଭିତରେ କାର୍ଯ୍ୟ କରୁଥିବା ବହୁ ଶ୍ରମିକଙ୍କ ମଧ୍ୟରୁ ୯ ଜଣ ପାଣି ଭିତରେ ଫସି ରହିଥିଲା ବେଳେ ସେମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ନୌସେନା ସମେତ ଅନ୍ୟ ଉଦ୍ଧାରକାରୀ ଟିମ୍ କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ବୁଧବାର ସକାଳେ ଉକ୍ତ ଶ୍ରମିକଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାୟ ୩୦୦ ଫୁଟ ଗଭୀର ଏହି କୋଇଲା ଖଣିରେ ପାଣି ପଶି ରହିଥିବାରୁ ଅନ୍ୟ ଶ୍ରମିକମାନଙ୍କୁ ଏଯାବତ୍ ଉଦ୍ଧାର କରିବା ସମ୍ଭବ ହୋଇପାରି ନାହିଁ। ଅନ୍ୟ ୬ ଜଣଙ୍କୁ ଉଦ୍ଧାର ପାଇଁ ଭାରତୀୟ ନୌସେନା, ଆସାମ ରାଇଫଲ୍ସ, ଏନଡିଆରଏଫ ଓ ଏସଡିଆରଏଫ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗତକାଲି ସଂଧ୍ୟାରେ ଉଦ୍ଧାର କାର୍ଯ୍ୟ ସାମୟିକ ସ୍ଥଗିତ ରହିଥିବା ବେଳେ ଆଜି ସକାଳୁ ପୁଣି ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ତିନି ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ଏତଲା ରୁଜୁ କରିବାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ସହ ଜଡ଼ିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି।

# ସୂଚନା ଅଧିକାର ଆଇନ ବ୍ୟବସ୍ଥାକୁ ପଙ୍ଗୁ ଉଦ୍ୟମ କରାଯାଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଦେଶରେ ସୂଚନା ଅଧିକାର ଆଇନ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ଟିପ୍ପଣୀ ଦେବା ସହିତ ଏହି ବ୍ୟବସ୍ଥାକୁ ହତ୍ୟା କରିବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି। ବିଶେଷକରି କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ସୂଚନା ଆୟୋଗଗୁଡିକରେ ଖାଲି ପଡ଼ିଥିବା ପଦ ପଦବୀକୁ ସମୟାନୁସାରେ ପୂରଣ କରାଯାଉ ନଥିବାରୁ ଏହି ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ଏହାଛଡ଼ା ସୂଚନା ଆଇନ ଅଧିକାର ଅନୁସାରେ ଲୋକଙ୍କୁ କୌଣସି ସୂଚନା ମିଳୁ ନାହିଁ। ସମସ୍ତେ ଏହି ଆଇନକୁ ନେଇ ବଡ଼ ବଡ଼ କଥା କହୁଛନ୍ତି। ହେଲେ ପ୍ରକୃତରେ ଏହି ବ୍ରବସ୍ଥା ପଙ୍ଗୁ ସଦୃଶ ହେବାକୁ ଯାଉଛି ବୋଲି କୁହାଯାଇଛି। ଏ ସମ୍ପର୍କରେ ସୁପ୍ରିମକୋର୍ଟରେ ଆଗତ ଏକ ପିଟିସନର ଶୁଣାଣି ବେଳେ ଆବେଦନକାରୀ ଅଞ୍ଜଳି ଭରଦ୍ୱାଜଙ୍କ ଓକିଲ ପ୍ରଶାନ୍ତ ଭୂଷଣ ସାରା ଦେଶରେ ସୂଚନା ଆୟୋଗଗୁଡିକର ସ୍ଥିତିକୁ ନେଇ କହିଥିଲେ ଯେ, କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ସୂଚନା ଆୟୋଗଗୁଡିକର ସ୍ଥିତି ଏବେ ପଙ୍ଗୁ ହୋଇଯାଇଛି। ମୁଖ୍ୟ ସୂଚନା କମିସନର ଏବଂ ସୂଚନା କମିସନରଙ୍କ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ୨୦୧୯ ଫେବୃଆରୀରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେଥିରେ ଦେଶର ସମସ୍ତ ସୂଚନା ଆୟୋଗଗୁଡିକରେ କମିସନରମାନଙ୍କୁ ଠିକଣା ସମୟରେ ନିଯୁକ୍ତ କରାଯିବା ସହ ଏଥିରେ ସମ୍ପୂର୍ଣ୍ଣ ସ୍ୱଛତା ରକ୍ଷା କରିବାକୁ କୁହାଯାଇଥିଲା। ହେଲେ ଏହାକୁ କଦାଚିତ ପାଳନ କରାଯାଇ ନାହିଁ ଏବଂ ବର୍ତ୍ତମାନ ଦେଶର ବିଭିନ୍ନ ଭାଗରେ ସୂଚନା ଆୟୋଗଗୁଡିକରେ ବହୁ ସଂଖ୍ୟାରେ ପଦ ପଦବୀ ଖାଲି ପଡ଼ିଛି ବୋଲି ସେ କହିଥିଲେ। ଯଦିଓ କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ଆଇନ ବ୍ୟବସ୍ଥାକୁ ଲାଗୁ କରିବା ଦିଗରେ ଆଗ୍ରହପୂର୍ବକ କାର୍ଯ୍ୟ କରିଥିଲେ ପରବର୍ତ୍ତୀ ସମୟରେ ଏଥିପାଇଁ ଗୁରୁତ୍ୱ ଦିଆଯାଇ ନାହିଁ। ବରଂ ପ୍ରତ୍ୟେକ ସ୍ତରରେ ଏହାକୁ ହତ୍ୟା କରିବାକୁ ଉଦ୍ୟମ କରାଯାଉଛି ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କେ ସିଂ ଏହି ପ୍ରସଙ୍ଗରେ ଶୁଣାଣି କରି ଅସନ୍ତୋଷ ପ୍ରକାଶ କରିଥିଲେ। ଯେଉଁ ସବୁ ରାଜ୍ୟରେ ମୁଖ୍ୟ ସୂଚନା କମିସନର ଏବଂ ସୂଚନା କମିସନର ପଦବୀ ଖାଲି ପଡ଼ିଛି ତାହାର ତାଲିକା ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ମହାରାଷ୍ଟ୍ରର ୩ ଗାଁର ସ୍ଥିତିକୁ ନେଇ ଉଦ୍‌ବେଗ

# ସପ୍ତାହରେ ଚନ୍ଦା ହୋଇଗଲେ ଶତାଧିକ ଗ୍ରାମବାସୀ

ମୁମ୍ବଇ,୮।୧(ଏଜେନ୍ସି): ମହାରାଷ୍ଟ୍ରର ବୁଲଧାନା ଜିଲ୍ଲାର ତିନି ଗାଁରେ ନିକଟରେ ସୃଷ୍ଟି ହୋଇଥିବା ଏକ ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଜିଲ୍ଲାର ତିନି ଗାଁ ଲୋକେ ସପ୍ତାହକରେ ଚନ୍ଦା ହୋଇଯିବା ଘଟଣାକୁ ନେଇ ଅନେକ ବିସ୍ମିତ ହୋଇପଡ଼ିଥିଲା ବେଳେ ଏହାର କାରଣ ଜାଣିବାକୁ ଏବେ ଅନୁସନ୍ଧାନ ଆରମ୍ଭ ହୋଇଛି। ମିଳିଥିବା ଖବର ଅନୁସାରେ ବୋରଗାଓଁ ,କଲୱାଡ୍ ଏବଂ ହିଙ୍ଗନା ଆଦି ତିନି ଗ୍ରାମର ଲୋକ ଗତ ସପ୍ତାହ ଭିତରେ ଶରୀରରେ ହେଉଥିବା ପରିବର୍ତ୍ତନକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ। ପୁରୁଷ ଏବଂ ମହିଳା ନିର୍ବିଶେଷରେ ସମସ୍ତଙ୍କ ମୁଣ୍ଡରୁ ଅଚାନକ ବାଳ ଝଡ଼ିବା ଆରମ୍ଭ ହୋଇଯାଇଥିଲା। ପ୍ରଥମେ ଏହା ଏକ ସାଧାରଣ ଘଟଣା ବୋଲି ବିବଚେନା କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସମୂହ ଚନ୍ଦା ହୋଇଯାଉଥିବା ଦେଖି ଗାଁ ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଥିଲା। ଏପରିକି କିଛି ଲୋକଙ୍କ ମୁଣ୍ଡରେ ହାତ ମାରିବା କ୍ଷଣି ବାଳ ଖସିବା ଆରମ୍ଭ ହୋଇଥିଲା। ଏହି ଖବର ସରକାରୀ ସ୍ତରରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଏହି ତିନି ଗାଁର ଲୋକମାନେ ଯେଉଁ ପାଣି ବ୍ୟବହାର କରୁଛନ୍ତି ତାହାକୁ ପରୀକ୍ଷା କରାଯିବା ସହିତ ପରିବେଶକୁ ନେଇ ମଧ୍ୟ ତର୍ଜମା କରାଯାଉଛି।

**ବନାଗ୍ନି କୋପରେ ଲସ୍ ଏଞ୍ଜେଲସ୍**

# ପୋଡ଼ିଗଲା ଶତାଧିକ ଘର, କାର୍

**ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଘର ବି ଖାଲି**

**୧୦ ହଜାର ଲୋକଙ୍କୁ ତୁରନ୍ତ ଖାଲି ନିର୍ଦ୍ଦେଶ**

ୱାଶିଂଟନ୍,୮।୧(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲସ୍ ଅଞ୍ଚଳ ଏବେ ବନାଗ୍ନି କୋପରେ ଥରହର ହୋଇପଡ଼ିଛି। ଉତ୍ତର ପୂର୍ବ ଲସ୍ ଏଞ୍ଜେଲସ୍‌ର ପାହାଡ଼ ଘେରା ଏକ ପ୍ରାକୃତିକ ଜଙ୍ଗଲରୁ ଗତ ମଙ୍ଗଳବାର ଉଠିଥିବା ନିଆଁ ଏବେ ବିଭିନ୍ନ ଅଞ୍ଚଳକୁ ଗ୍ରାସିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ, ମାତ୍ର ୩୦ ଘଣ୍ଟା ମଧ୍ୟରେ ଶହ ଶହ ଘର ଏବଂ ଗାଡି ପାଉଁଶ ହୋଇଯାଇଛି। ସାଂପ୍ରତିକ ସ୍ଥିତିରେ ପବନର ବେଗ ତୀବ୍ର ଗତିରେ ଦକ୍ଷିଣ ଲସ୍ ଏଞ୍ଜେଲସ୍ ମୁହାଁ ହୋଇଥିବାରୁ ନିଆଁ ଏହି ଅଞ୍ଚଳକୁ ବ୍ୟାପିବାର ଆଶଙ୍କା ବଢାଇଛି। ଏହାକୁ ଦୃଷ୍ଟିରେ ରଖି ବିପଦାପନ୍ନ ଅଞ୍ଚଳର ୧୦ ହଜାର ଲୋକଙ୍କୁ ତୁରନ୍ତ ଘର ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ରୁ ୧୦ ହଜାର ଲୋକ ସେମାନଙ୍କ ଘର ଛାଡି ଅନ୍ୟତ୍ର ପଳାଇଛନ୍ତି। ବିଭିନ୍ନ ଅଞ୍ଚଳରେ ତୀବ୍ର ବଗେରେ ପବନ ସହିତ ନିଆଁର ପ୍ରକୋପ ବଢୁଥିବାରୁ ଭୟାନକ ସ୍ଥିତି ଉପୁଜିଛି। ନିଆଁକୁ ଆୟତ୍ତ କରିବା ଲାଗି ଶହ ଶହ ଅଗ୍ନିଶମ ଟିମ୍ ମୁତୟନ ହୋଇଛନ୍ତି। କିନ୍ତୁ ନିଆଁ ଆୟତ୍ତ କରିବା ସମ୍ଭବ ହୋଇପାରି ନାହିଁ। ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛିଯେ, ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଲସ୍ ଏଞ୍ଜେଲସ୍ସ୍ଥିତ ଘରକୁ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ପବନ ଝଡ଼ ଆହୁରି ତୀବ୍ର ହେବ ବୋଲି ଲସ୍ ଏଞ୍ଜେଲସ୍ ମେୟର କାରେନ୍ ବାସ୍ ବୁଧବାର ସତର୍କ କରାଇଛନ୍ତି।



# ଶେଖ ହସିନାଙ୍କ ଭିସା ଅବଧି ବଢ଼ାଇଲା ଭାରତ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ବାଂଲାଦେଶରେ ବିକ୍ଷୋଭ ଓ ଅରାଜକତା ସହ ଶେଖ ହସିନାଙ୍କ ବିରୋଧରେ ତୀବ୍ର ଆନ୍ଦୋଳନ ପରେ ସେ ଦେଶ ଛାଡି ଭାରତରେ ଆଶ୍ରୟ ନେଇଥିଲେ। କିନ୍ତୁ ଭାରତରେ ତାଙ୍କର ରହଣିକୁ ନେଇ ବାଂଲାଦେଶ ଭାରତକୁ ନିଶାଣ କରିଛି। ତାଙ୍କୁ ତୁରନ୍ତ ବାଂଲାଦେଶକୁ



ପ୍ରତ୍ୟାର୍ପଣ କରିବା ଲାଗି ସେଠାକାର ଅନ୍ତରୀଣ ସରକାର ଭାରତ ସରକାରଙ୍କୁ ବିଧିବଦ୍ଧ ଭାବେ ଚିଠି ଲେଖିସାରିଛନ୍ତି। ୨୦୨୪ ଅଗଷ୍ଟ ୫ରେ ଶେଖ ହସିନା ବାଂଲାଦେଶ ଛାଡି ଦିଲ୍ଲୀରେ ପହଞ୍ଚିବା ପରେ ସେବେ ଠାରୁ ଭାରତରେ ଅବସ୍ଥାନ କରୁଛନ୍ତି। କିନ୍ତୁ ଏହାଭିତରେ ଭାରତ ସରକାର ଶେଖ ହସିନାଙ୍କ ଭିସା ଅବଧି ବୃଦ୍ଧି କରିଛନ୍ତି। ଏହା ଦ୍ୱାରା ତାଙ୍କ ଭିସା ଅବଧି ଶେଷ ହେବା ଯାଏ ହସିନା ଭାରତରେ ରହିପାରିବେ । କିନ୍ତୁ ହସିନାଙ୍କୁ ଭାରତ ସରକାର ରାଜନୀତିକ ଆଶ୍ରୟ ଦେଇଥିବା ଦାବିକୁ ସରକାରୀ ସୂତ୍ରରେ ଖଣ୍ଡନ କରାଯାଇଛି। ଭିସା ଅବଧି ବୃଦ୍ଧି କରିବା ଅର୍ଥ କାହାରିକୁ ରାଜନୈତିକ ଶରଣ ଦେବା ବୋଲି ଭାବିବା ଅନୁଚିତ ବୋଲି କୁହାଯାଇଛି। ଏହାକୁ ଆଉ କୌଣସି ଦିଗ ସହ ଯୋଡ଼ିବା ଉଚିତ ନୁହେଁ ବୋଲି କୁହାଯାଇଛି। କିନ୍ତୁ ଗତବର୍ଷ ଅଗଷ୍ଟ ମାସରେ ବାଂଲାଦେଶରେ ଛାତ୍ର ବିକ୍ଷୋଭ ବେଳେ ପ୍ରଧାନମନ୍ତ୍ରୀ ଭାବେ ଶେଖ ହସିନା ଯେଭଳି ଭୂମିକା ଗ୍ରହଣ କରିଥିଲେ ତାହାକୁ ବାଂଲାଦେଶର ୟୁନୁସ୍ ସରକାର ସମାଲୋଚନା କରିବା ସହିତ ସେଠାକାର ଅଦାଲତ ହସିନାଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରିଥିଲେ। ଏବେ ତାଙ୍କ ବିରୋଧରେ ବିଚାର ଆରମ୍ଭ ହେବାକୁ ଥିବାରୁ ତାଙ୍କୁ ତୁରନ୍ତ ପ୍ରତ୍ୟର୍ପଣ କରିବା ଲାଗି ୟୁନୁସ୍ ସରକାର ଭାରତ ନିକଟରେ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଆବାସକୁ ନେଇ ଆପ୍ -ବିଜେପି ବାକ୍‌ଯୁଦ୍ଧ

# ସିସ୍‌ମହଲ୍ ବନାମ ରାଜମହଲ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଦିଲ୍ଲୀ ନିର୍ବାଚନ ସମୟ ପାଖେଇ ଆସୁଥିଲା ବେଳେ ରାଜନୀତି ସରଗରମ ହେବାରେ ଲାଗିଛି। ବିଶେଷକରି ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ ଆମ ଆଦମୀ ପାର୍ଟି (ଆପ୍) ଏବଂ ବିଜେପି ମଧ୍ୟରେ ରାଜନୈତିକ ଯୁଦ୍ଧ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଆବାସକୁ ନେଇ ରାଜନୈତିକ ବିବାଦ ବଢ଼ିବା ସହିତ ଏହି ଦୁଇ ଦଳ ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସକୁ ବିଜେପି ସିସମହଲ କହୁଥିଲା ବେଳେ ଆପ୍ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆବାସକୁ ରାଜମହଲ କହି କଟାକ୍ଷ କରିଛି। ସିସମହଲର ପୁନର୍ବିନ୍ୟାସ ପାଇଁ ଆପ୍ ପ୍ରାୟ ୩୨ କୋଟି ଟଙ୍କା ଅପଚୟ କରିଥିବା ବିଜେପି ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଆବାସ ପାଇଁ ୨୭୦୦ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ଆପ୍ କହିଛି। ଏହି ବିବାଦ ଆରମ୍ଭ ହେବା ପରେ ବୁଧବାର ଆପ୍ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ଓ ମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କ ସମେତ ଅନ୍ୟ ନେତାମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଆବାସରେ ପହଞ୍ଚିଥିଲେ। ହେଲେ ଏହି ସମୟରେ ପୁଲିସ ସହ ସେମାନଙ୍କ ମୁହାଁମୁହିଁ ହୋଇଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆବାସ ବାହାରେ ଥିବା ପୁଲିସ ଆପ୍ ନେତାଙ୍କୁ ଅଟକାଇବା ସହିତ ସେମାନଙ୍କୁ ଭିତରକୁ ଛାଡ଼ି ନଥିଲା। ସିଏମ ହାଉସ ବାହାରେ ବ୍ୟାରିକେଡିଂ କରାଯାଇଥିଲା। ବ୍ୟାରିକେଡ୍ ପାର ହେବାକୁ ପୁଲିସ ଆପ୍ ନେତାଙ୍କୁ ଅନୁମତି ଦେଇନଥିଲା। ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହାପରେ ସଞ୍ଜୟ ଏବଂ ସୌରଭ ସେମାନଙ୍କ ସମର୍ଥକଙ୍କ ସହ ରାସ୍ତା ଉପରେ କିଛି ସମୟ ବସି ରହିଥିଲେ। ପରେ ପରେ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅଧୀନରେ ପ୍ରଧାନମନ୍ତ୍ରୀଙ୍କ ଲାଗି ନିର୍ମାଣ କରାଯାଉଥିବା ନୂତନ ଭବନ ଆଡକୁ ସେମାନେ ଅଗ୍ରସର ହୋଇଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ଅଧା ବାଟରେ ପୁଣି ଅଟକାଇଥିଲା। ଏହାକୁ ନେଇ ପୁଣି ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ।



## କନ୍ଧମାଳ ପୁଲିସକୁ ସଫଳତା

# ମାଓ କ୍ୟାମ୍ପ ଧ୍ୱଂସ, ଆଇଇଡି ଜବତ

**ଫୁଲବାଣୀ,୮।୧(ସମିସ):** କମ୍ବି ଅପରେସନ ବେଳେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଏକ ମାଓ କ୍ୟାମ୍ପକୁ ଧ୍ୱଂସ କରିଛନ୍ତି ଏସଓଜି ଓ ସିଆରପିଏଫ ଯବାନ। ସମ୍ପୃକ୍ତ ଅଞ୍ଚଳରୁ ମିଳିଛି ଦୁଇଟି ଉଚ୍ଚ ଶକ୍ତିସମ୍ପନ୍ନ ଆଇଇଡି। ସିଆରପିଏଫର ବୋମ୍ବ ସ୍କ୍ୱାଡ୍ ସହାୟତାରେ ଏହି ବିସ୍ଫୋରକକୁ ନଷ୍ଟ କରାଯାଇଛି। ଏଥିସହ ମାଓ କ୍ୟାମ୍ପରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଛି। ବୁଧବାର ଜିଲ୍ଲା ପୁଲିସ

## ୨୦୨୬ ସୁଦ୍ଧା ମାଓମୁକ୍ତ ହେବ କନ୍ଧମାଳ: ଏସପି

ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କନ୍ଧମାଳ ଏସପି ହରିଶ ବିସି କହିଛନ୍ତି, ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଏହି ବିସ୍ଫୋରକ ଖଞ୍ଜା ଯାଇଥିଲା। ପୁଲିସର ଠିକ ସମୟରେ ପଦକ୍ଷେପ ଯୋଗୁଁ ଏକ ବଡ଼ ଧରଣର ବିପଦକୁ ଟାଳି ଦିଆ ଯାଇପାରିଛି ବୋଲି ଏସପି କହିଛନ୍ତି।

ସୂଚନା ଅନୁସାରେ, ପୁଲିସ ଓ ସିଆରପିଏଫ ଯବାନ ମାନଙ୍କ ଦ୍ୱାରା କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଓ ତୁମୁଡିବନ୍ଧ ଥାନା ଓ କଳାହାଣ୍ଡି ଜିଲ୍ଲାର ଏମ ରାମପୁର ଥାନା ଅଞ୍ଚଳରେ ଗତ ୩ ତାରିଖରେ ଏକ କମ୍ବି ଅପରେସନ ଆରମ୍ଭ କରାଯାଇଥିଲା। ଅପରେସନ ବେଳେ



ସୋମବାର ବାଲିଗୁଡ଼ା ଥାନା ଅନ୍ତର୍ଗତ ମାର୍ଦୁଲି ଗ୍ରାମ ନିକଟ ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ ହୋଇଥିଲା। କ୍ୟାମ୍ପରୁ ଏକ କିଲୋଗ୍ରାମ ବିଶିଷ୍ଟ ଦୁଇଟି ଆଇଇଡି ସହିତ ବିପୁଳ ମାଓ ସାମଗ୍ରୀ ଜବତ କରିଛି ପୁଲିସ। ଜବତ ସାମଗ୍ରୀ ମଧ୍ୟରେ ରହିଛି ଗୋଟିଏ ଦେଶୀ ବନ୍ଧୁକ, ସୋଲାର ପ୍ଲେଟ, ବିଦ୍ୟୁତ ତାର, ପୋଷାକ ଓ ଖାଦ୍ୟ ସାମଗ୍ରୀ। ଏହି କ୍ୟାମ୍ପରେ ୧୦ରୁ ୧୫ ମାଓବାଦୀ ରହୁଥିବା ଏବଂ ସେମାନେ କେକେବିଏନ ସଙ୍ଗଠନର ୮ମ କମ୍ପାନୀର ସଦସ୍ୟ ବୋଲି ଅନୁମାନ କରାଯାଉଥିବା ଏସପି କହିଛନ୍ତି। ପୁଲିସକୁ ଦେଖି ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ବର୍ତ୍ତମାନ ଓଡ଼ିଶା ସୀମାନ୍ତ ଛତିଶଗଡ଼ ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନ ଜୋରଦାର ହୋଇଥିବା ପରିପ୍ରେକ୍ଷୀରେ କ୍ୟାଡର ମାଓବାଦୀ ଓଡ଼ିଶା ଭିତରକୁ ପଶିବା ପାଇଁ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଓଡ଼ିଶା ପୁଲିସ ପକ୍ଷରୁ ଏହା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। କନ୍ଧମାଳ ଜିଲ୍ଲାରେ ମାଓ ସଙ୍ଗଠନ ଧୀରେ ଧୀରେ ଦୁର୍ବଳ ହେଉଥିବା ବେଳେ ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା କନ୍ଧମାଳ ଜିଲ୍ଲାରୁ ମାଓ ସମସ୍ୟାର ମୂଳୋତ୍ପାଟନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଛନ୍ତି ଏସପି।

# ଓଡିଶା ପ୍ରତି ରେଳବାଇର ଅବହେଳା

## ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ

**ଭୁବନେଶ୍ୱର,୮।୧(ସମିସ):** ପୂର୍ବତଟ ରେଳବାଇର ୱାଲଟିୟର ଡିଭିଜନ୍ ନବଗଠିତ ଦକ୍ଷିଣତଟ ରେଲୱେ ଅଧୀନକୁ ଚାଲିଯିବା ପରିପ୍ରେକ୍ଷୀରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଏ ନେଇ ଶ୍ରୀ ପଟ୍ଟନାୟକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଲେଖି ଓଡ଼ିଶାର ଆବଶ୍ୟକତା ଓ ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ଶ୍ରୀ ପଟ୍ଟନାୟକ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପୂର୍ବରୁ ୱାଲଟିୟର ଡିଭିଜନ ମଧ୍ୟରେ ଆସୁଥିବା ଓଡ଼ଶାର ସମସ୍ତ ରେଳ ନେଟ୍‌ୱର୍କ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ରହିବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନାହିଁ। ଏହି ବିଭାଜନ ଫଳରେ ସମସ୍ତ ମୁଖ୍ୟ ରେଳ ନେଟ୍‌ୱର୍କ ୱାଲଟିୟର ଡିଭିଜନରେ ରହିଯିବ; ଯାହାକି ଓଡ଼ିଶା ପ୍ରତି ଅନେକ କ୍ଷତି ପହଞ୍ଚାଇବ। ଇଷ୍ଟକୋଷ୍ଟ ରେଲୱେକୁ ସଶକ୍ତ କରିବାରେ ୱାଲଟିୟର ଡିଭିଜନର ଏକ ପ୍ରମୁଖ ଭୂମିକା ଥିଲା। ଡିଜେଲ ଏବଂ ଇଲେକ୍ଟ୍ରି ଉଭୟ ପ୍ରକାର ଇଞ୍ଜିନ୍‌ର ସହାୟତା ୱାଲଟିୟର ଡିଭିଜନରୁ ଇଷ୍ଟକୋଷ୍ଟ ରେଳବାଇକୁ ମିଳୁଥିଲା। ଏହା ମଧ୍ୟ ସତ୍ୟ ଯେ ୱାଲଟିୟର ଡିଭିଜନରୁ ଯେଉଁ ପ୍ରଚୁର ରାଜସ୍ୱ ମିଳୁଥିଲା। ତାହା ଆଉ ଇଷ୍ଟକୋଷ୍ଟକୁ ମିଳିବ ନାହିଁ।

ଏହିପରି ବିଭିନ୍ନ ପ୍ରକାରର କ୍ଷତିକୁ ନବଗଠିତ ରାୟଗଡ଼ା ଡିଭିଜନ କେବେହେଲେ ପୂରଣ କରିପାରିବ ନାହିଁ। ତେଣୁ ୱାଲଟିୟର ଡିଭିଜନକୁ ସବୁକ୍ଷେତ୍ରରୁ ସଶକ୍ତ କରିବା ପାଇଁ ଯେଉଁ ପ୍ରକାର ନୀତି ଗ୍ରହଣ କରାଯାଇଛି, ଓଡିଶାର ସ୍ୱାର୍ଥକୁ ଆଖିରେ ରଖି ରାୟଗଡ଼ା ଡିଭିଜନ ପାଇଁ ମଧ୍ୟ ସେହି ନୀତି ଅବଲମ୍ବନ କରିବା ଆବଶ୍ୟକ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଆଜିସୁଦ୍ଧା ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଯଥା ବେଲପାହାଡ଼, ବ୍ରଜରାଜନଗର, ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଅଧୀନରେ ରହିଛି। ସେହିପରି ପ୍ରମୁଖ ରେଲଷ୍ଟେସନ ଯଥା- ଝାରସୁଗୁଡ଼ା, ରାଉରକେଲା, ବନ୍ଦମୁଣ୍ଡା, ବଡ଼ବିଲ, ବାଲେଶ୍ୱର, ବାରିପଦା ଦକ୍ଷିଣ-ପୂର୍ବ ରେଳବାଇ ଅଧୀନରେ ଅଛି। ତେଣୁ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର ସମସ୍ତ ରେଳଲାଇନକୁ ଯଥା ଶୀଘ୍ର ପୂର୍ବତଟ ରେଳବାଇ ଅଧୀନକୁ ଆଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଥିସହ ଖଣିଜ ପରିବହନ ପାଇଁ ଟାଙ୍ଗିରପାଳ (ଯଖପୁରା-ବାଂଶପାଣି ଲାଇନ) - ଭଦ୍ରକ/କେନ୍ଦୁଆପଦା (କୋଲକାତା-ଚେନ୍ନାଇ ଲାଇନ), ବାଂଶପାଣି - ବଡ଼ବିଲ, ବୋଲାଣିଖାଦାନ - କିରିବୁରୁ, ନୟାଗଡ - ବରସୁଆଁ ପ୍ରମୁଖ ଲାଇନଗୁଡ଼ିକରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ଓଡିଶା ଭାରତୀୟ ରେଳବାଇକୁ ଯେତିକି ପରିମାଣରେ ରାଜସ୍ୱ ଦେଉଛି, ସେହି ଅନୁପାତରେ ଓଡିଶାକୁ ତା'ର ପ୍ରାପ୍ୟ ମିଳିବା ଉଚିତ। ରାୟଗଡ଼ା ଡିଭିଜନ ନାମରେ ଏକ ନୂତନ ଡିଭିଜନ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ୱାଲଟିୟର ଡିଭିଜନରୁ ଓଡିଶାର ପୂର୍ବୋକ୍ତ ସୁବିଧାକୁ ଅପସାରଣ କରାଯିବା ଅନୁଚିତ ବୋଲି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଅବଶିଷ୍ଟାଂଶ...

### ଓଡ଼ିଶାରେ 'ପ୍ରବାସୀ'...

କେନ୍ଦ୍ର ଯୁବ ବ୍ୟାପର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ଭାଗିଦାରୀ ଜରୁରୀ। ଦେଶର ହିତ ପାଇଁ ଯୁବବର୍ଗଙ୍କୁ ଯୋଗଦାନ କରିବାକୁ ହେବ। ଦେଶରେ ଏବେ ୨୦ ନାଗରିକରୁ ୧୩ ଜଣ ଯୁବକ। ୧ ଲକ୍ଷ ଯୁବ ନେତୃତ୍ୱ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନର ସମୟ ଆପଣମାନଙ୍କ ପାଇଁ ପ୍ରକୃଷ୍ଟ ସମୟ। ଏହି ସମୟରେ ଦେଶ ପାଇଁ ଶକ୍ତି ମୁତାବକ ଯୋଗଦାନ କରି ଭାରତକୁ ଦୁନିଆ ନଜରକୁ ଆଣନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ମାଣ୍ଡଭିୟ। ଅନ୍ୟମାନଙ୍କ ମଧ୍ୟରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା, ନ୍ୟୁଜ୍ ୱିକ୍ (ଆମେରିକା)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାରତୀୟ ବଂଶୋଦ୍ଭବ ଡଃ. ପ୍ରଗଡ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖାଡସେ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ପ୍ରବାସୀ ଭାରତୀୟ ଯୋଗ ଦେଇଛନ୍ତି।

### ରାସ୍ତାରେ ଗଡ଼ିଲା...

କାଣ୍ଡ। ରକ୍ତରେ ଭିଜିଛି ରାଜଧାନୀର ଜାତୀୟ ରାଜପଥ। ବାଣୀବିହାର ରେଳ ଓଭରବ୍ରିଜ ଉପରେ ପୁଲିସ ଇନ୍‌ଫର୍ମରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ସହଦେବ ନାୟକ (୩୨)। ତାଙ୍କ ଘର କ୍ୟାପିଟାଲ ଥାନା କେଦାରପଲ୍ଲୀ ବସ୍ତି। ସେ ରାଜଧାନୀ ସଫେଇ କର୍ମଚାରୀ ସଂଘର ନେତୃତ୍ୱ ନେଉଥିଲେ। ନିଶା କାରବାର ଓ ପୂର୍ବଶତ୍ରୁତା କେନ୍ଦ୍ରକରି ସହଦେବଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଏହି ହତ୍ୟା ଘଟଣାର ତଦନ୍ତ ପରେ ଆଶ୍ଚର୍ଯ୍ୟଜନକ କଥା ସାମ୍ନାକୁ ଆସିଛି। ଜେଲ ଫେରନ୍ତା ମହିଳା ତାଙ୍କ ସ୍ୱାମୀଙ୍କ ସହ ମିଶି ଏହି ହତ୍ୟାକାଣ୍ଡ ଭିଆଇଛନ୍ତି। ଉକ୍ତ ଦମ୍ପତିଙ୍କ ସମେତ ୩ଜଣଙ୍କୁ ନୟାଗଡ ଶରଣକୁଳରୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ସେମାନେ ହେଲେ ଲିପିକା ନାୟକ, ସ୍ୱାମୀ ଲକ୍ଷ୍ମୀଧର ନାୟକ ଓ ପଡୋଶୀ ରକି ନାୟକ। ଲିପିକାର ସିଧାସଳଖ ସମ୍ପୃକ୍ତି ରହିଥିବା ବେଳେ ସେ ଘଟଣାସ୍ଥଳକୁ ଯାଇ ସହଦେବଙ୍କୁ ହତ୍ୟା କରିଥିଲା।

ପୁଲିସ କହିବା ଅନୁଯାୟୀ, ସହଦେବ ସକାଳୁ ତାଙ୍କ ଝିଅକୁ ରାମମନ୍ଦିର ନିକଟ ସ୍କୁଲରେ ଛାଡିବା ପରେ ମଟନ ଆଣିବା ଲାଗି ରସୁଲଗଡକୁ ଯାଇଥିଲେ। ସେମାନଙ୍କୁ ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ପିଛା କରୁଥିଲେ। ଦିନ ପ୍ରାୟ ୮ଟା ସମୟରେ ବାଣୀବିହାର ରେଳ ଓଭରବ୍ରିଜ ଉପର (ଲା ଫ୍ରାଙ୍କଲିନ୍) ସାମ୍ନାରେ ସହଦେବଙ୍କ ସ୍କୁଟିର ବେଗ କମିବା ସମୟରେ ଦୁର୍ବୃତ୍ତମାନେ ଅଟକାଇଥିଲେ। ପ୍ରଥମେ ଧସ୍ତାଧସ୍ତି ପରେ ମାର୍‌ପିଟ୍ ଆରମ୍ଭ ହୋଇଥିଲା। ସେତିକି ବେଳେ ସହଦେବଙ୍କ ବେକକୁ ଧାରୁଆ ଅସ୍ତ୍ରରେ ଚୋଟ ପରେ ଚୋଟ ପକାଇଥିଲେ। ୪ଜଣ ଦୁର୍ବୃତ୍ତ ତାଙ୍କୁ ୮ ଚୋଟ ପକାଇଥିଲେ। ୧୦ରୁ ୧୫ମିନିଟ୍ ଧରି ରାଜଧାନୀ ରାଜରାସ୍ତାରେ ଆତଙ୍କ ରଚିଥିଲେ ଦୁର୍ବୃତ୍ତ। ସର୍ବସାଧାରଣରେ ହତ୍ୟା କରିବା ପରେ ଘଟଣା ସ୍ଥଳରୁ ଚମ୍ପଟ୍ ହୋଇଯାଇଥିଲେ। ଆଉ ଗଲାବେଳେ ପଛରେ ବସିଥିବା ଅଭିଯୁକ୍ତମାନେ ବ୍ୟାଗ୍ ଭିତରେ ମାରଣାସ୍ତ୍ର ଭର୍ତ୍ତି କରି ଫେରାର୍ ହୋଇଯାଇଥିଲେ। ମହିଳାଙ୍କ ସମେତ ଅଭିଯୁକ୍ତମାନେ ହେଲମେଟ୍ ପିନ୍ଧି ଜ୍ୟାକେଟରେ ମୁହଁ ଘୋଡାଇ ଛୁ ମାରିଥିବା ସମୟର ଦୃଶ୍ୟ ପ୍ରତ୍ୟକ୍ଷଦର୍ଶୀମାନେ ଭିଡିଓ କରିଥିଲେ। ଉକ୍ତ ଭିଡିଓକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ସେମାନେ ହତ୍ୟା କରିବା ପରେ ନୟାଗଡ ଫେରାର୍ ହୋଇଯାଇଥିଲେ। ସେମାନଙ୍କୁ ପିଛା କରିଥିଲା ମଞ୍ଚେଶ୍ୱର ଥାନା ପୁଲିସ ଓ ସ୍ପେଶାଲ ସ୍କାଡ ୩ଜଣଙ୍କୁ କାବୁ କରିବା ସହ ମାରଣାସ୍ତ୍ର ଜବତ କରିଥିଲା। ଧରାପଡ଼ିଥିବା ଲିପିକା ବ୍ରାଉନସୁଗର କାରବାର କରି ଜେଲ ଯାଇ ଗତ ଜାନୁଆରୀ ମାସରେ ଜାମିନ୍‌ରେ ମୁକୁଳିଥିଲା। ସେ ଜେଲ ଯିବା ପଛରେ ସହଦେବର ହାତ ରହିଥିବା ସନ୍ଦେହ କରିଥିଲା। ଲିପିକା ଓ ତାଙ୍କ ସ୍ୱାମୀ ଏବଂ ଅନ୍ୟ ୨ଜଣ ସହଯୋଗୀ ମିଶି ସହଦେବଙ୍କୁ ହତ୍ୟା କରିଥିଲା।

ରସୁଲଗଡ ଓଭରବ୍ରିଜ ଉପରେ ସ୍କୁଟି ଓ ସହଦେବ ଅଲଗା ଅଲଗା ପଡ଼ିଥିବା ବେଳେ ରାଜପଥରେ ଲହଡି ମାରୁଥିଲା ରକ୍ତ। ମୁଣ୍ଡର ଅଳ୍ପ କିଛି ଅଂଶ ଗଣ୍ଡରେ ଲାଗି ରହିଥିଲା। ଖବରପାଇ ଘଟଣାସ୍ଥଳରେ ମଞ୍ଚେଶ୍ୱର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ଓ ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ସହଦେବଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ହସ୍ପିଟାଲ ପରିସରରେ ଶତାଧିକ ସଫେଇ କର୍ମଚାରୀ ଏକତ୍ର ହୋଇଥିଲେ। ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ହସ୍ପିଟାଲରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ବିଜେପି ନେତା ଜଗନ୍ନାଥ ପ୍ରଧାନ ମଧ୍ୟ ହସ୍ପିଟାଲରେ ପହଞ୍ଚିଥିଲେ। ପୂର୍ବରୁ ତାଙ୍କୁ ହତ୍ୟା କରିବାକୁ ଧମକ ମିଳିଥିଲା। କିଛି ଦିନ ତଳେ ପୁଲିସ ତାଙ୍କ ଘରେ ବ୍ରାଉନସୁଗର ରଖି ଗିରଫ କରିବା ଲାଗି ଷଡଯନ୍ତ୍ର ରଚିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏମିତିକି ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ବହୁ ସମୟରେ ଅଭିଯୋଗ ବି କରିଛନ୍ତି। କିନ୍ତୁ ଶେଷରେ ଅଭିଯୁକ୍ତମାନେ ସୁଚିନ୍ତିତ ଷଡଯନ୍ତ୍ର ଜରିଆରେ ସହଦେବଙ୍କୁ ବୀଭତ୍ସ ହତ୍ୟା କରିଥିଲେ।

### ସରକାର-ବିରୋଧୀ...

କରିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ। ୨୦୦୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ଲାଗି ସମସ୍ତ ୫୪୩ ଲୋକସଭା ନିର୍ବାଚନମଣ୍ଡଳୀରେ ଇଭିଏମ୍ ବ୍ୟବହାର କରାଯାଇଥିଲା। ଏଥିରେ କେତେ ଖର୍ଚ୍ଚ ହୋଇଥିଲା, ତାହାର ତଥ୍ୟ ଦିଆଯାଉ ବୋଲି ବିରୋଧୀ ସଭ୍ୟ ଦାବି କରିଥିଲେ। ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ଦ୍ୱାରା କୌଣସି ଜାତୀୟ ସ୍ୱାର୍ଥ ସାଧିତ ହେବନାହିଁ। ଏହା ସମ୍ବିଧାନ ବିରୋଧୀ ଏବଂ ରାଜ୍ୟ ସରକାରମାନଙ୍କ କ୍ଷମତା ଓ ଅଧିକାର ଏହାଦ୍ୱାରା ସଙ୍କୁଚିତ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବିଜେପି ସାଂସଦମାନେ ବିରୋଧୀ ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। ସେମାନେ କହିଥିଲେ ଯେ ୧୯୫୭ରେ ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ଉଦ୍ଦେଶ୍ୟରେ ୭ଟି ରାଜ୍ୟ ବିଧାନସଭାକୁ ନିର୍ଦ୍ଧାରିତ ସମୟ ଆଗରୁ ଭଙ୍ଗ କରାଯାଇଥିଲା। ସେତେବେଳେ ନେହରୁ ସରକାର କଣ ସମ୍ବିଧାନର ଉଲ୍ଲଂଘନ କରିଥିଲେ କି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏକ ସଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଉଛି ଦେଶବାସୀଙ୍କ ଇଚ୍ଛା ବୋଲି ସେମାନେ ଯୁକ୍ତି କରିଥିଲେ। ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏସଂପର୍କରେ ୨୫ ହଜାରରୁ ଅଧିକ ଲୋକଙ୍କ ମତାମତ ନେଇଥିଲେ। ଅଧିକାଂଶ ଲୋକ ଏହା ସପକ୍ଷରେ ମତ ଦେଇଥିବା ବିଜେପି ସାଂସଦ କହିଥିଲେ।

କଂଗ୍ରେସ ସମେତ ଡିଏମ୍‌କେ ଏବଂ ତୃଣମୂଳ କଂଗ୍ରେସ ପ୍ରତିନିଧି ବୈଠକରେ ନିର୍ବାଚନ ବିଲ୍‌କୁ ଜୋରଦାର ବିରୋଧ କରିଥିଲେ। ଟିଏମ୍‌ସି ପ୍ରତିନିଧି କଲ୍ୟାଣ ବାନାର୍ଜୀ କହିଥିଲେ ଯେ ଖର୍ଚ୍ଚ କମିବ ବୋଲି ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରାଯାଇପାରିବ ନାହିଁ। ଆଜିର ବୈଠକରେ ଉଲ୍ଲେଖନୀୟ ଘଟଣା ହେଲା ଯେ ପୂର୍ବରୁ ଏହି ବିଲକୁ ସମର୍ଥନ କରିଥିବା ୱାଇଏସଆର୍ କଂଗ୍ରେସ ଆଜି ତାର ମତ ପରିବର୍ତ୍ତନ କରିଛି। ଏହାର ପ୍ରତିନିଧି ବିଜୟସାଏ ରେଡୀ ବିଲକୁ ବିରୋଧ କରି କହିଥିଲେ ଯେ ଏହା ରାଜ୍ୟ ସ୍ୱାର୍ଥ ବିରୋଧୀ। ଏହା ଆଞ୍ଚଳିକ ଦଳକୁ ବରବାଦ କରିଦେବ। ନିର୍ବାଚନରେ ଆଞ୍ଚଳିକ ପ୍ରସଙ୍ଗ ମଧ୍ୟ ଗୁରୁତ୍ୱହୀନ ହୋଇପଡ଼ିବବ। ନିର୍ବାଚନରେ ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବହାର ସପକ୍ଷରେ ସେ ଦୃଢ଼ ଯୁକ୍ତି ବାଢ଼ି କହିଥିଲ ଯେ ଇଭିଏମ୍‌ରେ ଜାଲିଆତି ହେବାର ଆଶଙ୍କା ରହିଛି। ବିଜେପିର ସହଯୋଗୀ ନୀତୀଶ କୁମାରଙ୍କ ଦଳ ଜେଡିୟୁର ସାଂସଦ ସଂଜୟ ଝା ଇଭିଏମ୍ ସପକ୍ଷରେ ଯୁକ୍ତି କରିଥିଲେ ମଧ୍ୟ ନୂଆ ନିର୍ବାଚନ ବିଲ ନେଇ କେତେକ ପ୍ରଶ୍ନ ଉଠାଇଥିଲେ। ବିଲରେ ବ୍ୟବସ୍ଥା ଅନୁଯାୟୀ କୌଣସି କାରଣରୁ ଲୋକସଭା/ ବିଧାନସଭା ଭଙ୍ଗ ହେଲେ ଅବଶିଷ୍ଟ ସମୟ ପାଇଁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବ। ଏହାକୁ ବିରୋଧ କରି ସେ କହିଥିଲେ ।।ଯେ ସ୍ୱଳ୍ପ ଅବଧି ପାଇଁ ନିର୍ବାଚିତ ରାଜ୍ୟ ସରକାର ବିକାଶ କାମ କରିବାରେ ସମର୍ଥ ହେବନାହିଁ।

ବୈଠକରେ ବିଜୁ ଜନତା ଦଳର ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ ଯେ ବିଲ୍ ଉପରେ ଆଲୋଚନା ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ ଏହା ଉପରେ କୌଣସି ନିର୍ଦ୍ଦିଷ୍ଟ ମତାମତ ଦେବା ଠିକ୍ ହେବନାହିଁ। ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ନିଜ ନିଜର ମତାମତ ରଖିବା ଲାଗି ସମସ୍ତ ଜାତୀୟ ଓ ଆଞ୍ଚଳିକ ଦଳଙ୍କୁ ଯଥେଷ୍ଟ ସମୟ ଦିଆଯିବା ଉଚିତ। ଆଉ କେତେକ ସଭ୍ୟ ଜେପିସିର କାର୍ଯ୍ୟକାଳ ଅତିକମରେ ଏକ ବର୍ଷ କରିବାକୁ ଦାବି କରିଥିଲେ।

ପିପି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୩୯ ଜଣଙ୍କ ମଧ୍ୟରୁ ୩୭ ଜଣ ପ୍ରତିନିଧି ଯୋଗଦେଇଥିଲେ। କମିଟିରେ ଲୋକସଭାର ୨୭ ଏବଂ ରାଜ୍ୟସଭାର ୧୨ ଜଣ ସାଂସଦ ଅଛନ୍ତି।

### ପଙ୍ଖାରେ ଝୁଲି...

କରିଥିଲେ। ବୁଧବାର ସେ ଧାନ କ୍ଷେତକୁ ଯାଇଥିଲେ ଓ ସେଠାରେ ବର୍ଷା କ୍ଷତିଗ୍ରସ୍ତ ଫସଲ ଦେଖି ମର୍ମାହତ ହୋଇଥିଲେ। ଘରକୁ ଫେରିବା ପରେ ପତ୍ନୀ ମାମିନାଙ୍କ ସହ ଫସଲ କ୍ଷତି ସମ୍ପର୍କରେ ଆଲୋଚନା କରିବା ସହ କେମିତି କରଜ ଶୁଝାଯିବ ବୋଲି ବ୍ୟସ୍ତ ହୋଇ କହିଥିଲେ। ପତ୍ନୀ ମାମିନା ତାଙ୍କୁ ବୁଝାସୁଝା କରି ଚାହା ପିଇବାକୁ ଦେଇ ନିଜେ ଗାଧୋଇବାକୁ ଚାଲି ଯାଇଥିଲେ। ଏହି ସମୟରେ ଅଶୋକ ଘର ଭିତରକୁ ପଙ୍ଖାରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଅଶୋକଙ୍କୁ ତୁରନ୍ତ ସ୍ଥାନୀୟ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତ ଅଶୋକଙ୍କ ସ୍ତ୍ରୀ ମାମିନା ନାୟକ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକଙ୍କ ସହ ଶତାଧିକ ଚାଷୀ ତାଙ୍କ ଘରେ ପହଞ୍ଚିଛନ୍ତି। ଧାନ ଫସଲରେ ବ୍ୟାପକ କ୍ଷତି ଓ କରଜ ଶୁଝିବା ଚିନ୍ତାରେ ଗତ କିଛିଦିନ ହେବ ଅଶୋକ ଚାପଗ୍ରସ୍ତରେ ଥିଲେ ବୋଲି ମଝିଆ ଭାଇ ପ୍ରମୋଦ ପରିଡା କହିଛନ୍ତି। ସମବାୟ ସମିତି, ଏସଏଚଜି ଗ୍ରୁପ ଓ ଅନ୍ୟାନ୍ୟ ଲୋକଙ୍କଠାରୁ ଅଶୋକ ଚାଷ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଋଣ କରିଥିଲେ ବୋଲି ତାଙ୍କ ପତ୍ନୀ ମାମିନା କହିଛନ୍ତି। ପତ୍ନୀଙ୍କ ସହ ଅଶୋକଙ୍କର ୭ ବର୍ଷର ଏକ ଝିଅ ଅଛି। ଅଶୋକ ଋଣ ଶୁଝିବା ଚିନ୍ତାରେ ଜୀବନ ହାରିବା ପରେ ତାଙ୍କ ପରିବାର ଉପାୟ ଶୁନ୍ୟ ହୋଇପଡିଛି।

କ୍ରମାଗତ ଦୁଇଟି ଲଘୁଚାପ ବର୍ଷା କେବଳ ହଜାର ହଜାର ହେକ୍ଟର ଜମିର ଫସଲ ଉଜାଡି ଦେଇ ନାହିଁ; ବରଂ ଚାଷୀକୂଳକୁ ଅବିଶ୍ୱାସ ଓ ପ୍ରତାରଣା ମଧ୍ୟକୁ ଠେଲି ଦେଇଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଚାଷୀମାନେ ମୃତ୍ୟୁବରଣ କରୁଛନ୍ତି, ଆତ୍ମହତ୍ୟାକୁ ଶେଷ ପନ୍ଥା ଭାବରେ ଆଦରି ନେଇଛନ୍ତି। ସରକାର ବର୍ଷାଜନିତ କ୍ଷତିକୁ ବିପର୍ଯ୍ୟୟ ବର୍ଗରେ ସାମିଲ କରିଥିଲେ ମଧ୍ୟ ଚାଷୀଙ୍କ ନିକଟରେ ଆନୁଷଙ୍ଗିକ ସହାୟତା ପହଞ୍ଚି ପାରିନାହିଁ। ସରକାର ଆରମ୍ଭରୁ ଯେପରି ତତ୍ପରତା ଦେଖାଇବା କଥା ତାହା ହେଲା ନାହିଁ। ଯାହା ଫଳରେ ଚାଷୀମାନେ ନିଜକୁ ଅସହାୟ ମଣୁଛନ୍ତି ଓ ଜୀବନ ହାରୁଛନ୍ତି ବୋଲି ଅଭିଯୋଗ ହୋଇଛି।

### ବନ୍ଧାହେଲେ ଆରପିଏଫ୍...

ଲୋକେସନ୍ ଜରିଆରେ ସେଠାରେ ପହଞ୍ଚି ପିସିଆର୍ ପୁଲିସ ସହାୟତାରେ ଯୁବତୀଙ୍କୁ ବନ୍ଦ ଘର ଭିତରୁ ଉଦ୍ଧାର କଲେ। ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ରେଳ ଷ୍ଟେସନରେ ଘଟିଛି ଏଭଳି ଘଟଣା। ଏଭଳି କାଣ୍ଡ ଭିଆଇ ଥିବା ଆରପିଏଫ୍ ଏଏସ୍‌ଆଇ ନିରଞ୍ଜନ ଜେନା (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭୁବନେଶ୍ୱର ଜିଆର୍‌ପି ଥାନା ପୁଲିସ।

ପୁଲିସ ସୂଚନା ଅନୁସାରେ, ଜଗତସିଂହପୁର ଅଞ୍ଚଳର ଜଣେ ଯୁବତୀ ରାଜଧାନୀର ଏକ ବେସରକାରୀ ସଂସ୍ଥାରେ ଚାକିରି କରିବା ସହିତ ସହିଦନଗର ଥାନା ଅଞ୍ଚଳରେ ରୁହନ୍ତି। ସେ ସୋମବାର ପୁରୀ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟା ୩୦ ସମୟରେ ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚିଥିଲେ। ହଷ୍ଟେଲ ଅନ୍ତେବାସୀଙ୍କୁ ଫୋନ୍ କରିବାରୁ ଗେଟ୍ ଆଉ ଖୋଲା ହେବନାହିଁ ବୋଲି ଜାଣିବାକୁ ପାଇଥିଲେ। ଏପରି ସ୍ଥିତିରେ ଭୁବନେଶ୍ୱର ରେଳ ଷ୍ଟେସନରେ ରାତି କଟାଇବାକୁ ପରିବାର ଲୋକେ କହିଥିଲେ। ଯୁବତୀଜଣକ ଗେଟ୍ ନଂ ୨ ପଟରେ ଭିତରକୁ ଯାଇ ପ୍ଲାଟଫର୍ମରେ ବସିଥିଲେ। ତେବେ ଆରପିଏଫ୍ ଏଏସ୍‌ଆଇ ନିରଞ୍ଜନ ଆସି ଏଠାରେ ବସିବାକୁ ବାରଣ କରିବା ସହିତ ଥାନାକୁ ଡାକି ନେଇଥିଲେ। ୟୁନିଫର୍ମ ପିନ୍ଧିଥିବାରୁ ଯୁବତୀଜଣକ ମଧ୍ୟ ତାଙ୍କୁ ସହଜରେ ବିଶ୍ୱାସ କରି ଯାଇଥିଲେ। ଚାଲି ଚାଲି ଯିବା ସମୟରେ ଯୁବତୀଙ୍କ ନାମ ଓ ମୋବାଇଲ ନମ୍ବର ସଂଗ୍ରହ କରି ନେଇଥିଲେ ନିରଞ୍ଜନ। ହେଲେ ନିରଞ୍ଜନ ଯୁବତୀଜଣଙ୍କୁ ଆରପିଏଫ୍ ଥାନାକୁ ନେବା ପରିବର୍ତ୍ତେ ଥାନା କୋଠାକୁ ଲାଗି ରହିଥିବା ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲେ। ଘରର ଅବସ୍ଥା ଦେଖି ଯୁବତୀଜଣକ ସେଠାରେ ରହିବାକୁ ମନା କରିଥିଲେ। ଏହାପରେ ନିରଞ୍ଜନ ତାଙ୍କୁ ଅସଦାଚରଣ କରିବା ସହିତ ତାଙ୍କ ହାତକୁ ଜୋର୍‌ଜବରଦସ୍ତ ଟାଣିନେଇ ଘର ଭିତରକୁ ନେଇ ବାହାର ପଟରୁ କବାଟ ବନ୍ଦ କରି ଦେଇଥିଲେ। ଯୁବତୀଜଣକ ନିଜକୁ ଅସୁରକ୍ଷିତ ମଣି ଭିତର ପଟରୁ କବାଟ ବନ୍ଦ କରିଦେଇଥିଲେ। ନିରଞ୍ଜନ ଏହାପରେ ଯୁବତୀଙ୍କୁ ଫୋନ୍ କରି ବିବାହ କରିବାକୁ ବାଧ କରାଇଥିଲେ। ଏହି ସମୟ ମଧ୍ୟରେ ଯୁବତୀଜଣକ ତାଙ୍କର ଜଣେ ସଂପର୍କୀୟଙ୍କୁ ଫୋନ୍ କରି ଘଟଣା ବିଷୟରେ ଜଣାଇବା ସହିତ ଲାଇଭ୍ ଲୋକେସନ୍ ପଠାଇଥିଲେ। ସଂପର୍କୀୟଜଣକ ଆସି ଷ୍ଟେସନରେ ଖୋଜାଖୋଜି କରୁଥିବାବେଳେ ନିରଞ୍ଜନଙ୍କୁ ଦେଖି ଘଟଣା ବିଷୟରେ ଜଣାଇଥିଲେ। ହେଲେ ନିରଞ୍ଜନ ସାହାଯ୍ୟ କରିବା ପରିବର୍ତ୍ତେ ସଂପର୍କୀୟ ଯୁବକଙ୍କୁ ଗାଳିଗୁଲଜ କରିବା ସହିତ ଥାନାରେ ଭର୍ତ୍ତି କରିବାର ଧମକ ଦେଇଥିଲେ। ଏହାପରେ ଯୁବକଜଣକ ପିସିଆର୍ ପୁଲିସକୁ ଫୋନ୍ କରିଥିଲେ। ପିସିଆର୍ ପୁଲିସ ପହଞ୍ଚି ବନ୍ଦ ଘର ଭିତରୁ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଏନେଇ ଯୁବତୀ ଜଣକ ଜିଆର୍‌ପି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଫୁଲବାଣୀ,୮।୧(ସମିସ):** ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଫୁଲବାଣୀ ସ୍ୱତନ୍ତ୍ର ପୋକସୋ ଅଦାଲତ ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ଏଥି ସହ ଦୋଷୀକୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ଆଦେଶ ଦେଇଛନ୍ତି ଅଦାଲତ। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ଟାଉନ ଥାନା ଅଞ୍ଚଳର ସୁରଥ ବେହେରା ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛି।

ସୂଚନା ପ୍ରକାରେ ଗତ ୨୦୨୦ ମସିହା ନଭେମ୍ବର ୨୮ ତାରିଖ ଦିନ ନାବାଳିକା ଜଣକ ସ୍କୁଲର ହୋମୱାର୍କ କରିବା ପାଇଁ ଆଇଟିଆଇ ନିକଟସ୍ଥ ନିଜ ସାଙ୍ଗ ପାଖକୁ ଯାଉଥିବା ବେଳେ ଅଭିଯୁକ୍ତ ସୁରଥ ଏବଂ ତାଙ୍କର ଜଣେ ସହଯୋଗୀ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ସାଙ୍ଗ ଘରେ ଛାଡି ଦେବେ ବୋଲି କହିଥିଲେ। ନାବାଳିକା ଉଭୟଙ୍କ ସହିତ ପରିଚିତ ଥିବାରୁ ତାଙ୍କ ସହ ସ୍କୁଟିରେ ଯାଇଥିଲେ। ତେବେ ନାବାଳିକାଙ୍କୁ ସାଙ୍ଗ ଘରେ ନ ଛାଡ଼ି ଭେଟଖୋଲ ଘାଟିର ଜଙ୍ଗଲୁ ନେଇଯାଇ ସେଠାରେ ଅଭିଯୁକ୍ତ ସୁରଥ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଅଭିଯୁକ୍ତର ସାଙ୍ଗ ଦୁଷ୍କର୍ମରେ ସହଯୋଗ କରିଥିଲା। ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରି ଦେବ ବୋଲି ପୀଡିତାଙ୍କୁ ଧମକ ଦେଇଥିଲା ଅଭିଯୁକ୍ତ। ଭୟରେ ପିଡିତା କାହାକୁ କିଛି କହି ନ ଥିଲେ। ଘଟଣାର ୨୬ ଦିନ ପରେ ପୀଡ଼ିତା ନିଜର ପିଉସୀ ନାନୀ ଘରକୁ ଯାଇଥିବା ବେଳେ ସାହାସ କରି ସବୁକଥା କହିଥିଲେ। ପିଉସୀ ଘଟଣା ସମ୍ପର୍କରେ ପରିବାରକୁ ଜଣାଇବା ପରେ ପୀଡିତାଙ୍କ ବାପା ୨୦୨୦ ଡିସେମ୍ବର ୨୪ ତାରିଖ ଦିନ ଫୁଲବାଣୀ ଟାଉନ୍ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ମୁତାବକ ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ହେଲେ ଜାମିନରେ ଥିବା ଅଭିଯୁକ୍ତର ସହଯୋଗୀ ଫେରାର ହୋଇଯାଇଥିଲା। ବୁଧବାର ଏହି ମାମଲାର ଶୁଣାଣି କରି ବିଚାରପତି ରାଜେଶ ଦାଶ ୧୧ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହାସହ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଡିଏଲ୍‌ଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।


**AFFIDAVIT**

I V.Meena W/o- V.PRADEEP KUMAR R/O- Post Office Road, Koraput, have changed my minor Daughter name from V.bhaban to V.BHAVANA Forever.

**AFFIDAVIT**

I, Shanti Singh, w/o Mr Bharat Singh, resident of Upper Balijodi, PO : Sunaparbat, PS Raghunathpalli, Dist Sundargarh, Odisha - 769016, declare by a affidavit No - 417, dtd 02.12.2024, that from now onwards I shall be known as SHANTI SINGH for all purposes.

S/d - Shanti Singh

**AFFIDAVIT**

By virtue of an affidavit before Executive Magistrate Sukinda, Jajpur on 3/1/2025. I, Bhanumati Mohanta, W/o- Jagabandhu Mohanta and Ghanu Mohanta, W/o- Jagabandhu Mohanta, At-Purunapani, Po-Sukinda, Ps-Sukinda, Dist- Jajpur, Pin-755018, Odisha is one and same person.

**AFFIDAVIT**

I, Garima Pasari Sonthalia, w/o Khushman Sonthalia resident of at Ward no - 3, Gopinath Mandir gali, Rajgangpur, Dist : Sundargarh, Pin - 770017, Odisha, declare by this affidavit No - 05, dtd 06.01.2025, that now onwards I shall be known as GARIMA SONTHALIA for all future purposes.

**AFFIDAVIT**

I **Safia Kausar,** W/o: Shaikh Jahangir, Resident of Plot No.: 84/400, Raja Bagicha, PO: Telenga Bazar, PS: Badambadi, Dist.: Cuttack, PIN-753009, Odisha, declare by this **affidavit No.: 75AA 043879, dated: 07.01.2025** that now onwards I shall be known as **SAFIA KOUSAR** for all future purposes.

**AFFIDAVIT**

I, LAXMI BAGARTTI(39), w/o- SUKADEB BAG, resident of TIKRAPADA, PS - TOWN, BALANGIR, Odisha declare before the Notary Balangir that LAXMI BAGARTTI & SUPRABHA BAG Which name is mentioned in my addhar card is same person further in all purposes.

**AFFIDAVIT**

By virtue of an affidavit Sl. No.- 54, dtd. 07.01.2025 before the Executive Magistrate, Phulbani, Kandhamal, I, Balmiki Bagar have changed my minor daughter's name from Tijasmita Bagar to Jasmini Bagar. Henceforth she will be known as Jasmini Bagar instead of Tijasmita Bagar for all purposes.

Sd/- Balmiki Bagar

**SALE**

ESCORTS KUBOTA PT EURO 42 Tractor, Model - 2022, Registration No- OD-22-U-9551, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days

**AFFIDAVIT**

I, Simpi Kumari Sahi, D/o- Pramod Kumar Sahi, resident of At- Gumadera, Ps- Belpahar, Dist- Jharsuguda, Pin- 768218, Odisha declared by this affidavit No. 11, dtd- 20/09/2024 that now onwards I shall be known as **SIMPI SAHI** for all future purposes.

**GOVT. OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, ANANDAPUR** O-1178

E-Mail:- eerw_anandapur@yahoo.co.in

**NOTICE INVITING TENDER**

NATIONAL COMPETITIVE BIDDING THROUGH e-PROCUREMENT NOTICE

Online-07/ACE/RW/AND/2024-25

Maintenance of Buildings under Administrative Expenditure

No. 63 Date: 06.01.2025

**Additional Chief Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Maintenance of Buildings through e-Procurement as per annexure.**

The bid should be submitted on-line in the website **www.tendersorissa.gov.in** by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Additional Chief Engineer, R.W. Division, Anandapur | NCB-Online 07/ACE/RW/ AND/2024-25 | 10.01.2025 at 10.00 A.M. | 18.01.2025 up to 5.30 P.M. | 17.01.2025 up to 5.30 P.M. | 20.01.2025 at 11.30 A.M. |

OIPR-25055/11/0010/2425 Sd/- Additional Chief Engineer

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର, ସା: ପ୍ରଥମ ମହଲା, ମହାନଦୀ ଭବନ, କଚେରୀ ରୋଡ୍, ଏସ୍‌ବିଆଇ ମୁଖ୍ୟ ଶାଖା ନିକଟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ରାଜ ରାଜେଶ୍ୱରୀ ମୋଟର୍ସ, ସା/ପୋ: ପରମାନନ୍ଦପୁର, କେସିଙ୍ଗା ରୋଡ୍ ନିକଟ, ଚେକ୍ ଗେଟ୍, ଏନ୍‌ଏଚ୍-୨୬, ଥାନା: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ରାଜ୍ୟ: ଓଡ଼ିଶା, ପିନ୍-୭୬୬୦୦୨, ୨) ଶ୍ରୀ ଦିବ୍ୟ ରଞ୍ଜନ ପ୍ରଧାନ, ପିତା: ଶ୍ରୀ ଦୈତାରୀ ପ୍ରଧାନ, ସା: ରାମନଗର ପଡା, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ରାଜ୍ୟ: ଓଡ଼ିଶା, ପିନ୍-୭୬୬୦୦୧ / ଆକାଉଣ୍ଟ ନଂ.: ୩୯୧୨୫୭୬୪୨୩୦ (ନଗଦ ଋଣ) ଏବଂ ୩୯୧୦୩୮୯୯୭୭୩ (ମିଆଦୀ ଋଣ) | ଶ୍ରୀ ଦିବ୍ୟ ରଞ୍ଜନ ପ୍ରଧାନ, ପିତା: ଶ୍ରୀ ଦୈତାରୀ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୭୧/ ୧୬୮୦, ପ୍ଲଟ୍ ନଂ.: ୩୬୩/୨୯୫୫, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି, ମୌଜା: ପରମାନନ୍ଦପୁର, ଥାନା: ଭବାନୀପାଟଣା, ନଂ.-୧୬୫, ତହସିଲ: ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା | ୧୬.୧୦.୨୦୨୪ | ୦୩.୦୧.୨୦୨୫ | ୧୬.୧୦.୨୦୨୪ ସୁଦ୍ଧା ଟ.୧,୬୪,୧୨,୨୪୩.୭୪ + ୧୭.୧୦.୨୦୨୪ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୮.୦୧.୨୦୨୫
ସ୍ଥାନ: ସମ୍ବଲପୁର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର



ହୃଦୟର ଆହ୍ୱାନରେ ନିଜ ପସନ୍ଦ ମୁତାବକ କାର୍ଯ୍ୟ କଲେ ଉତ୍କର୍ଷ ଅବଶ୍ୟମ୍ଭାବୀ।
-ସୁନ୍ଦର ପିଚାଇ

ସକାଳ
THE SAKALA

# ବିରଳ କୂଟନୈତିକ ସଫଳତା

ବାଜପେୟୀ ଓ ମୋଦୀଙ୍କ ନେତୃତ୍ୱରେ ଭାରତର ପରମାଣୁ ଶକ୍ତି ଓ ସାମର୍ଥ୍ୟ ଯେଉଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି ତାହାର ତର୍ଜମା କରିବା ସମୟ ଏବେ ଉପସ୍ଥିତ। ଦୁଇ ବଳିଷ୍ଠ ନେତୃତ୍ୱର ୨୬ ବର୍ଷ ବ୍ୟବଧାନରେ ଆମେ କଟକଣାମୁକ୍ତ ପାରମାଣବିକ ଶକ୍ତିରୂପେ ସମଗ୍ର ବିଶ୍ୱରେ ନିଜକୁ ଉପସ୍ଥାପିତ କରିପାରିଛୁ। ଏହା କିଛି କମ୍ ଅନୁଭବ ନୁହେଁ। ବିଶ୍ୱବାସୀଙ୍କୁ ଚମକାଇ ଦେବା ଭଳି କଠୋର ନିଷ୍ପତ୍ତି ବାଜପେୟୀ ଗ୍ରହଣ କରିଥିବା ବେଳେ ତାହା ଉପରେ ମୋଦୀ କୂଟନୈତିକ ସଫଳତା ହାସଲ କରିଛନ୍ତି; ଅଥଚ ଭାରତ ସହ ଶତ୍ରୁତା ଆଚରଣ କରି ଆସୁଥିବା ପାକିସ୍ତାନ ଦିନକୁ ଦିନ ଅଧିକ କଟକଣାର ସମ୍ମୁଖୀନ ହୋଇଚାଲିଛି। ଆତଙ୍କବାଦର ଅନ୍ତୁଡ଼ିଶାଳ କୁହାଯାଉଥିବା ପାକସ୍ତାନ ଯେ ଆମେରିକାର ଭରସାଯୋଗ୍ୟ ସାଥୀ ନୁହେଁ, ତାହା ପ୍ରମାଣିତ ହୋଇଛି। ଅନ୍ୟପକ୍ଷରେ ସମ୍ପର୍କର ତ୍ରିଭୂଜରେ ଭାରତ ଦୁଇ ପରସ୍ପର ବିରୋଧୀ ଶକ୍ତି ରୁଷିଆ ଓ ଆମେରିକାକୁ ସ୍ଥାନ ଦେଇ କୂଟନୈତିକ ସ୍ତରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛି।

ଭାରତୀୟ କ୍ଷମତା ରାଜନୀତିରେ ବିଜେପିର ପ୍ରଥମ ନେତୃତ୍ୱ ନେଇଥିଲେ ଅଟଳବିହାରୀ ବାଜପେୟୀ। ସୀମିତ ସମୟର ସରକାର ହେଲେ ମଧ୍ୟ ୧୯୯୮ ମେ ମାସରେ ରାଜସ୍ଥାନର ପୋଖରାନଠାରେ ସଫଳ ପରମାଣୁ ପରୀକ୍ଷା କରାଇ ସେ ବିଶ୍ୱବାସୀଙ୍କୁ ଚକିତ କରିଥିଲେ। ସେ ସମୟର ସମସ୍ତ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାରତ ବିରୋଧରେ କଟକଣା ଲଗାଇ ଯେଉଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ତାହାର ଉଚିତ ମୁକାବିଲା କରିଥିଲେ ବାଜପେୟୀ। ତଥାପି ମହାକାଶ ଓ ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ଦେଶର ଅଗ୍ରଗତି ବାଧାପ୍ରାପ୍ତ ହୋଇଥିଲା। ଏଠାରେ ଆମେ ଆଉ ଜଣକ ସଫଳ ନେତୃତ୍ୱ ସମ୍ପର୍କରେ ଉଲ୍ଲେଖ ନ କଲେ ଏ କ୍ଷେତ୍ରରେ ଭାରତ ହାସଲ କରିଥିବା ପ୍ରଗତିର ପ୍ରକୃତ ଚିତ୍ର ଉପସ୍ଥାପନ କରିପାରିବା ନାହିଁ। ସେ ହେଲେ ଡ. ମନମୋହନ ସିଂହ। ବହୁଦଳୀୟ ୟୁପିଏ ସରକାରରେ ସହଯୋଗୀଙ୍କ ପ୍ରତିବାଦ ସତ୍ତ୍ୱେ ସେ ଆମେରିକା ସହ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷର କରିଥିଲେ। ସେତେବେଳେ ପରିସ୍ଥିତି ଏପରି ହେଲା ଯେ, ବାମଦଳ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହାସତ୍ତ୍ୱେ ସଫଳ ରାଜନୈତିକ ଗୋଟିଚାଳନା ମାଧ୍ୟମରେ ମନମୋହନଙ୍କ ସରକାର କ୍ଷମତାରେ ତିଷ୍ଠି ରହିଥିଲା। ଭାରତ ବିରୋଧରେ ବାଜପେୟୀଙ୍କ ସମୟରେ ଜାରି ରହିଥିବା ବୈଶ୍ୱିକ କଟକଣା ମନମୋହନଙ୍କ ଅମଳରେ ଅନେକାଂଶରେ ପ୍ରତ୍ୟାହୃତ ହୋଇଥିଲେ ହେଁ ଆମେରିକାର କଟକଣା ଜାରି ରହିଥିଲା। ତେଣୁ ଆମକୁ ଏଠାରେ କହିବାକୁ ହେବ ଯେ, ବାଜପେୟୀ ଆରମ୍ଭ କରିଥିବା କାର୍ଯ୍ୟକ୍ରମରେ ମୋଦୀଙ୍କ ନେତୃତ୍ୱ ହିଁ ପୂର୍ଣ୍ଣଚ୍ଛେଦ ଟାଣିଛି। ଏହାକୁ ଭାରତର ଏକ ବିରଳ କୂଟନୈତିକ ସଫଳତା କୁହାଯାଇପାରେ।

ବାଇଡେନ ନେତୃତ୍ୱର ଶେଷ ପାହାଚରେ ଠିଆହୋଇ ଏଭଳି ଏକ ଉଲ୍ଲେଖନୀୟ ପଦକ୍ଷେପ ନେବେ କେହି ଆଶା କରି ନ ଥିଲେ। ଭାରତ ସହିତ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟ ରଖି ସେ ତାଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନଙ୍କୁ ନୂଆଦିଲ୍ଲୀ ଗସ୍ତରେ ପଠାଇଥିଲେ। ତାଙ୍କରି ଏହି ଗସ୍ତବେଳେ ପରମାଣୁ ପ୍ରସଙ୍ଗ ସମେତ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଆଲୋଚନା ପରିସରକୁ ଆସିଥିଲା। ମନମୋହନ ସରକାରଙ୍କ ଅମଳରେ ଆମେରିକା ସହିତ ଆଣବିକ ଶକ୍ତି ଚୁକ୍ତି ପରେ ମଧ୍ୟ ଭାରତର କେତେକ ରିଆକ୍ଟର, ପରମାଣୁ ଶକ୍ତି କେନ୍ଦ୍ର ଓ ଆଣବିକ ଶକ୍ତି ବିଭାଗର ୟୁନିଟଗୁଡ଼ିକ କଟକଣାମୁକ୍ତ ହୋଇ ନ ଥିଲା। ଏବେ ସେହି କଟକଣା ଆମେରିକା ହଟାଇବା ସହ ତାହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଆମେରିକା ଘୋଷଣା କରିଛି। ଏଠାରେ ଉଲ୍ଲେଖ କରାଯାଇପାରେ କି ବାଜପେୟୀଙ୍କ ନେତୃତ୍ୱରେ ପରମାଣୁ ପରୀକ୍ଷା କରାଯିବା ପରେ ପରେ ପଡ଼ୋଶୀ ପାକିସ୍ତାନ ମଧ୍ୟ ଚୀନ ଓ ଉତ୍ତରକୋରିଆ ସହାୟତାରେ ଅନୁରୂପ ପରୀକ୍ଷା କରିଥିଲା। ଉଭୟ ରାଷ୍ଟ୍ର ବିଶ୍ୱ କଟକଣା କୋହଳ ଓ ପ୍ରତ୍ୟାହାରର ପଥ ପରିଷ୍କାର କରିଥିଲେ ହେଁ ଏ କ୍ଷେତ୍ରରେ ବିଫଳ ହୋଇଛି ପାକିସ୍ତାନ। ଏବେ ମଧ୍ୟ ତାହାର ପରମାଣୁ କଂପାନୀ ଉପରେ ଆମେରିକାର ନିଷେଧାଦେଶ ଜାରି ରହିଛି। କୂଟନୈତିକ ସ୍ତରରେ ଭାରତର ସଫଳ ଗୋଟିଚାଳନା ଯୋଗୁଁ ପାକିସ୍ତାନ ସହ ଥିବା ଆମେରିକାର ସମ୍ପର୍କରେ କ୍ରମାଗତ ଅବନତି ଘଟିଚାଲିଛି।

ଏକଥା ସତ ଯେ ଏ ପର୍ଯ୍ୟନ୍ତ ବଳବତ୍ତର ରହିଥିବା ସୀମିତ କଟକଣା ଯୋଗୁଁ ୨୦୨୦ ସୁଦ୍ଧା ଭାରତ ୨୦ ହଜାର ମେଗାୱାଟ ପରମାଣୁ ଶକ୍ତି ଉତ୍ପାଦନ ସକାଶେ ରଖିଥିବା ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଲକ୍ଷ୍ୟ ହାସଲ ପାଇଁ ଆମକୁ ୨୦୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଏ କଥା ସ୍ୱୀକାର୍ଯ୍ୟ ଯେ ଟ୍ରମ୍ପଙ୍କ ସହ ଉତ୍ତମ ବନ୍ଧୁତା ସତ୍ତ୍ୱେ ବାଇଡେନଙ୍କ ଶାସନ କାଳରେ ଭାରତ ଅଧିକରୁ ଅଧିକ ସୁବିଧା ସୁଯୋଗ ହାସଲ କରିଛି। ମହାକାଶ ଓ ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ସହଯୋଗିତା ଏବଂ ଭାରତୀୟ ପରମାଣୁ କେନ୍ଦ୍ରଗୁଡ଼ିକୁ କଟକଣାମୁକ୍ତ କରିବା, ସର୍ବୋପରି କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପାରଦର୍ଶିତା ହାସଲ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହୋଇଛି। ସେମିକଣ୍ଡକ୍ଟର ଉତ୍ପାଦନ ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆମେରିକାର ସହଯୋଗ ହାସଲ କରିଛି ଭାରତ। ଜିଇ ଓ ହାଲ୍ ଭାରତରେ ଜେଟ୍ ଇଂଜିନ ଉତ୍ପାଦନ ପାଇଁ ଚୁକ୍ତିବଦ୍ଧ ହେବା ଅନ୍ୟତମ ଉଲ୍ଲେଖନୀୟ ଘଟଣା। କହିବାକୁ ଗଲେ ଭାରତ ନିଜର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ଦିଗରେ ଏକ ନୂଆ ଶୀର୍ଷକୁ ଛୁଇଁବାକୁ ଯାଉଛି।

ରୁଷ-ୟୁକ୍ରେନ ଯୁଦ୍ଧ ପ୍ରେକ୍ଷାପଟରେ ବାଇଡେନ ସରକାର ଯେଉଁ କଠୋର କୂଟନୈତିକ ପଦକ୍ଷେପ ଗ୍ରହଣ କରିଛନ୍ତି ସେଥିରେ ଭାରତ କ୍ଷତିଗ୍ରସ୍ତ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଥିବା ବେଳେ ତାହାକୁ ଅତିକ୍ରମ କରି ଭାରତ ଆମେରିକା ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ମୋଦୀ ସରକାରଙ୍କ ବୈଦେଶିକ ନୀତିରେ ଅନ୍ୟତମ ସଫଳ ଦିଗ। ବିଶ୍ୱରୁ ଶୀତଳ ଯୁଦ୍ଧର ଅବସାନ ଘଟିଥିଲେ ମଧ୍ୟ ଆମେରିକା ଓ ରୁଷ ମଧ୍ୟରେ ସଂପର୍କ କ୍ରମେ ଅଧିକ ତିକ୍ତ ହେବାରେ ଲାଗିଛି। ବାସନ୍ଦ ସତ୍ତ୍ୱେ ରୁଷରୁ ଅପେକ୍ଷାକୃତ କମ୍ ମୂଲ୍ୟରେ ଭାରତ ଅଶୋଧିତ ତୈଳ ସଂଗ୍ରହରୁ ବିରତ ହୋଇନାହିଁ। ଏହି ପ୍ରସଙ୍ଗକୁ ନେଇ ବାଇଡେନ ଓ ମୋଦୀ ସରକାର ମଧ୍ୟରେ ପ୍ରାରମ୍ଭିକ ମତଭେଦ ସୃଷ୍ଟି ହୋଇଥିଲେ ମଧ୍ୟ ତାହାକୁ ଅତି ଚତୁରତାର ସହିତ ଆମ ସରକାର ସମାଧାନ କରିଥିଲେ। ରୁଷ ସହ ସମ୍ପର୍କ ରକ୍ଷାକରି ଆମେରିକାର ଶ୍ରଦ୍ଧାଭାଜନ ହେବା ଏକ ବିରଳ କୂଟନୈତିକ ଦୃଶ୍ୟପଟ। ଗୋଟିଏ ପଟେ ଭାରତର ଆଭ୍ୟନ୍ତରୀଣ ଚାହିଦା, ଅନ୍ୟପଟେ ବିଶ୍ୱ ଜନସମୁଦାୟ ନିକଟରେ ନିଜର ପତିଆରା ଜାହିର କରିବା; ଉଭୟ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରିବାକୁ ଭାରତ ସମର୍ଥ ହୋଇଛି। ●

# ଲୋକାଭିମୁଖୀ ପ୍ରଶାସନର ଆବଶ୍ୟକତା

**ଡ.ଲକ୍ଷ୍ମୀନାରାୟଣ କର**

ଆମ ଦେଶକୁ ଇଂରେଜମାନେ ପ୍ରାୟ ୨୦୦ ବର୍ଷ ଧରି ଶାସନ କରିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଏକ ଅନୁନ୍ନତ ଦରିଦ୍ର ଦେଶ ଭାବରେ ପରିଗଣିତ କରାଇ ଦେଇଗଲେ। ସେମାନଙ୍କ ଶାସନ କାଳରେ ସେମାନେ ନିଜର ସୁବିଧା ପାଇଁ କେତୋଟି ରେଳଲାଇନ, ଡାକ ସେବା, ପୁଲିସ୍ ସେବା ଇତ୍ୟାଦି ବ୍ୟବସ୍ଥା କରିଥିଲେ। ତେଣୁ ସେହି ସମୟରୁ କୃଷି, ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ଗମନାଗମନ ଅବହେଳିତ ହୋଇ ଯାଇଥିଲା। କୁହାଯାଏ ଯେ ଲଣ୍ଡନରେ ଉତ୍ସବ ପାଳନ ହେଉଥିଲେ ଭାରତରୁ ଜାହାଜରେ ବୁହା ହୋଇ ଅନେକ ମୂଲ୍ୟବାନ ଦ୍ରବ୍ୟ ଯାଉଥିଲା। ଫଳରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଖାଦ୍ୟାଭାବ ଦୂର କରିବାକୁ ଆମେରିକାରୁ ଗହମ ଆଣିବାକୁ ପଡୁଥିଲା। ସ୍ୱାଧୀନତା ପରେ ଯେଉଁ ବ୍ରିଟିଶ୍ ଅଧିକାରୀମାନଙ୍କୁ ଦେଶ ଶାସନ କରିବାକୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଲୋକମାନଙ୍କ ଉନ୍ନତି ଦିଗରେ ସମ୍ପୂର୍ଣ୍ଣ ଉଦାସୀନ ଥିଲେ। ଫଳରେ ଆମ ଦେଶ ଏକ ଅନୁନ୍ନତ ଦେଶରେ ପରିଣତ ହେଲା ଏବଂ ଗ୍ରାମଗୁଡ଼ିକର ଅବସ୍ଥା ଆହୁରି ଶୋଚନୀୟ ହୋଇଗଲା। ଯଦିଓ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଦେଶର ଉନ୍ନତି ପାଇଁ ଅନେକ ଯୋଜନା ଆରମ୍ଭ କରିଥିଲେ, କିନ୍ତୁ ତାହା ତୃଣମୂଳ ବିକାଶ ଦିଗରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା। ଏହାଫଳରେ ଲୋକମାନେ ଅନେକ ସୁବିଧାରୁ ବଞ୍ଚିତ ହେଉଥିଲେ।

ଦେଶର ଏ ପ୍ରକାର ଅବସ୍ଥା ଦେଖି ଜଣେ ଆମେରିକୀୟ ସମାଜସେବୀ ଆଲବର୍ଟ ମୟର ପଣ୍ଡିତ ନେହେରୁଙ୍କୁ ସାକ୍ଷାତ କରି ଆମ ଦେଶର ଗ୍ରାମାଞ୍ଚଳର ବିକାଶ ପାଇଁ କିଛି କରିବାକୁ ଆଗ୍ରହ ପ୍ରକାଶ କଲେ। ତାଙ୍କ ମତ ଥିଲା ଯେ ଯଦି ପ୍ରଶାସନ ଗ୍ରାମାଭିମୁଖୀ ନ ହେବ ତେବେ ଦେଶର ଉନ୍ନତି ହୋଇପାରିବ ନାହିଁ। ମହାତ୍ମା ଗାନ୍ଧୀ ମଧ୍ୟ ସମାନ କଥା କହୁଥିଲେ - ଗ୍ରାମର ଉନ୍ନତି ହିଁ ଦେଶର ଉନ୍ନତି। ପଣ୍ଡିତ ନେହେରୁ ସେହି ଆମେରିକୀୟ ସମାଜସେବୀଙ୍କୁ ଉତ୍ତରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କୁ ଦେଖା ପରାମର୍ଶ ଦେଇଥିଲେ। ଶ୍ରୀପନ୍ଥଙ୍କ ଅନୁରୋଧକ୍ରମେ ଆଲବର୍ଟ ପ୍ରଥମେ ଉତ୍ତରପ୍ରଦେଶର ଇଟୱା ଜିଲ୍ଲାରେ କାମ ଆରମ୍ଭ କଲେ।

ଆଲବର୍ଟ ସାହେବ୍ ତାଙ୍କର ଯୋଜନା ଆରମ୍ଭରେ କିପରି ପ୍ରଶାସନକୁ ଗ୍ରାମାଭିମୁଖୀ କରାଯାଇପାରିବ ତାହା ଚେଷ୍ଟା କଲେ। କାରଣ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯାହା କିଛି ସରକାରୀ କାର୍ଯ୍ୟାଳୟ ଥିଲା ତାହା ସବୁ ପ୍ରାୟ ଗ୍ରାମାଞ୍ଚଳଠାରୁ ଅନେକ ଦୂରରେ ଥିଲା। ସରକାରୀ ଯୋଜନାର ସୁଫଳ ଗ୍ରାମବାସୀମାନେ ପାଇ ପାରୁ ନ ଥିଲେ କି ଗ୍ରାମାଞ୍ଚଳ ବିକାଶ ହୋଇପାରୁ ନଥିଲା। ଆଲବର୍ଟ ସାହେବ୍ ପ୍ରତି ଜିଲ୍ଲାକୁ କେତେକ ବ୍ଲକରେ ଏବଂ ପ୍ରତି ବ୍ଲକକୁ କେତେକ ପଞ୍ଚାୟତରେ ବିଭକ୍ତ କରିବାକୁ ପରାମର୍ଶ ଦେଲେ। ପ୍ରତି ବ୍ଲକ ପ୍ରଶାସନ ପାଇଁ ଜଣେ ବ୍ଲକ ଡେଭେଲପ୍‌ମେଣ୍ଟ ଅଫିସରଙ୍କ ସହିତ କେତେଜଣ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଗଲା, ଯେଉଁମାନେ ନିଜ ବ୍ଲକ ଅଧୀନରେ ଥିବା ଗ୍ରାମମାନଙ୍କର ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଗମନାଗମନ, ସାମାଜିକ ଉନ୍ନତି, କୃଷିର ବିକାଶ ପାଇଁ ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ସହିତ ଜଡ଼ିତ ହେବେ। ପୁନଶ୍ଚ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ତାଲିମପ୍ରାପ୍ତ ଗ୍ରାମସେବକଙ୍କୁ ନିଯୁକ୍ତି ଦିଆଗଲା। ଗ୍ରାମସେବକମାନେ ଚାଷୀଙ୍କ ସହିତ ମିଶି ଗ୍ରାମାଞ୍ଚଳର ଲୋକମାନଙ୍କୁ ମାଛ ଚାଷ, ପଶୁପାଳନ, ମହୁଚାଷ ଇତ୍ୟାଦି ବିଷୟରେ ଶିକ୍ଷା ଦେଇ ଗ୍ରାମବାସୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉଥିଲେ। ଫଳସ୍ୱରୂପ ଗ୍ରାମାଞ୍ଚଳଗୁଡ଼ିକ ବିକାଶ ଧାରାରେ ଧୀରେ ଧୀରେ ସାମିଲ୍ ହୋଇପାରିଲେ।



ଇଟୱା ଜିଲ୍ଲାରେ ଗ୍ରାମୀଣ ବିକାଶରେ ପ୍ରଶାସନିକ ବ୍ୟବସ୍ଥାର ଏହି ସଫଳତା ଦେଖି ଭାରତ ସରକାର ୧୯୫୨ ଅକ୍ଟୋବର ୨ ତାରିଖରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ସାରା ଦେଶରେ ଆରମ୍ଭ କଲେ। ଆମ ରାଜ୍ୟର ଜୁନାଗଡ଼ ଓ ଭଦ୍ରକ୍‌ରେ ଏହା ପ୍ରଥମ କରି ଆରମ୍ଭ ହୋଇଥିଲା। ପରେ ସାରା ଦେଶରେ ପ୍ରତି ରାଜ୍ୟରେ ବ୍ଲକ ପ୍ରତିଷ୍ଠା କରାଯାଇ ଗ୍ରାମାଞ୍ଚଳର ବିକାଶ ପାଇଁ ଯୋଜନା ଆରମ୍ଭ ହେଲା। ପ୍ରଥମେ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଅନେକ ବିକାଶ ହୋଇ ପାରିଥିଲା। କିନ୍ତୁ ପଞ୍ଚାୟତି ରାଜ ଆଇନ ପ୍ରଚଳିତ ହେବାରୁ ରାଜନୈତିକ ଲୋକମାନଙ୍କ ବ୍ଲକ ଓ ପଞ୍ଚାୟତ ଅବାଧ ପ୍ରବେଶ ଦ୍ୱାରା ଏହି ଯୋଜନା ଅନେକ ବାଧାଗ୍ରସ୍ତ ହୋଇଗଲା। ଦୁଃଖର କଥା ଏହି ଯେ ଆମ ପ୍ରଶାସନର ଯେଉଁ ଅଧିକାରୀମାନଙ୍କ ଉପରେ ଦେଶର ତଥା ରାଜ୍ୟ ବିକାଶ ନିର୍ଭର କରେ ସେମାନେ ଅଧିକାଂଶ ସ୍ତରରେ ଗ୍ରାମାଞ୍ଚଳ ବା ତୃଣମୂଳତ ସ୍ତରକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି। ତେଣୁ ଗ୍ରାମବାସୀମାନଙ୍କ ସମସ୍ୟାକୁ ଅଣଦେଖା ହେଉଥିବା ଅଭିଯୋଗ ହେଉଛି। ଯଦି ଏହି ପଦସ୍ଥ ଅଧିକାରୀମାନେ ପ୍ରକୃତ ଆନ୍ତରିକତା ଦେଖାଇ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ସୁଧାରିବା ପାଇଁ ଚେଷ୍ଟ କରିଥା'ନ୍ତେ ତେବେ ଆଦିବାସୀମାନେ ବାରମ୍ବାର ଅଖାଦ୍ୟ ଖାଉ ନ ଥା'ନ୍ତେ ବା ଦାଦନ ଖଟିବାକୁ ନିରୀହ ଗରିବ ଲୋକମାନେ ଯାଉ ନ ଥା'ନ୍ତେ କିମ୍ବା ମୃତ୍ୟୁମୁଖରେ ପଡୁ ନ ଥା'ନ୍ତେ।

ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ତଥା ଗ୍ରାମମାନଙ୍କର ବିକାଶର ରଥକୁ ଚଳାଇବା ପାଇଁ ବିଭିନ୍ନ ବିଭାଗରେ ଥିବା ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତି ମାସରେ କେବଳ ନିଜ କାର୍ଯ୍ୟାଳୟରେ ବୈଠକ ନ କରି ପ୍ରତି ବ୍ଲକ ଓ ପଞ୍ଚାୟତକୁ ଗସ୍ତ କରି ଲୋକଙ୍କ ସହିତ ଓତପ୍ରୋତ ଭାବରେ ଜଡ଼ିତ ହେଲେ ଅନେକ ସମସ୍ୟା ଦୂର ହୋଇପାରିବ ଏବଂ ଗ୍ରାମଗୁଡ଼ିକର ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଆମ ଦେଶରେ ଏପରି ଅନେକ ଗାଁ ଅଛି, ଯେଉଁଠାରେ ମୌଳିକ ସୁବିଧା ଯଥା ପାଣି, ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟ, ଖାଦ୍ୟ ପାଇଁ ଲୋକମାନେ ତହକବିକଳ ହେଉଛନ୍ତି। କିନ୍ତୁ ପ୍ରଶାସନ ସେଠାରେ ପହଞ୍ଚି ପାରୁନାହିଁ। ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଜନୈତିକ ଦଳର ଲୋକମାନେ କେବଳ ୫ ବର୍ଷରେ ଥରେ ନିଜ ଭୋଟ ହାତେଇବା ପାଇଁ ଗାଁକୁ ଯାଆନ୍ତି ଏବଂ ନିର୍ବାଚନ ପରେ ସବୁ ପ୍ରତିଶ୍ରୁତି ଦେଇ ଭୁଲି ଯାଆନ୍ତି। ଏହିପରି ଗ୍ରାମାଞ୍ଚଳ ଲୋକମାନେ ଦୁଇ ଆଡୁ ଅସୁବିଧାରେ ପଡୁଛନ୍ତି। ତେଣୁ ଦେଶରେ ବା ରାଜ୍ୟରେ ଯେ କୌଣସି ସରକାର ରହନ୍ତୁ ନା କାହିଁକି ସେମାନେ କେବଳ ଭାଷଣ ବାଜିରେ ବିକାଶକୁ ସୀମିତ ନ କରି ପ୍ରଶାସନକୁ ଗ୍ରାମାଭିମୁଖୀ କରିବାକୁ ଯଥେଷ୍ଟ ପରିମାଣରେ ଚେଷ୍ଟା କରିବା ନିହାତି ଆବଶ୍ୟକ। ●

(ଅବସରପ୍ରାପ୍ତ ନିର୍ଦ୍ଦେଶକ, ଓୟୁଏଟି)
**ଭୁବନେଶ୍ୱର, ମୋ: ୯୪୩୭୧୮୫୬୦୭**

# ପ୍ରବାସୀ ଭାରତୀୟ ଆମ ରାଷ୍ଟ୍ରର ଗର୍ବ ଓ ଗୌରବ

**ପଞ୍ଚାନନ ଅଗ୍ରୱାଲ**

ସ୍ୱାଧୀନତା ପରେ ଅନେକ ବର୍ଷ ଧରି ପ୍ରବାସୀ ଭାରତୀୟମାନଙ୍କ ପାଇଁ ଭାରତ ସରକାର ସେତେଟା ଗୁରୁତ୍ୱ ଦେଇ ନଥିଲେ। ୧୯୭୭ ମସିହାରେ ବୈଦେଶିକ ମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ। ତାଙ୍କ ମନରେ ପ୍ରବାସୀ ଭାରତୀୟଙ୍କୁ ନେଇ ଚିନ୍ତା ଆସିଲା। ସେ କହିଥିଲେ ବିଦେଶରେ ରହୁଥିବା ଭାରତୀୟମାନେ ଭାରତର ଦୂତ। ତେଣୁ ସେମାନଙ୍କ ଯତ୍ନ ଭାରତ ସରକାରଙ୍କ କର୍ତ୍ତବ୍ୟ। ସରକାର ପରିବର୍ତ୍ତନ ସହିତ ଅଟଳଜୀଙ୍କ କଥା କଥାରେ ହିଁ ରହିଗଲା। ୧୯୯୯ ସେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେଲେ। ଅଗଷ୍ଟ ୨୦୦୦ରେ ସେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ସମିତି ଗଠନ କଲେ। ଏହାର ଅଧ୍ୟକ୍ଷ ଥିଲେ ପ୍ରଖ୍ୟାତ ସମ୍ବିଧାନବିତ୍ ତଥା ଲୋକସଭା ସଦସ୍ୟ ଲକ୍ଷ୍ମୀ ମଲ୍ଲ ସିଂଘଭୀ। ଏହାକୁ ସିଂଘଭୀ ସମିତି ମଧ୍ୟ କୁହାଯାଉଛି। ସେହି ସମିତିର ସୁପାରିସ ଅନୁଯାୟୀ ୨୦୦୩ରେ ପ୍ରବାସୀ ଭାରତୀୟ ଦିବସ ପାଳନ କରିବା ଆରମ୍ଭ ହେଲା। ୯ ଜାନୁଆରୀ ୨୦୧୫ରେ ମହାତ୍ମା ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିବା ସ୍ମୃତିରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ୯ରୁ ୧୧ ଜାନୁଆରୀ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜନ କରାଯାଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ବାଜପେୟୀ କହିଥିଲେ 'ୱେଲକମ ହୋମ'(ସ୍ୱଗୃହକୁ ସ୍ୱାଗତ)।

ପ୍ରବାସୀ ଭାରତୀୟ ଦିବସରେ ପ୍ରବାସୀ ଭାରତୀୟ ସମ୍ମାନ ଦେବା ପାଇଁ ସିଂଘଭୀ ସମିତି ସୁପାରିସ କରିଥିଲେ। ୨୦୦୩ରେ ଦଶ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରବାସୀ ଭାରତୀୟ ଭବନ ମଧ୍ୟ ସ୍ଥାପନା କରାଗଲା। ଏବେ ଏହି ଭବନ 'ସୁଷମା ସ୍ୱରାଜ ଭବନ' ନାମରେ ପରିଚିତ ଅଛି। ପ୍ରବାସୀ ଭାରତୀୟଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ କେନ୍ଦ୍ରୀୟ ସଂଗଠନର ସୁପାରିସରେ ପ୍ରବାସୀ ଭାରତୀୟ କାର୍ଯ୍ୟ ମନ୍ତ୍ରାଳୟର ଗଠନ ୨୦୨୪ରେ କରାଯାଇଛି। ସିଂଘଭୀ ସମିତିର ଅନେକ ସୁପାରିସ ଲାଗୁ କରାଯାଇଛି। ତଥାପି ଅନେକ ସୁପାରିସ ପୂର୍ଣ୍ଣ ଭାବେ ଲାଗୁ ହୋଇପାରିନାହିଁ।




ପ୍ରବାସୀ ଭାରତୀୟ ଯେଉଁଠାକୁ ଗଲେ, ଯେଉଁ ଦେଶରେ ବସବାସ କଲେ ସେଠାରେ ସେମାନେ ବିଶେଷ ସ୍ଥାନ ଅଧିକାର କଲେ। ଅର୍ଥାତ୍ ପ୍ରବାସୀ ଭାରତୀୟମାନେ ଆର୍ଥିକ ରୂପେ ଅଧିକ ସବଳ ହେବାକୁ ଲାଗିଲେଣି। ଭାରତ ସରକାର ସଙ୍କଟ ସମୟରେ ସେମାନଙ୍କ ସାହାଯ୍ୟ ସହଯୋଗ ମିଳୁଛି। ୧୯୯୧ ଆର୍ଥିକ ମାନ୍ଦାବସ୍ଥା ସମୟରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ। ପ୍ରବାସୀ ଭାରତୀୟମାନେ ବଣ୍ଡ ଖରଦ କରି ଆର.ବି.ଆଇ ଯୋଜନାରେ ପୁଞ୍ଜି ନିବେଶ କରି ଭାରତର ସଙ୍କଟକୁ ଟାଳିବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଥିଲେ। କୋଭିଡ୍ ମହାମାରୀ ସମୟରେ ମଧ୍ୟ ବୈଦେଶିକ ପାଣ୍ଠିର ପ୍ରବାହ ଜାରି ରଖିବାରେ ଏନ୍‌ଆରଆଇମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପ୍ରବାସୀ ଭାରତୀୟମାନଙ୍କର ମୂଳ ଭୂଖଣ୍ଡ ସହିତ ସମ୍ପର୍କ ଅର୍ଥନୀତିଠାରୁ ଆରମ୍ଭ କରି ସାଂସ୍କୃତିକ ଓ ଭାବନାତ୍ମକ ଭାବେ ଜଡ଼ିତ ରହିଛି।

୧୯୯୧ରେ ଜଗତିକରଣ ଆରମ୍ଭ ପରଠାରୁ ବିଗତ ତିନିଦଶନ୍ଧି ମଧ୍ୟରେ ଆର୍ଥିକ ପ୍ରଗତି ଭାରତ ଆଉ ଭାରତୀୟଙ୍କ ମନରେ ନୂଆ ଆତ୍ମବିଶ୍ୱାସ ଜାଗ୍ରତ କରିଛି। ଭାରତ ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ। ଏ ଦିଗରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ଅବିସ୍ମରଣୀୟ ନିଶ୍ଚୟ।

ପ୍ରବାସୀ ଭାରତୀୟ ଦିବସ ପାଳନର ଲକ୍ଷ୍ୟ ହେଉଛି ବିଦେଶରେ ଥିବା ଭାରତୀୟଙ୍କୁ ରାଷ୍ଟ୍ର ପ୍ରତି ଆକୃଷ୍ଟ କରାଇବା, ରାଷ୍ଟ୍ର ବିକାଶର ମୁଖ୍ୟଧାରା ସହିତ ସେମାନଙ୍କୁ ଯୋଡ଼ିବା, ରାଷ୍ଟ୍ରର ବିବିଧ ସଂସ୍କୃତି, ସାହିତ୍ୟ, ଖାଦ୍ୟପେୟ, ଦର୍ଶନୀୟ ସ୍ଥଳ ସମ୍ପର୍କରେ ପରିଚିତ କରାଇବା। ବିଶ୍ୱ ପଟଳରେ ଭାରତର ଗୌରବଶାଳୀ ପରମ୍ପରାକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିବା।

● **ଭୁବନେଶ୍ୱର, ମୋ: ୯୭୭୭୭୪୦୭୧**

# ଅଚ୍ୟୁତାନନ୍ଦଙ୍କ ସାହିତ୍ୟରେ ସାମାଜିକ ପୁନର୍ବିନ୍ୟାସର ଆହ୍ୱାନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ପଞ୍ଚସଖାଙ୍କ ମଧ୍ୟରେ ସର୍ବକନିଷ୍ଠ ଅଚ୍ୟୁତାନନ୍ଦ ଦାସ ତାଙ୍କ ଭବିଷ୍ୟତ ବାଣୀ ଲିପିବଦ୍ଧ କରିଥିବା ମାଳିକା ପାଇଁ ଏକବିଂଶ ଶତାବ୍ଦୀରେ ବହୁଚର୍ଚ୍ଚିତ। ଯେଉଁ ଦିନଠାରୁ ମଣିଷ ସମାଜ ମଧ୍ୟରେ ଜାତିଭେଦ, ଉଚ୍ଚ-ନୀଚର ଧାରଣା ସୃଷ୍ଟି ହେଲା, ସେଇ ସମୟରୁ ହିଁ ସକଳ ବିପର୍ଯ୍ୟୟର ସୂତ୍ରପାତ। ପଞ୍ଚସଖା ଏହି ଛୋଟ-ବଡ଼ର ତାରତମ୍ୟକୁ ହିଁ ସବୁଠାରୁ ବଡ଼ ଅଧର୍ମ ବୋଲି ଘୋଷଣା କଲେ ନିର୍ଭୀକ ଭାବରେ। ସବୁ ମଣିଷ ଯେ ସମାନ, ସମସ୍ତଙ୍କ ମଧ୍ୟରେ ସତ୍ୟ ବିଦ୍ୟମାନ, ଈଶ୍ୱରଙ୍କ କରୁଣାରୁ କେହି ବଞ୍ଚିତ ନୁହନ୍ତି - ଏସବୁ ବାସ୍ତବ ଅନୁଭୂତି ବ୍ୟକ୍ତ କଲେ ସେମାନେ। ଜାତିଭେଦ କେବଳ ଅର୍ଥହୀନ ନୁହେଁ, ଏହା ଏକ ହିଂସା, ନିଷ୍ଠୁରତା, ନୃଶଂସତା ବୋଲି ଆମେ ଅନୁଭବ କରିପାରିବା ଅଚ୍ୟୁତାନନ୍ଦଙ୍କ ସାହିତ୍ୟ-କୃତିରୁ।

ସ୍ୱରଚିତ 'ଗୁରୁଭକ୍ତି ଗୀତା'ରେ ସ୍ପଷ୍ଟ ଭାବରେ କବି ଦର୍ଶାଇ ଦେଇଛନ୍ତି ଯେ, ଅସମାନତା ହିଁ ସମାଜକୁ କରିଛି ବିରୂପ ଓ ବିକୃତ। ମଣିଷର ମଣିଷତ୍ୱକୁ ହୃଦୟଙ୍ଗମ କରିବା ପାଇଁ ତାଙ୍କ 'କୈବର୍ତ୍ତ ଗୀତା'ରେ ଅନ୍ତର୍ଭେଦୀ ଆହ୍ୱାନ ଝଙ୍କୃତ। ପ୍ରକୃତ ଆଧ୍ୟାତ୍ମିକ ପରିଶୁଦ୍ଧତା ଥାଏ କେଉଁଠି? ଯେଉଁଠି ମଣିଷ-ମଣିଷ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣକୁ ନେଇ କୌଣସି ବିଦ୍ୱେଷ ନଥାଏ, ରହିଥାଏ ଏକାତ୍ମ ହୋଇଯିବାର ଅନୁରାଗ, ସେଇଠି ପରମାତ୍ମାଙ୍କୁ ଦେଖିପାରିବାର ସାମର୍ଥ୍ୟ ଆଉ ଦୃଷ୍ଟିଶକ୍ତି ଉନ୍ମୋଚିତ ହୋଇଯାଏ। ଅଚ୍ୟୁତାନନ୍ଦ 'ହରିବଂଶ' ପ୍ରଣୟନ କଲେ କାହିଁକି? ସାମାଜିକ ସ୍ତରରେ ଅବହେଳିତ ଗୋପାଳମାନଙ୍କୁ ଯଥୋଚିତ ସମ୍ମାନ ଅର୍ପଣ କରିବା ପାଇଁ ନାୟକ ଭାବରେ ଚିତ୍ରଣ କଲେ ଶ୍ରୀକୃଷ୍ଣଙ୍କୁ ପ୍ରାଣର ଅସାମାନ୍ୟ ଅଭୀପସା ନେଇ। ରଚନା କଲେ 'କୈବର୍ତ୍ତ ଗୀତା', 'ଗୋପାଳଙ୍କ ଓଗାଳ'। ଶାସ୍ତ୍ର ରଚନା ସହିତ ଗୋପାଳ, କୈବର୍ତ୍ତ, ନିରକ୍ଷର, ଅବହେଳିତ, ଉପେକ୍ଷିତ ମଣିଷଙ୍କ ସହ ଏକତ୍ର ଜୀବନ ନିର୍ବାହ କରିବାରେ ଲାଭ କରୁଥିଲେ ପ୍ରଭୂତ ଆନନ୍ଦ। ତାଙ୍କ ଜୀବନଧାରା ଓ ସାହିତ୍ୟ ସାଧନା ମଧ୍ୟରେ କୌଣସି ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ। ହରିବଂଶ ସେ ଅନୁବାଦ କରିବାର କଳ୍ପନା ହିଁ କରାଯାଇପାରେନା। ସାରଳା ଓ ବଳରାମଙ୍କ ପରି ସେ ସ୍ୱକୀୟ ଜୀବନାନୁଭବକୁ ହିଁ ଆଧାର କରି ଲେଖିଛନ୍ତି ହରିବଂଶ। ତାଙ୍କ ପ୍ରତିଟି ଗ୍ରନ୍ଥ ମଧ୍ୟରେ ସନ୍ଥ ଆତ୍ମାର ସ୍ପନ୍ଦନ ପାଠକକୁ ସଂଯୁକ୍ତ କରିଦିଏ ସାଧାରଣରୁ ଅତି ସାଧାରଣ ସ୍ତରର ମଣିଷ ସହିତ।

ସାଧୁ ସାହିତ୍ୟ ସାଧକ ଭାବେ ଅଚ୍ୟୁତାନନ୍ଦ ସାମାଜିକ ସ୍ତରରେ ଯେଉଁ ବୈପ୍ଲବିକ ପରିବର୍ତ୍ତନର ସନ୍ଦେଶ ଦେଲେ, ସେଥିରେ ହିଁ ସନ୍ନିହିତ ହୋଇ ରହିଛି ତାଙ୍କ ସ୍ୱତନ୍ତ୍ରତା ଏବଂ ପ୍ରକୃତ ହୃଦୟବତ୍ତା। ଉଚ୍ଚକୋଟିର କବି ଭାବରେ ସେ ବନ୍ଦିତ ହେବାର ଆଶା ତ୍ୟାଗ କରି ସମାଜର ଉଚ୍ଚବର୍ଗ ଦ୍ୱାରା ନିନ୍ଦିତ ହେବା ପାଇଁ ବରଂ ପ୍ରସ୍ତୁତ ଥିଲେ। ଏହା ହିଁ ତ ହେଉଛି ଶ୍ରେଷ୍ଠ କବିତ୍ୱ। ସେ ନିଜେ କରଣ, କ୍ଷତ୍ରିୟ କୁଳରେ ଜାତ ହୋଇଥିଲେ ବି ନିଜକୁ ଶୂଦ୍ର ମନେ କରିବା ଥିଲା ତାଙ୍କ ଅନ୍ତର୍ନିହିତ ସତ୍ୟୋପଲବ୍ଧି। ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର -ଏହା ଜାତିର ନାମ ନୁହେଁ, ଏହା ହେଉଛି ସାଧନାର ଏକ ଏକ ପର୍ଯ୍ୟାୟ ବୋଲି ସ୍ୱରଚିତ 'ବର୍ଣ୍ଣଟୀକା'ରେ ସେ ବିଶ୍ଳେଷଣ କରିଦେବା - ତାଙ୍କ ପ୍ରକୃତ ଓ ଅଭିନବ ଦିଗଦର୍ଶନ ବୋଲି ଗ୍ରହଣ କରିପାରିଲେ ପ୍ରତିଟି ମଣିଷର ଜୀବନ ହୋଇଯାଇପାରନ୍ତା ଅନ୍ତର୍ମୁଖୀ।

ଅଚ୍ୟୁତାନନ୍ଦଙ୍କ ମାଳିକା ଅବଲମ୍ବନରେ ଯେଉଁମାନେ ପ୍ରଳୟ ଆସିବ ବୋଲି ସମସ୍ତଙ୍କୁ ଭୟଭୀତ କରୁଛନ୍ତି, ସେମାନେ ବା ଆମେ ଏହା ଜାଣି ପାରୁନୁ ଯେ ମହାପ୍ରଳୟର ବଳୟ ଭିତରେ ହିଁ ବନ୍ଦୀ ହୋଇ ରହିଛୁ ଆମେ। ଯାହାକୁ ପ୍ରଗତି ବୋଲି କହୁଛୁ ତାହା ଦୁର୍ଗତି ବ୍ୟତୀତ ଆଉ କିଛି ନୁହେଁ। ଯେ ପର୍ଯ୍ୟନ୍ତ ମଣିଷ ମଧ୍ୟରେ ଛୋଟ-ବଡ଼, ଉଚ୍ଚ-ନୀଚର ସଂକୀର୍ଣ୍ଣ ଅବିଚାର, ଅତ୍ୟାଚାର ଓ ଅନାଚାର ଅବ୍ୟାହତ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଆମେ ଧ୍ୱଂସାଭିମୁଖୀ ହୋଇ ରହିଥିବା। ସାତ ସମୁଦ୍ରର ଉତ୍ତାଳ ଅହଂକାରରେ ବିଲୀନ ହେବାକୁ ଯାଉଛୁ, ଏହି ସତ୍ୟ-ଉପଲବ୍ଧି ସଂଚାର ହୋଇ ପାରିନି ଆମ ଅନ୍ତରରେ। ଅଚ୍ୟୁତାନନ୍ଦ ପ୍ରତିମୁହୂର୍ତ୍ତରେ ଜାଗ୍ରତ କରିଦେଉଛନ୍ତି ମଣିଷ ସମାଜରେ ସମାନତାର ପ୍ରତିଷ୍ଠା କରିବା ପାଇଁ। କୌଣସି ସତ୍ୟଶୀଳ କବି କେବେ ଚାହେଁ ନାହିଁ ଯେ, ଏ ସୁନ୍ଦର ବସୁନ୍ଧରା ନଷ୍ଟ ଭ୍ରଷ୍ଟ ହୋଇଯାଉ ଅମାନବିକତାର ଆସୁରିକ ଆକ୍ରମଣରେ। ପୃଥିବୀ ଓ ମନୁଷ୍ୟ ସମାଜ କିପରି ସମୁନ୍ନତ ସୋପାନରେ ହେବ ଉପନୀତ, ସେଇ ପ୍ରୟାସ ନିଷ୍ଠାର ସହ ସମ୍ପନ୍ନ କରିବା ପାଇଁ ଅଚ୍ୟୁତାନନ୍ଦ ଦେଇଯାଇଛନ୍ତି ସୁସ୍ପଷ୍ଟ ଓ ବଳିଷ୍ଠ ସଂକେତ। ତାଙ୍କୁ ନୂତନ ଭାବରେ ଓଡ଼ିଆ ଜାତି ଆବିଷ୍କାର କରିବାରେ କେବେ ହେବ ସମର୍ଥ? ●

**ମୋ:୭୦୭୭୫୫୩୭୦୭**

ସକାଳ
THE SAKALA

## ଯୋଗାଯୋଗ ଠିକଣା

**NEWS & INFO**
news@thesakala.com

**CIRCULATION**
circulation@thesakala.com

**ADVERTISEMENT**
advt@thesakala.com

**THE SAKALA**
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏମପିସି କଲେଜରେ କୃତୀ ବିଦ୍ୟାର୍ଥୀଙ୍କୁ ସ୍ମାରକୀ ପୁରସ୍କାର ଓ ଗବେଷକଙ୍କୁ ସମ୍ବର୍ଦ୍ଧନା

# ‘ଶିକ୍ଷା କ୍ଷେତ୍ରରେ ଆଗ୍ରହ ଓ ପ୍ରତିବଦ୍ଧତା ହିଁ ସଫଳତା ଦିଏ’

ବାରିପଦା, ୮।୧(ସମିସ): ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ଅଭିବୃଦ୍ଧି କ୍ଷେତ୍ରରେ ନିଷ୍ଠାବାନ ବିଦ୍ୟାର୍ଥୀ ଓ ଶିକ୍ଷକ ଗବେଷକଙ୍କ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏମପିସି ସ୍ୱୟଂଶାସିତ କଲେଜରେ ସ୍ମାରକୀ ପୁରସ୍କାର ଓ ଗବେଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏଭଳି କାର୍ଯ୍ୟକ୍ରମର ନୂଆ ଚିନ୍ତନ, ନୂଆ ଗବେଷଣା ସବୁବେଳେ ଏକ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ପ୍ରଫେସର ହିମାବିନ୍ଦୁ ମାରିଙ୍ଗାଟି ଏମପିସି କଲେଜର ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କ କୃତିତ୍ୱକୁ ପ୍ରଶଂସା କରିବା ସହିତ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଗ୍ରହ ଏବଂ ପ୍ରତିବଦ୍ଧତା ହିଁ ବଡ଼ ସଫଳତା ଦେଇଥାଏ ବୋଲି କହିଥିଲେ। ଶୈକ୍ଷିକ ମୁଖ୍ୟ




ଡ. ଆଲବେର୍ଟିନା ତିର୍କୀ ଓ ପରୀକ୍ଷା ନିୟନ୍ତ୍ରକ ଡ଼. ସାଉନା ମାଝି ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ସଫଳତାକୁ ପ୍ରଶଂସା କରିବା ସହ ସେମାନଙ୍କୁ ଶୁଭକାମନା ଜଣାଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ କ୍ଷେତ୍ରୀୟ ପ୍ରବନ୍ଧକ ସୋମ୍ୟଦର୍ଶନ କର ଯୋଗ ଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରସାଶନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ଉପଲକ୍ଷେ ରସାୟନ ବିଜ୍ଞାନରେ ଟପ୍ପର ହୋଇଥିବା ଅଙ୍କିତା ରାମ ଓ ଶୁଭ୍ରାଂଶୁ ବେହେରାଙ୍କୁ ‘ଜ୍ୟୋତି ନାୟକ ସ୍ମାରକୀ’ ଅର୍ଥନୀତିରେ ଟପ୍ପର ହୋଇଥିବା ଆଶିଷ ଦଳେଇ ଓ ଶୁଭଲକ୍ଷ୍ମୀ ବାରିକଙ୍କୁ ‘କୁଳମଣି ବିଶ୍ୱାଳ ସ୍ମାରକୀ’, ଉଦ୍ଭିଦ ବିଜ୍ଞାନରେ ଆଦିତି ଓ ରୂପାଲିଙ୍କୁ ‘ବୃନ୍ଦାବନ ମହାନ୍ତି ସ୍ମାରକୀ’, ପ୍ରାଣୀ ବିଜ୍ଞାନରେ ସଂକଳ୍ପ ଓ ରୂପାଲିଙ୍କୁ ‘ନିରୁପମା ମହାନ୍ତି ସ୍ମାରକୀ’, ଆଦିତି ଓ ରୂପାଲିଙ୍କୁ ‘ଉତ୍ତମ ମଣି ମେମୋରିଆଲ ବୃତ୍ତି’, ସ୍ୱାଗତ ଓ ସୀତାରାମଙ୍କୁ ‘ରାମଦାସ ମାରାଣ୍ଡି ମେମୋରିଆଲ ବୃତ୍ତି, ଶ୍ୱେତା, ରୁଦ୍ର, ଦିବ୍ୟ, ଦେବୀପ୍ରିୟାଙ୍କୁ ‘ପାର୍ବତୀ ରଥ ମେମୋରିଆଲ’ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୧୧ ଜଣ ଶିକ୍ଷକ ଓ ଗବେଷକଙ୍କୁ ମଧ୍ୟ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଡ଼. ରୁସ୍ମା ମହାପାତ୍ର, ଡ଼. ରୀଚା ବିଶ୍ୱାଳ, ଡ଼. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ଼. ଗୋବିନ୍ଦ ବେହେରା, ଡ଼.ଅଞ୍ଜନ ଜେନା, ଡ଼. ବିଶ୍ୱଭୂଷଣ ଭୂୟାଁ ପ୍ରମୁଖ ଗବେଷଣା ସମ୍ପର୍କରେ ତଥ୍ୟ ରଖିଥିଲେ। ଆଇକ୍ୟୁଏସି ସଂଯୋଜକ ଦେବାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିତ୍ତୀୟ ମୁଖ୍ୟ ଡ଼.ଆଶୁତୋଷ ପ୍ରୟାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ମାଟି ଉତ୍ତୋଳନ ବେଳେ ଅଘଟଣ

## ଡମ୍ଫର ଚକତଳେ ଗଲା ଜୀବନ

ବୈଶିଙ୍ଗା, ୮।୧(ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା-ରୂପସା ମୁଖ୍ୟ ରାସ୍ତା ନିକଟ ମନ୍ତ୍ରୀଡାହିର ଏଫସିଆଇ ଛକ ପୂର୍ବରୁ ଥିବା ସରକାରୀ ଜମିରେ ବେଆଇନ ମାଟି ଉତ୍ତୋଳନ ଚାଲିଥିଲା। ସବୁଦିନ ପରି ଗତକାଲି ମଧ୍ୟ ମାଟି ଚୋରା ଚାଲାଣ ହେଉଥିଲା। ବିଳମ୍ବିତ ରାତିରେ ଜାମୁନିଆ ଗ୍ରାମର ଗଙ୍ଗାଧର ବିଶ୍ୱାଳ ଓରଫ ବାବୁଆ (୫୫)ଙ୍କ ଉପରେ ଏକ ଡମ୍ଫର ମାଡି ଯାଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକେ ପ୍ରଥମେ ରୁପସା ଏବଂ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ହେଲେ ଅବସ୍ଥା ଗୁରୁତର ହେବାରୁ କଟକ ନେଉଥିବାଳେ ବାଟରେ ମୃତ୍ୟୁ ଘଟିଥିଲା। ବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ନିଜ ଗ୍ରାମ ଜାମୁନିଆଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ୧୨ ବର୍ଷ ପରେ ବି ବିଧବାଙ୍କୁ ମିଳିଲାନି ଭତ୍ତା କି ଚାଉଳ

ପିଙ୍ଗୁ, ୮।୧(ସମିସ): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଞ୍ଚାୟତ ବଡ଼ଚତୁରି ଗ୍ରାମର ଗୋବିନ୍ଦ ସିଂଙ୍କ ଦେହାନ୍ତ ହୋଇଯିବା ପରେ ତାଙ୍କର ସ୍ତ୍ରୀ ମୁନି ସିଂ ୧୨ ବର୍ଷ ହେଲା ଦିନମଜୁରୀ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ବିଧବାଙ୍କୁ ସରକାର ଯୋଗାଇ ଦେଉଥିବା ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଓ ଖାଦ୍ୟ ଯୋଜନାରେ ଚାଉଳ ଏ ପର୍ଯ୍ୟନ୍ତ ମୁନି ପାଇନାହାନ୍ତି। ଏ ନେଇ ସେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।



ଏପରିକି ଆବାସ ଯୋଜନାରେ ଘର, ବିଦ୍ୟୁତ ଲାଇନ ଓ ପାଇପ ପାଣି ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଞ୍ଚ ଦାବି କରିଛି।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଠାକୁରମୁଣ୍ଡା/ମହୁଲଡିହା, ୮।୧(ସମିସ): ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ବିଡିଓ ସପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣ୍ଡଆ ଯୋଗଦେଇ ଛାତ୍ରୀଙ୍କୁ କଠିନ ପରିଶ୍ରମ ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଡ଼ଃ ସୁଶ୍ରୀ ସୁପ୍ରିୟା, ସିଡିପିଓ ପ୍ରେମଲତା ସେଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ସ୍ମୃତିରଞ୍ଜନ




ସାହୁ, ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଚମକପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ, ବାକରତଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୦୨୪ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସଞ୍ଜିବନୀ ରଥ ଓ ଶିବାନୀ ବଂଶୁଳିଆଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରବୀରଙ୍କୁ ସ୍ୱର୍ଣ୍ଣ ଓ ବାପୁନଙ୍କୁ ରୌପ୍ୟ



ବାରିପଦା, ୮।୧(ସମିସ): ଚଳିତ ୪ ଓ ୫ ତାରିଖ ଝାରସୁଗୁଡ଼ା ଜିଲ୍ଲା ବେଲପାହାର ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ଶ୍ରୀ ୨୦୨୪-୨୫ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମୟୁରଭଞ୍ଜ ବଡିବିଲ୍ଡିଙ୍ଗ ଆସୋସିଏସନର ମନୋନୀତ ହୋଇଥିବା ମୟୁରଭଞ୍ଜ ଜିମ୍ନାସିୟମର ସଦସ୍ୟ ପ୍ରବୀର ବେହେରା (୫୫ କେଜି ବର୍ଗ) ଏବଂ ବାପୁନ ବେହେରା (୭୫ କେଜି ବର୍ଗ)ଙ୍କୁ ସଫଳତା ମିଳିଛି। ଉଭୟେ ଜିଲା ତରଫରୁ ପ୍ରତିନିଧିତ୍ୱ କରି ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରବୀର ଏବଂ ବାପୁନଙ୍କ ଏହି ସଫଳତାକୁ ନେଇ ଜିଲ୍ଲାର କ୍ରୀଡା ପ୍ରେମୀ ମାନଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖାଦେଇଅଛି। ଏହି ଅବସରରେ ଆଜି(ମଙ୍ଗଳବାର) ଅପରାହ୍ନରେ ମୟୁରଭଞ୍ଜ ଜିମ୍ନାସିୟମ ପରିସରରେ ଜିଲା ବଡିବିଲ୍ଡିଙ୍ଗ ଆସୋସିଏସନର ସଭାପତି ନବ କୁମାର ସାହୁ, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁମିତ କୁମାର ସାହୁ, ସହ ସମ୍ପାଦକ ସତ୍ୟବ୍ରତ ବେହେରା, ସଦସ୍ୟ ନିତେଶ ବାରିକ, ଅଭିଶଷେକ ସାହୁ, ଚନ୍ଦ୍ରଶେଖର ବାଗ, ଆଦିତ୍ୟ ନାଏକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି। ସୂଚନା ଯୋଗ୍ୟ କି ପୂର୍ବରୁ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଏବଂ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିମ୍ନାସିୟମର ଖେଳାଳି ଅଂଶ ଗ୍ରହଣ କରି ଅନେକ ଥର ସଫଳତା ହାସଲ କରିଛନ୍ତି।



## ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବଣ୍ଟନ

ବାରିପଦା, ୮।୧(ସମିସ): ବାରିପଦା କଲ୍ୟାଣୀ ମହିଳା ସମିତି ପକ୍ଷରୁ ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସମ୍ପାଦକ କଳ୍ପନା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନ୍ୟ ସଭ୍ୟମାନେ ଦେବେନ୍ଦ୍ରପୁର ଓ ଲକ୍ଷ୍ମୀପୋଷି ସ୍ଥିତ ବୃଦ୍ଧାଶ୍ରମରେ ଶୀତବସ୍ତ୍ର ଓ ବିସ୍କୁଟ ବଣ୍ଟନ କରିଥିଲେ। ପରେ ଅନ୍ତେବାସୀଙ୍କ ସହିତ ଆଲୋଚନା କରି ଭାବବିନିମୟ କରିଥିଲେ। ହାଡ଼ଭଙ୍ଗା ଶୀତକୁ ପରିଲକ୍ଷିତ କରି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଶୋଭନା ଆଚାର୍ଯ୍ୟ, କବିତା ଗୋଛାୟତ, ପ୍ରଭାତି ପାଣିଗ୍ରାହୀ, ନଳିନୀ ପାଣିଗ୍ରାହୀ, ବାସନ୍ତୀ ମହାପାତ୍ର, ପୁଷ୍ପଲତା ପଣ୍ଡା, ଅଞ୍ଜଳି ପଣ୍ଡା, କାନନ ଆଡ୍ୟା, ଡ. ଅଞ୍ଜଳି ପଣ୍ଡା, ବୀଣାପାଣି ପଣ୍ଡା, ପ୍ରତିମା ଦାଶ ଓ ପ୍ରଭାକର ଧଳ ପ୍ରମୁଖ ସହଯୋଗ କରିଥିଲେ।



## ରାଇରଙ୍ଗପୁର ଏସ୍‌ଡିପିଓଙ୍କ ମାତୃ ବିୟୋଗ

ରାଇରଙ୍ଗପୁର, ୮।୧(ସମିସ): ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ମା’ ଗୌରୀ ସାହୁ (୮୩)ଙ୍କ ବିୟୋଗ ଘଟିଛି। ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ପୈତୃକ ଗାଁ ବରଗଡ଼ ଜିଲ୍ଲା ବେସିପଲ୍ଲୀ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ରଣଜିତ ଓ ଅବିନାଶ ନୂତନ ମଣ୍ଡଳ ସଭାପତି

ରାସଗୋବିନ୍ଦପୁର, ୮।୧ (ସମିସ): ସୋମବାର ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୧୭ଟି ମଣ୍ଡଳ ସ୍ତରୀୟ ନୂତନ ସଭାପତି ଚୟନ ତାଲିକା ପ୍ରକାଶ ପାଇଛି। ରାସଗୋବିନ୍ଦପୁର ବ୍ଲକ ୪୮ ନଂ ଜୋନ ବିଜେପି ମଣ୍ଡଳ ସଭାପତି ରୂପେ ଝାଟିଅଡା ଗ୍ରାମର ଅବିନାଶ କୁଣ୍ଡୁ ନିର୍ବାଚିତ ହୋଇଛନ୍ତି। ସେହିପରି ୪୭ ନଂ ଜୋନ ବିଜେପି ମଣ୍ଡଳ ସଭାପତି ରୂପେ ରଣଜିତ୍ ବାରିକ ନିର୍ବାଚିତ ହୋଇଛନ୍ତି।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

ବଡସାହି, ୮।୧(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ କୃପାସିନ୍ଧୁ ମହାକୁଡ ଶିବିରକୁ ଉଦଘାଟନ କରିଥିଲେ। ପ୍ରାଧ୍ୟାପକ ଡ. ଜୀବନ କୁମାର ପଣ୍ଡିତ, ଅଧ୍ୟାପକ ବିନୋଦ କୁମାର ପରିଡ଼ା, ଶିବିରର ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ସାଂପ୍ରତିକ ସମାଜରେ ନାରୀମାନଙ୍କ ଉପରେ ଘଟୁଥିବା ଅତ୍ୟାଚାର ଓ ଶୋଷଣ ରୋକିବାକୁ ଆତ୍ମରକ୍ଷା କୌଶଳ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ସୁଚିତ୍ରା ନାଥ ଓ ରଞ୍ଜିତା ସିଂ ତାଲିମ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଗୀତିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କରଞ୍ଜିଆରେ ବଢୁଛି ବାଂଲାଦେଶୀଙ୍କ ଅନୁପ୍ରବେଶ

## ଯାଞ୍ଚ ଦାବିକଲେ ସ୍ଥାନୀୟ ଲୋକେ



କରଞ୍ଜିଆ, ୮।୧(ସମିସ): କରଞ୍ଜିଆ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଖିବାକୁ ମିଳୁଛି। ଏହି ଅନୁପ୍ରବେଶକାରୀଙ୍କ ମଧ୍ୟରେ ରୋହିଙ୍ଗ୍ୟା ଅଧିକ ପରିମାଣ ରହିଥିବା ଅଭିଯୋଗ ହେଉଛି। ରାଜମିସ୍ତ୍ରୀ, କାଠ ମିସ୍ତ୍ରୀ, ଫେରିବାଲା, ଫୁଲ ବିକ୍ରେତାଭାବେ ସହରର ବିଭିନ୍ନ ଅଞ୍ଚଳରେ ଆସ୍ଥାନ ଜମାଇଲେଣି। ଏମାନେ ନିଜକୁ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅଞ୍ଚଳର ଲୋକ ବୋଲି ପରିଚୟ ଦେଉଛନ୍ତି; କିନ୍ତୁ ସେମାନଙ୍କ ଭାଷା, ସଂସ୍କୃତି, ବେଶଭୂଷା ଭାରତୀୟଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। କରଞ୍ଜିଆ ଏନଏସିର ୮, ୧୩, ୧୫ନଂ. ୱାର୍ଡରେ ଏମାନଙ୍କର ବସ୍ତି ଗଢ଼ି ଉଠିଲାଣି। ଏମାନଙ୍କ ଭିତରୁ ଅନେକ ଏଠାକାର କିଛି ଲୋକଙ୍କୁ ପ୍ରଲୋଭିତ କରି ଯୁବତୀମାନଙ୍କୁ ନେଇଯାଇଥିବା ମଧ୍ୟ ଅଭିଯୋଗ ରହିଛି। କିଛି ସ୍ୱାର୍ଥବାଦୀ ରାଜନେତା ଭୋଟ ପାଇବା ଆଶାରେ ବାଂଲାଦେଶୀଙ୍କୁ ସମର୍ଥନ କରି ଭୋଟର ପରିଚୟପତ୍ର, ରାସନ କାର୍ଡ ଦେବାରେ ମଧ୍ୟ ସହଯୋଗ କରୁଛନ୍ତି। କିଛି ଠିକାଦାର ମଧ୍ୟ ଏସବୁ ଜାଣିଶୁଣି ମଧ୍ୟ ନିରବ ରହୁଛନ୍ତି। କିଛି ଲୋକ ଏଠାକରେ ଲୋକଙ୍କ ସରଳତାର ସୁଯୋଗ ନେଇ ଘରଦ୍ୱାର କରି ରହିବାକୁ ଲାଗିଲେଣି। ଫଳରେ ଏହି ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଆଇନ ପରିସ୍ଥିତି ସବୁବେଳେ ଉତ୍ତେଜନା ରହୁଛି। ବିଭିନ୍ନ ସମୟରେ ଏହି ସମ୍ପ୍ରଦାୟର ଲୋକେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିଥିବା ମଧ୍ୟ ନଜିର ରହିଛି। ତେଣୁ ଅଞ୍ଚଳରେ ବସବାସ କରୁଥିବା ବିଦେଶୀ କିମ୍ବା ଅପରିଚିତ ଲୋକଙ୍କ ସମ୍ପର୍କରେ ତୁରନ୍ତ ଯାଞ୍ଚ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି; ନଚେତ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପ୍ରତି ବିପଦ ସୃଷ୍ଟି କରିବ।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବଡସାହି, ୮।୧(ସମିସ): ବଡସାହି ବ୍ଲକ ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡାରେ ମୁଖ୍ୟଅତିଥି ଭାବେ ଏବିଇଓ ବସନ୍ତ ମଞ୍ଜରୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ସିଂ, ସମାଜସେବୀ ନିରଞ୍ଜନ ମହାନ୍ତ, ସମିତି ସଭ୍ୟ ନବୀନ କୁମାର ମହାନ୍ତ, ସିଆରସିସି ମିନତୀ ପଣ୍ଡା, ପରିଚାଳନା କମିଟି ସଭାପତି ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଖେଳୁଆଡ ମନୋବୃତ୍ତି ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜାହିରା ଛକରୁ ଏକ ମଶାଲ ଶୋଭାଯାତ୍ରର ଆରମ୍ଭ ହୋଇଥିଲା।

**ବାରିପଦା:** ତଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ ବ୍ୟାୟାମ ଓ ମାନସିକ କୌଶଳକୁ ବୃଦ୍ଧି କରିବା ନିମନ୍ତେ କ୍ରୀଡା ହେଉଛି ଏକ ଉତ୍ତମ ମାଧ୍ୟମ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଳଗାଁର ବାର୍ଷିକ କ୍ରୀଡା ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ତାପସ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଚତୁରାଙ୍ଗଳି ସରପଞ୍ଚ ବିଜନ ଚାତାର, ସମ୍ମାନିତ ଅତିଥି ରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡିଲା ବିରୁଆ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଜିତ କୁମାର ନାୟକ, ୱାର୍ଡସଭ୍ୟ ଦୀନବନ୍ଧୁ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଭାରସାମ୍ୟ ଦୌଡ, ଅଙ୍କକଷା, ଭାଷାଦୌଡ, ପୁଚି, ଶଙ୍ଖଫୁଙ୍କା, ବେଙ୍ଗଡ଼ିଆଁ, ବେଲୁନ ଫଟା, ସଙ୍ଗୀତ ଚୌକି, ଛୁଞ୍ଚି ସୂତା, ଝୋଟି, ଗୋଲାଫିଙ୍ଗା ସମେତ କୋଠରୀ ଆଧାରରେ କ୍ରିକେଟ, ଫୁଟବଲ, ଭଲିବଲ୍, ବ୍ୟାଡମିଣ୍ଟନ୍, କବାଡି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଦଶରଥ ଦାସ ଓ ଶିକ୍ଷୟିତ୍ରୀ ମାନିନୀ ମହାକୁଡ ପରିଚାଳନା କରିଥିଲେ।



## ବର୍ଷିୟାନ ମୁରବିଙ୍କ ପରଲୋକ

ବହଳଦା, ୮।୧(ସମିସ): ବହଳଦା ଅଞ୍ଚଳର ଜଣେ ବର୍ଷିୟାନ ମୁରବୀ, ଆଗଧାଡିର ଚାଷୀ ତଥା ନିଜ ଗାଁ କୁଲଗିର ପୂର୍ବତନ ଗ୍ରାମପ୍ରଧାନ ବିଶ୍ୱପତି ପଟ୍ଟନାୟକ (୯୦)ଙ୍କ ମଙ୍ଗଳବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ମାସ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ବହଳଦା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର। ଜଣେ ଆମାୟିକ ଶାନ୍ତଶିଷ୍ଟ, ମେଳାପି ଲୋକ ହିସାବରେ ସେ ଅଞ୍ଚଳରେ ଜଣାଶୁଣା ଥିଲେ। ଗାଁ ବିଦ୍ୟାଳୟ ଓ ଅନେକ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଜଣେ ସଫଳ ଚାଷୀଭାବେ ୭୦ ଦଶକରେ ଡ୍ରାଇଲେଣ୍ଡ ଫାର୍ମିଂ ଦ୍ୱାରା ପୁରସ୍କୃତ ଓ ଆମ୍ବାର ସଭାପତି ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ଫୁଟବଲ ଟୁର୍ଣ୍ଣାମେଣ୍ଟ; ସିଂ ବ୍ରଦର୍ସ ଚାମ୍ପିଅନ



ବଡସାହି, ୮।୧(ସମିସ): ବଡ଼ସାହି ବ୍ଲକ ଶିଆଳିଘାଟୀ ପଞ୍ଚାୟତ କାଉଚି ଗ୍ରାମର ଏସଜିଏଏ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୩୫ତମ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉନ୍ନତ ଖେଳ ପ୍ରଦର୍ଶନ କରି ସିଂ ବ୍ରଦର୍ସ ଓ ହାପି କ୍ଲବ ଫୁଟବଲ ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମ୍ୟାଚର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରର ସହାୟତା ନିଆଯାଇଛି। ଏଥିରେ ସିଂ ବ୍ରଦର୍ସ ଦଳ ୫-୩ ଗୋଲରେ ହାପି କ୍ଲବ ଦଳକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଭାଦୁ ସରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ରମାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସବିତା ନାଏକ, ସମାଜସେବୀ ଯଶୋବନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଦଳକୁ ୫୦ହଜାର ଓ ରନର୍ସ ଅପ୍ ଦଳକୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ତୃତୀୟସ୍ଥାନ ଅଧିକାର କରିଥିବା ଦବଙ୍ଗ ୧୧ଏଫସି ଓ ବିନ୍ଦାସ ଏଫସି ଦଳକୁ ୮ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସାକିଲା ମାରାଣ୍ଡି ଖେଳ ଶୁଭ ଉଦଘାଟନ କରିଥିଲେ। କ୍ଲବ ପକ୍ଷରୁ ସମ୍ପାଦକ ଲସ ମୁର୍ମୁ, ସଭାପତି ଶଶିଧର ନାଏକ, ଲାଷାୟ ମାଝୀ, ବିରାମ ମାଝୀ, ସିଂହରାୟ ମାଝୀ, ରାମାୟ ମୁର୍ମୁ, ଧର୍ମା ମାଝୀ, ସର୍ବେଶ୍ୱର ନାଏକ ଓ ଡାକ୍ତର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିବିର



ଉଦଳା, ୮।୧(ସମିସ): ଲୁଇପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଗାଟିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୬ରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ମୋଟ ୧୫୮ ଜଣ ଛାତ୍ରୀ ଜଣେ ମାଷ୍ଟରଟ୍ରେନରଙ୍କ ଦ୍ୱାରା ତାଲିମ ନେବେ। ଏଥିରେ ସବୁ ପିଲା ଅଂଶଗ୍ରହଣ କରିବା ଉଚିତ ବୋଲି ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ କହିଥିଲେ। ସଂଯୋଜକ ଅଧ୍ୟାପକ ମହେଶ୍ୱର ପାଣି ଏହା ସରକାରଙ୍କର ଏକ ଯୁଗାନ୍ତ କାରୀ ପଦକ୍ଷେପ ବୋଲି ମତ ରଖିଥିଲେ। ଅଧ୍ୟାପକ ମନମୋହ ମନମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦିଶା' ବୈଠକ ସ୍ୱଚ୍ଛଭାରତ ଯୋଜନା ଅଗ୍ରଗତି ନେଇ ଅସନ୍ତୋଷ



**କେନ୍ଦୁଝର,୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ଉନ୍ନୟନ ଓ ପର୍ଯ୍ୟାଲୋଚନା (ଦିଶା) କମିଟି ବୈଠକ ଦିଶା କମିଟିର ଅଧକ୍ଷ ତଥା କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକଙ୍କ ଅଧକ୍ଷତାରେ ବୁଧବାର ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇ ଏହାର ସୁଫଳ କିପରି ହିତାଧିକାରୀ,ଜନସାଧାରଣ ପାଇ ପାରିବେ ସେଥିପାଇଁ ସରକାରୀ ପଦାଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସାଂସଦ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗ ଏବଂ ଜନ ସାଧାରଣଙ୍କର ସହଯୋଗ ଓ ସହଭାଗିତା ଲୋଡିଥିଲେ। ଏହି ବୈଠକରେ ବିଶେଷ କରିକୃଷି,ଉଦ୍ୟାନକୃଷି,ପଶୁପାଳନ,ଜଳସମ୍ପଦ,ସ୍ୱାସ୍ଥ୍ୟ,ଶିକ୍ଷା,ଜଳ ବିଭାଜିକା,ଜାତୀୟ ରାଜପଥ,ଦକ୍ଷତା ବିକାଶ ଓ ନିଯୋଜନ, ଦୀନ ଦୟାଲ ଉପାଧ୍ୟାୟ ଯୋଜନା-ଗ୍ରାମୀଣ କୌଶଳ ଯୋଜନା, ଡିଏମ୍ଏଫ୍, ବେସାମରିକ ଯୋଗାଣ ବିଭାଗ, ଶ୍ରମ, ପାନୀୟ ଜଳ ଯୋଗାଣ, ଜିଲ୍ଲା ପରିଷଦ, ମନରେଗା, ଡିଜିଟାଲ ଭାରତ, ସ୍ୱାସ୍ଥ୍ୟ ବିଭାଗ, ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଦୀନଦୟାଲ ଉପାଧ୍ୟାୟ ଅନ୍ତୋଦୟ ଯୋଜନା), ଜିଲ୍ଲା ସମାଜ ମଙ୍ଗଳ, ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା, କ୍ରୀଡା ଆଦି ବିଭାଗରେ ଚାଲିଥିବା ବିଭିନ୍ନ ଯୋଜନା, କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭିନ୍ନ ଯୋଜନାରେ ଆସୁଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅର୍ଥରେ ଏହି ସବୁ କାର୍ଯ୍ୟକ୍ରମ କରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀତା ସମୟରେ ପେଶା ଆଇନକୁ ମାନିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ସ୍ୱଚ୍ଛ ଭାରତ ଯୋଜନାର ଅଗ୍ରଗତି ଏବଂ କାର୍ଯ୍ୟକାରୀତା ଉପରେ ସାଂସଦ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଚମ୍ପୁଆ ବିଧାୟକ ସନାତନ ମହାକୁଡ ଯୋଡା ବ୍ଲକ ବଳଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଳଦା ଗ୍ରାମରେ ଅବସ୍ଥିତ ବେତଝର ନାଳ,ନମ୍ବିରା ନାଳ ଉପରେ ଚେକ ଡ୍ୟାମ କରି ଚାଷୀଙ୍କୁ ଜଳଯୋଗାଣ ବ୍ୟବସ୍ଥା କରିବାକୁ କ୍ଷୁଦ୍ର ଜଳସେଚନ ବିଭାଗକୁ କହିଥିଲେ। ଚେକ ଡ୍ୟାମ ହେଲେ ବର୍ଷର ସବୁ ସମୟରେ ଖଣି ଅଞ୍ଚଳରେ ୩୦୦ ହେକ୍ଟର ଜମିରେ ଚାଷ ହୋଇପାରିବ। ଏହାବ୍ୟତୀତ ଗ୍ରିନ କ୍ଲାଇମେଟ ଫଣ୍ଡରେ ଆସୁଥିବା ଅନୁଦାନର ସଦୁପଯୋଗ ଏବଂ ଲୋକ ପ୍ରତିନିଧିଙ୍କ ପରାମର୍ଶ ଅନୁଯାୟୀ ଖର୍ଚ୍ଚ କରିବାକୁ କହିଥିଲେ। ଜିଲ୍ଲାର ସମସ୍ତ ବ୍ଲକରେ ଅଧିକରୁ ଅଧିକ ଫଳ ଏବଂ ଫୁଲ ଚାଷ କରିବାକୁ ଶ୍ରୀ ମହାକୁଡ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଚାଷୀ ଆତ୍ମନିର୍ଭରଶୀଳ ହେବା ସହ ଜିଲ୍ଲା ଏବଂ ରାଜ୍ୟର ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଏଥିସହ ବାଂଶପାଳ ବ୍ଲକରେ କଫି ମିଶନର କାର୍ଯ୍ୟକାରୀତା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ନେଇ ଆଲୋଚନା ହୋଇଥିଲା। ଡାକ୍ତର ପଦବୀ ପୂରଣ ପାଇଁ ପଦକ୍ଷେପ ନେବାକୁ ସାଂସଦଙ୍କୁ କମିଟିର ସଦସ୍ୟମାନେ ଅନୁରୋଧ କରିଥିଲେ। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଚମ୍ପୁଆ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। କାଡା ଡିଭିଜନ ଉଦ୍ରକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ସୂଚନା ଲୋକ ପ୍ରତିନିଧିଙ୍କ ଅଗୋଚରରେ ହେଉଥିବାରୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷ କରି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଆଦିର କାର୍ଯ୍ୟକାରୀତା ଉପରେ ସମୀକ୍ଷା କରିଥିଲେ। ସେହିପରି କୃଷି ସ୍ୱାସ୍ଥ୍ୟ କାର୍ଡ, ଜାତୀୟ କୃଷି ବଜାର,କୃଷି ଭିତ୍ତିଭୂମି ପାଣ୍ଠି,ଆତ୍ମା ଆଦିର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଜାତୀୟ ପଶୁ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ ଗୃହ ପାଳିତ ପଶୁ ମିଶନ, ରାଷ୍ଟ୍ରୀୟ ଗୋକୁଳ ମିଶନ ଆଦି ପଶୁ ସମ୍ପଦ ବିଭାଗର ଯୋଜନା ଉପରେ ସମୀକ୍ଷା କରିଥିଲେ। ସେହିପରି କମାଣ୍ଡ ଏରିଆ ଡେଭଲେପମେଣ୍ଟ ଏଣ୍ଡ ୱାଟର ମ୍ୟାନେଜମେଣ୍ଟ ପ୍ରୋଗାମ, ଜଳାଶ୍ରୟ ମରାମତି ଓ ପୁନଃରୁଦ୍ଧାର, ଜଳମାର୍ଗର ବିକାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ,ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ରାଜପଥ ଭିତ୍ତିଭୂମି କାର୍ଯ୍ୟକ୍ରମ, ପରିବହନ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରୀତା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଇ-ଶ୍ରମ ପୋର୍ଟାଲ, ଜଳ ଜୀବନ ମିଶନ, ରାଷ୍ଟ୍ରୀୟ ଗ୍ରାମ୍ୟ ସ୍ୱରାଜ ଅଭିଯାନ, ଶିଶୁ ଓ ମହିଳା ସୁରକ୍ଷା ସମ୍ପର୍କିତ ଯୋଜନା,ଖେଳ ଇଣ୍ଡିଆ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା,ସାଂସଦ ପାଣ୍ଠି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଦିଶା କମିଟିର ମେମ୍ବର ସେକ୍ରେଟାରୀ ତଥା ଜିଲ୍ଲାପାଳ ବିଶାଲ ସିଂ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ, ମୁଖ୍ୟମନ୍ତ୍ରୀ ତଥା ସଦର ବିଧାୟକଙ୍କ ପ୍ରତିନିଧି ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ପରିଷଦର ପିଏମ୍ଆଇଟି ଶିବାନନ୍ଦ ତ୍ରିପାଠୀ, କମ୍ପ୍ୟୁଟର ପ୍ରୋଗ୍ରାମର ସିଦ୍ଧେଶ୍ୱର ବିଶ୍ୱାଳ, ମନରେଗା ଆସିଷ୍ଟାଣ୍ଟ ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**ହାଟଡ଼ିହୀ/ସୋସୋ,୮ ।୧(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଆଇଡିପୁର ପଞ୍ଚାୟତ ନୁଆଗାଁ ଗ୍ରାମର ଭିକାରୀ ବେହେରା(୮୩)ଙ୍କ ତାଙ୍କ ବାସଭବନ ଠାରେ ଦେହାନ୍ତ ହୋଇଯାଇଛି। ସେ ଅବିଭକ୍ତ ଗେଡମା ଗ୍ରାମ ପଞ୍ଚାୟତରେ ୧୯୯୨ ମସିହାରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରିଥିଲେ। ସିପିଆଇଏମର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିବା ସହିତ ଲୋକନାଥ ଚୌଧୁରୀଙ୍କ ସହ କାର୍ଯ୍ୟ କରୁଥିଲେ। ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା ଭଳି ବିଭିନ୍ନ ସମସ୍ୟା ନେଇ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଭେଟି ସମସ୍ୟା ସମାଧାନ ଦିଗରେ ପ୍ରୟାସ ଚଳାଇଥିଲେ। ଜଣେ ସରଳ ଏବଂ ସଚ୍ଚୋଟ ବ୍ୟକ୍ତି ଭାବେ ଏ ଅଞ୍ଚଳରେ ପରିଚିତ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଟ୍ରକ ଧକ୍କାରେ ଯୁବକ ମୃତ

**ରାମଚନ୍ଦ୍ରପୁର,୮ ।୧(ସମିସ):** ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଅନ୍ତର୍ଗତ ରାଇତୋଳା ଗ୍ରାମର ଅମ୍ବୁଜ କୁମାର ବୋଇତେଇ (୪୮)ଙ୍କ ଏକ ସଡକ ଦୁର୍ଘଟଣାରେ ବୁଧବାର ମୃତ୍ୟୁ ଘଟିଛି। ସେ ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟାଟା ପ୍ଲାଣ୍ଟରେ ଜଣେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଘରୁ ବାହାରି ପ୍ଲାଣ୍ଟକୁ ଯିବା ସମୟରେ କଳିଙ୍ଗନଗର ବିଆରପିଏଲ ଗେଟ୍ ନିକଟରେ ଏକ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ପୁଲିସ ଗାଡିକୁ ଜବଦ କରିବା ସହ ମୃତଦେହକୁ ଉଦ୍ଧାର କରି ଦାନଗଦୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବେବଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଏହି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମାଜସେବୀ ଦେବାଶିଷ ପାତ୍ର, ଅଳତି ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳ, ସମାଜସେବୀ ଡଃ ରତିକାନ୍ତ ବରାଳ, ମନ୍ମଥକୁମାର ରାଉତ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

## ପ୍ରବାସୀ ଭାରତୀୟ ଦିବସ ପାଳିତ

**ସୋସୋ,୮ ।୧(ସମିସ):** ହାଟଡିହି ବ୍ଲକର ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହିରେ ୧୮ତମ ପ୍ରବାସୀଭାରତୀୟ ଦିବସ ପାଳିତ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ପ୍ରାଧ୍ୟାପକ ବିଜୟ ନାୟକ, ନିଲମ ଭୂୟାଁ, ପ୍ରବଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ବେହେରା, ଜ୍ୟୋତି ରୁପା ମଲ୍ଲିକ, ମହେଶ୍ୱତା ଶର୍ମା, ଜଳଧର ଦାସ, ବୃନ୍ଦାବନ ଓଝା ପ୍ରମୁଖ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ସାମିଲ ହୋଇଥିଲେ।

## ବାଲି ଚୋରାଚାଲାଣ ବେଳେ ୨ ଟ୍ରାକ୍ଟର ଜବତ

**ତୁରୁମୁଙ୍ଗା,୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ପିପିଲିଆ ରାସ୍ତାର ସ୍ୱାମ ନିକଟରୁ ବୁଧବାରଅପରାହ୍ନରେବେଆଇନ ଚୋରା ବାଲି ଚାଲାଣ କରିନେଇଥିବାବେଳେ ୨ଟି ଟ୍ରାକଟରକୁ ପାଟଣା ତହସିଲ କର୍ମଚାରୀମାନଙ୍କ ପକ୍ଷରୁ ଜବତ କରାଯାଇଛି। ଜବତ ହୋଇଥିବା ୨ ଟ୍ରାକ୍ଟର ପାଟଣା ଥାନାରେ ରଖି ଖଣିବିଭାଗକୁ ଖବର ଦିଆଯାଇଥିବା ଅତିରିକ୍ତ ତହସିଲଦାର୍ ଶରଣ କୁମାର ଜେନା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଟ୍ରାକ୍ଟର ଗୁଡ଼ିକ ପାଟଣା ବୈତରଣୀ ନଦୀ ଦୂର୍ଗାଦେଇପୁର ଘାଟରୁ ବାଲି ଉତ୍ତୋଳନ କରି ନେଇ ଯାଉଥିବା ବେଳେ ତହସିଲ କର୍ମଚାରୀମାନେ ଧରିଥିଲେ।

## ଏକ ଦିବସୀୟ ତାଲିମ ଶିବିର

**ହାଟଡ଼ିହୀ,୮ ।୧(ସମିସ):** ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ ସମ୍ବନ୍ଧୀୟ ଏକ ଦିବସୀୟ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ସମସ୍ତ ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ଏଡ଼ିଇଓ ମାନେ ଯୋଗ ଦେଇଥିଲେ। ପ୍ରତି ପଞ୍ଚାୟତ ଗୁଡିକୁ କିପରି ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ ଭାବେ ଗଢ଼ା ଯାଇପାରିବ ତାହା ଉପରେ ଆଲୋକପାତ କରିବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନା, ସହକାରୀ ଯନ୍ତ୍ରୀ ମଦନ ମୋହନ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରଜା ପଣ୍ଡା, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ରୋହନ କୁମାର ନାୟକ, ଏପିଓ ଭୈରବେନ୍ଦ୍ର ତ୍ରିପାଠୀ, ଜିପିଓ ଶରତ କୁମାର ବେଜ, ବ୍ଲକ କୃଷି ଅଧିକାରୀ ଦେବୀ ପ୍ରସନ୍ନ ଖୁଣ୍ଟିଆ, ସହକାରୀ ଉଦ୍ୟାନ ଅଧିକାରୀ ଅଙ୍କିତା ମିଶ୍ର, ବ୍ଲକ ସଂଯୋଜକ କାର୍ତ୍ତିକ ପାତ୍ର, ବିପିଏମ୍ (ଓଏଲଏମ) ମଧୁସ୍ମିତା ଦାସ, ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ସିଡ଼ିପିଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଆନନ୍ଦପୁର,୮ ।୧(ସମିସ):** ଆନନ୍ଦପୁର ଉପଖଣ୍ଡସ୍ଥିତ ବଳଭଦ୍ରନାରାୟଣ ସରକାରୀ ସଂସ୍କୃତ ଉଚ୍ଚ ମାଧମିକ ବିଦ୍ୟାଳୟ, ଟୁକୁଣାଠାରେ ୮ ଦିନିଆ ଏକାଦଶ ଶ୍ରେଣୀର ଛାତ୍ରୀ ମାନଙ୍କ ନିମିତ୍ତ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଅଛି। ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ପାଢୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡଃ. ଗୋପୀନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ୟୁଜି ୟୁପି ସ୍କୁଲ, ଗୋହିରାର ପ୍ରଶିକ୍ଷିକା ଶ୍ୟାମାରାଣୀ ସାହୁଙ୍କ ଦ୍ୱାରା ୩୬ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିଣ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନେ କିପରି ନିଜର ସୁରକ୍ଷା ନିଜେ କରିପାରିବେ ସେ ସମ୍ବନ୍ଧରେ ଡଃ. ପଣ୍ଡା ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ୮ ଦିନ ବ୍ୟାପି ଚାଲୁରହିବ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ସାହୁ, ଯଦୁମଣି ମିଶ୍ର, ବିଜୟ କୁମାର ମିଶ୍ର, ଡଃ ଭୋଳେଶ୍ୱର ପ୍ରଧାନ ତଥା ପୂର୍ବତନ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ଚକ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

## ବହୁମୁଖୀ ତାଲିମ ଶିବିର ଉଦ୍‌ଘାଟିତ



**ତେଲକୋଇ,୮।୧(ସମିସ):** ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସର ସହଯୋଗ ଓ ଆଇଟିଡିଏ କେନ୍ଦୁଝରର ସହାୟତାରେ ଓରିଆ ପଞ୍ଚାୟତ କତରାପାଲି ଗ୍ରାମଠାରେ ଏକ ବହୁମୁଖି ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ତେଲକୋଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଏହି ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଗୁରୁତ୍ୱର ସହ ତାଲିମ ନେବାକୁ ବୁଝାଇଥଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବ୍ଲକ ଓଡ଼ିଶା ଜୀବିକା ମିଶନର ଅଧିକାରୀ ହିମାଂଶୁ ନାୟକ ତାଲିମ ନେଉଥିବା କଣ୍ଢେଇ ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆବଶ୍ୟକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଟିଇଏଲପି ପ୍ଲସର ପ୍ରୋଗ୍ରାମ ଅଫିସର ଦେବେନ୍ଦ୍ର ରାଉତ ସମୟାନୁବର୍ତ୍ତିତା ପ୍ରତି ଗୁରୁତ୍ୱ ଦେବାକୁ କହିଥିବା ବେଳେ ଦେବକ ରଞ୍ଜନ ସାହୁ ଏହାର ବଜାର ବ୍ୟବସ୍ଥା ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୨୫ଜଣ ସଦସ୍ୟ କଣ୍ଢେଇ ପ୍ରସ୍ତୁତ କରି ନିଜର ଜୀବନ ଜୀବିକାର ମାନ ବୃଦ୍ଧି କରିବା ପାଇଁ ନିଷ୍ଠାର ସହ ଶିଖିବେ ବୋଲି ମତ ଦେଇଥିବା ବେଳେ ସହଯୋଗୀ କର୍ମୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପଥରଖଣି ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦୁଝର,୮ ।୧(ସମିସ):** କେନ୍ଦୁଝର ଜିଲ୍ଲାଘଟଗାଁ ତହସିଲ ଅଧୀନସ୍ଥ ପଣ୍ଡାପଡା,ଧରାପଡା ଓ ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ଶାଳବେଡା ବାସିନ୍ଦା ଶାଳପଡା ପଥର ଖଣି ବନ୍ଦ କରିକୁ ସୋମବାର ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥ-୨୦ ର ଠିକାଦାର ଏସ୍.ଆର୍.ଏସ୍ କନଷ୍ଟ୍ରକସନ ଙ୍କୁ ଖଣି ଅଧିକାରୀ କେନ୍ଦୁଝରର ଏକ କ୍ୱାରୀ ପରମିଟ୍,ସିଡୁଲ ନିମ୍ନ ତଫସିଲ ମୁତାବକ ପ୍ରଦାନ କରିଥିଲେ।ତେବେ ମୌଜା-ଶାଳବେଡା,ତହସିଲ-ହରିଚନ୍ଦନପୁର, ଜିଲା-କେନ୍ଦୁଝରର ଖାତା ନଂ-୧୪୫, ପ୍ଲଟ ନଂ-୨୬୩/୧,ରକବା-ଏ ୧୨.୩୨ରୁ ଏ ୧୦.୩୨, କିସମ-ପର୍ବତ ତିନି ରହିଛି। ଏହି ପରମିଟ ଅବଧି ତିନି ମାସ ଥିବାବେଳେ ମାତ୍ର ୨୦୦୦ କି.ମି. ପଥର ଉଠେଇବାର ଅନୁମତି ଦିଆଯାଇଛି।ଏହା ବ୍ୟତୀତ କ୍ୱାରୀରେ କିଛି ସର୍ତ୍ତେ ସାଧାରଣ ନାଗରିକ ଓ ଗ୍ରାମବାସୀମାନଙ୍କର ଦୈନନ୍ଦିନ ଜୀବନ ଯାତ୍ରାରେ ବ୍ୟାଘାତ ନ ଘଟେଇବାକୁ ନିର୍ଦ୍ଦେଶ ଅଛି।ମାତ୍ର ଉପରୋକ୍ତ ଠିକାଦାର ଅନୁମତି ପାଇଥବା ପରିମାଣଠାରୁ ବହୁତ ଅଧିକ ପରିମାଣରେ ପଥର ଉଠାଇ ସାରିଥିବା ଅଭିଯୋଗ ହୋଇଛି।ଖଣି ଅଧିକାରୀଙ୍କ ସର୍ତ୍ତେକୁ ଉଲଂଘନ କରି ଦିନ ରାତି ଡ୍ରିଲିଂ ମେସିନ ସାହାର୍ଯ୍ୟରେ ଗର୍ତ୍ତ କରି ବିସ୍ଫୋରଣ ଲଗାଇ ପଥର ଫଟାଉଥିବା ଜଣାପଡିଛି।ତେବେ ଏତେ ପରିମାଣରେ ବିସ୍ଫୋରଣ କରାଯାଉଛି ଯାହା ଫଳରେ ଘର ଦୋହଲି ଯିବା ସହିତ ଘର କାନ୍ଥରେ ଫାଟ ସୃଷ୍ଟି ହେଉଛି।ଛୋଟ ଛୋଟ ପିଲାମାନେ ଏତେ ବଡ ଶବ୍ଦକୁ ସହ୍ୟ କରି ନପାରି ଭୟରେ ଥରି ଉଠୁଛନ୍ତି।ଗୋରୁ ଗାଈ ଗୁଡିକ ପଘା ଛିଣ୍ଡାଇ ବାହାରକୁ ଦୌଡି ପଳାଇ ଯାଉଛନ୍ତି।ସ୍ଥାନୀୟ ଅଞ୍ଚଳରେ ଏହି ବିସ୍ଫୋରଣକୁ ନେଇ ଭୟର ବାତାବରଣ ଖେଳି ଯାଉଛି। ପ୍ରକାଶଯେଉକ୍ତ ଖଣିଠାରୁ ମାତ୍ର ୨୦୦ ମିଟରରୁ ୫୦୦ ମିଟର ଦୂରତା ମଧ୍ୟରେ ପ୍ରାୟ ୫୦୦ରୁ ୬୦୦ ପରିବାର ବସବାସ କରୁଛନ୍ତି। ଏହାସହିତ ଆଦିବାସୀ ଶ୍ରେଣୀର ଜୁଆଙ୍ଗ ବସ୍ତି ଅବସ୍ଥିତ।ଏହଛଡା ୨୦୦ ରୁ ୪୦୦ ମିଟର ଭିତରେ ଧରାପଡା ପ୍ରାଥମିକ ବିଦ୍ୟାଳୟ, ଶାଳବେଡା ସେବା ଶ୍ରମ ବିଦ୍ୟାଳୟ, ଅମ୍ବିକା ପ୍ରାଥମିକ ବିଦ୍ୟାଳୟ, ଅମ୍ବିକା ମଧ ଇଂରାଜୀ ବିଦ୍ୟାଳୟ,ଅମ୍ବିକା ଉଚ୍ଚ ବିଦ୍ୟାଳୟ, ରଙ୍ଗାପାଟ ମହାବିଦ୍ୟାଳୟ,ପଣ୍ଡାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସିଦ୍ଧେଶ୍ୱର ଶିବ ମନ୍ଦିର ଓ ମା ଦକ୍ଷିଣ କାଳୀ ମନ୍ଦିର ଅଛି।ଅଙ୍ଗନବାଡି କେନ୍ଦ୍ର,ଶିଶୁମନ୍ଦିର କଡରେ ଥିବା ସିସି ରୋଡ ଦେଇ କମ୍ପାନୀର ବଡ ବଡ ହାଇୱା ଗାଡିରେ ପଥର ଚାଲାଣ କରୁଛି।ଫଳରେ ଗାଡିରୁ ନିର୍ଗତ ଧୂଆଁ ଓ ରାସ୍ତା ର ଧୂଳି ଉଡୁଛିଯେ କୁନି କୁନି ପିଲାମାନଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉପୁଜିବାର ଆଶଙ୍କା ରହୁଛି।ନିର୍ଦ୍ଧାରିତ ପଥର ଖଣିରେ ଖୁଣ୍ଟ ପୋତାଯାଇଥିଲେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇ ନାହିଁ।ସାଧାରଣ ଲୋକଙ୍କୁ ସରକାରୀ ନିର୍ଦ୍ଦେଶ ଓ ସର୍ତ୍ତ ଗୁଡିକୁ ଲୋକାୟତ ରଖି ଖୁଲମ ଖୁଲା ପଥର ଚୋରି କରାଯାଉଛି।ଏ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାରେ ବଡ ବଡ ହାଇୱା ଗାଡି ଚାଲିବା ଦ୍ୱାରା ରାସ୍ତା ନଷ୍ଟ ହେବାକୁ ବସିଛି।ଗାଡିର କ୍ଷମତା ଠାରୁ ଢେର ଅଧିକ ପରିମାଣରେ ପଥର ବୋଝେଇ କରି ପଥର ଚାଲାଣ କରାଯାଉଛି।ଗାଡିରେ କୌଣସି ପାଲ ଟଣା ଯାଉନାହିଁ ଫଳରେ ରାସ୍ତା ସାରା ଗାଡିରୁ ପଥର ଖସି ରାସ୍ତା ରେ ପଡୁଛି।ତେଣୁ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି।ତୁରନ୍ତ ପଥରଖଣି ବନ୍ଦ କରାଯିବାକୁ ଅଜିତ ପ୍ରସାଦ,ଦିପ୍ତିପ୍ରକାଶ ସାହୁ,ବିକାଶ କୁମାର ବେହେରା,ଅରୁଣ କୁମାର ରୁନୁ,ଦୀପକ ସାହୁ ସମେତ ଗ୍ରାମବାସୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ନାଟକ 'ଆପଣାର ମଣିଷ' ମଞ୍ଚସ୍ଥ

**ଆନନ୍ଦପୁର,୮ ।୧(ସମିସ):** କାଦମ୍ବିନୀ ପତ୍ରିକାର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନାଟକ ଆପଣାର ମଣିଷ ବେଶ ମନଛୁଆଁ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ସମସ୍ତ କଳାକାରମାନଙ୍କୁ ମାନପତ୍ର ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ଆନନ୍ଦପୁରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳାନିକେତନର ଦେବାଙ୍ଗୀ ସେନାପତି, ମୋନିକା ଦାଶ, ପ୍ରିୟଙ୍କା ସାହୁ, ସାଇସ୍ମୃତି ସାହୁ, ଦିବ୍ୟାରାଣୀ ଦେବହୂତି ପଟ୍ଟନାୟକ, ଶୁଭଶ୍ରୀ ଦାସ, ସ୍ୱର୍ଣ୍ଣଲତା ନାୟକ, ପରିଣତି ଚକ୍ର, ସାଇ ସମ୍ପର୍ଣ୍ଣା, ପାପୁନି ପଟ୍ଟନାୟକ ପ୍ରମୁଖ କଳାକାରମାନେ ଏହି ନାଟକରେ ନିଖୁଣ ଅଭିନୟ କରିଥିବାରୁ କାଦମ୍ବିନୀ ପତ୍ରିକାର ସଂପାଦିକା ଇତି ସାମନ୍ତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ଆର୍‌ସିବି କ୍ରିକେଟ କ୍ଲବ୍‌ର ଉଦ୍‌ଯାପନୀ ମଛାଳ ଏକାଦଶକୁ ହରାଇ ବିବିସି କ୍ଲବ୍ ଚାମ୍ପିଅନ

**ବେଲବାହାଳି, ୮ ।୧ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଜଳସୁଆଁ ବଡ଼ପଡ଼ିଆ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଆର୍‌ସିବି କ୍ରିକେଟ କ୍ଲବ୍‌ର ୧୪ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଦିନ ଉଦ୍‌ଯାପିତ ହୋଇଛି। ଏହି ଉଦଯାପିତ ଦିବସରେ ଭାଗବତ କ୍ରିକେଟ କ୍ଲବ୍ କୋଳିପାଳ ସହିତ ମଛାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭାଗବତ କ୍ରିକେଟ କ୍ଲବ୍ ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ୧୨ଓଭର ଖେଳ ବିଶିଷ୍ଟ ମ୍ୟାଚ୍ ରେ ମଛାଳ ଏକାଦଶ ୧୦ ଓଭର ୨ଟି ବଲ୍ ରେ ସମସ୍ତ ୱିକେଟ୍ ହରାଇ ୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାଗବତ କ୍ରିକେଟ କ୍ଲବ୍ ୭ ଓଭର ୪ଟି ବଲରେ ୩ ଗୋଟି ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଏହି ଉଦଯାପନୀ ଦିବସର ପୁରସ୍କାର ବିତରଣରେ ମୁଖ୍ୟ ଅତିଥି ଭାବେ ଜଳସୁଆଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ମାଝୀ, ସଞ୍ଜୟ ଜେନା ଯୋଗ ଦେଇ ଅତିଥି ମାନଙ୍କ ଦ୍ୱାରା ବିଜୟ ଓ ପରାଜିତ ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା ଆଦିତ୍ୟ କୁମାର ସାହୁ, ମନୋଜ ଜେନା କରିଥିବା ବେଳେ ଧାରାବିବରଣୀ ସୁନନ୍ଦ ଜେନା ଦେଇଥିଲେ। ଆରସିବି କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେ।



## ଜବରଦଖଲ ହଟାଇବା ଦାବିରେ ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ହାଟଡିହୀ,୮ ।୧(ସମିସ):** ଗାଁ ରାସ୍ତାରୁ ଜବର ଦଖଲ ହଟାଇବା ଦାବିରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଭାତକରୁଆ ଗ୍ରାମବାସୀ। ଆଜି ଶତାଧିକ ଗ୍ରାମବାସୀ ଏନେଇ ନନ୍ଦିପଦା ଥାନାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିବା ବେଳେ ହାଟଡିହୀ ତହସିଲଦାର, ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁଯାୟୀ ଭାତକରୁଆ ଗ୍ରାମଠାରୁ ଅକରୁଆ ଗ୍ରାମର ସୀମା ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କରଯାଇଛି। ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଭାତକରୁଆ ଗ୍ରାମବାସୀ ମାନେ ସ୍ୱଳ୍ପ ସମୟରେ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ଆସିବା କରିବା ସହିତ ଅନେକ ଚାଷୀ ସେମାନଙ୍କ ଚାଷ ଜମିକୁ ସ୍ୱଚ୍ଛନ୍ଦରେ ଯାତାୟତ କରିପାରିବେ। ଏଥିପାଇଁ ଗାଁର ଅନେକ ଲୋକ ସେମାନଙ୍କ ଦଖଲରେ ଥିବା ସରକାରୀ ଜମି ଛାଡି ଦେଇଥିବା ବେଳେ ପୂର୍ବତନ ସରପଞ୍ଚଙ୍କ ପରିବାର ଲୋକେ ମଧ ତାଙ୍କ ଜବରଦଖଲ ଜମି ଛାଡି ଦେଇଥିଲେ। ରାସ୍ତା ନିର୍ମାଣ ପରେ ଏବେ କିନ୍ତୁ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ଜିଲ୍ଲା ପରିଷଦ ସଦସ୍ୟାଙ୍କ ପରିବାର ଲୋକେ ସେହି ରାସ୍ତା ଉପରେ ବାଡ ବୁଜି ଦେବାରୁ ଗ୍ରାମବାସୀମାନେ ଯିବା ଆସିବା କରିପାରୁ ନାହାନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ୱାର୍ଡ ସଭ୍ୟା ମାଧବୀ ଜେନା, ସୁଭଦ୍ରା ସ୍ୱାଇଁ, ନରୋତ୍ତମ ଜେନା, ନିରାକାର ଜେନା, ମଣିଭଦ୍ର ଜେନା, ପଦ୍ମନାଭ ଜେନା, ସନ୍ତୋଷ ସେଠୀ, ଟୁକୁ ସେଠୀ, ଅର୍ଜୁନ ସେଠୀ, ନକୁଳ ସେଠୀ, ସଞ୍ଜୟ ସ୍ୱାଇଁ, ନାରାୟଣ ସ୍ୱାଇଁ, ଚତୁର୍ଭୁଜ ଜେନା, ନୀଳମଣି ସେଠୀ, ଘନଶ୍ୟାମ ସେଠୀ, ଶରତ ସେଠୀ, ବୀରଭଦ୍ର ସେଠୀ, ମାୟାଧର ରାଉତ, ବାବୁ ରାଉତ, ତାପସ ସ୍ୱାଇଁ, ବୃନ୍ଦାବନ ଜେନା, ଉତ୍ତମ ଜେନାଙ୍କ ସମେତ ଶତାଧିକ ଗ୍ରାମବାସୀ ଏନେଇ ଏକ ଦାବିପତ୍ର ନନ୍ଦିପଦା ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ରାସ୍ତାରେ ବୁଜା ଯାଇଥିବା ବାଡକୁ ହଟାଇ ରାସ୍ତା ପରିଷ୍କାର କରିବାକୁ ଦାବି କରିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ସାଂସଦ, ବିଧାୟକ ପ୍ରମୁଖଙ୍କୁ ଅବଗତ କରାଇ ନ୍ୟାୟ ପାଇବା ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ କୌଶଲ୍ୟା ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏହା ଆମ ପଟ୍ଟାଭୁକ୍ତ ଜମି, ଆମ ପରିବାରରେ ଅନେକ ସଦସ୍ୟ ଅଛନ୍ତି। ଯଦି ସେମାନେ ଜବରଦଖଲ କରିଛନ୍ତି ବୋଲି ଗାଁ ଲୋକେ ଅଭିଯୋଗ ଆଣିଛନ୍ତି ତାହେଲେ ଆରଆଇ, ତହସିଲଦାର ଏବଂ ପୁଲିସ ଆସି ସେମାନଙ୍କ ଜାଗାର ସୀମା ନିର୍ଦ୍ଧାରଣ କରନ୍ତୁ । ଏହାପରେ ଜବରଦଖଲ ହୋଇଥିଲେ ସେସବୁ ଉଚ୍ଛେଦ ମଧ କରନ୍ତୁ ସେଥିରେ କାହାରି ଆପତ୍ତି ନାହିଁ ବୋଲି ସେ କହିଛନ୍ତି।

## ରାସ୍ତା ମଝିରେ ପାଇପ୍ ପାଣି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ସୋସୋ,୮ ।୧(ସମିସ)**



ସରକାର ଗାଁକୁ ଗାଁ ଘରକୁ ଘର ପାଣି ଯୋଗାଇ ଦେବା ପାଇଁ ମେଗା ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଉଛନ୍ତି। ଏଥିପାଇଁ ରାସ୍ତା ପାଶ୍ୱର୍ରେ ପାଇପ୍ ବିଛାଯାଇ ପାଣି ଯୋଗାଣ କରାଯାଉଛି। କିନ୍ତୁ ମୁଖ୍ୟରାସ୍ତା ଗୁଡିକର ପାଇପ୍ ବିଛାଇବା ସମୟରେ ରାସ୍ତାର ଓସାରକୁ ଅନୁଧ୍ୟାନ କରି ରାସ୍ତାର ୧ମିଟର ଦୂରତାରେ ପାଇପ୍‌କୁ ବିଛାଯାଇ ପାଣି ଯୋଗାଣ କରାଯାଇଥିଲେ ପାଇପ୍ ପାଣି ଲିକ୍ ହେଲେ ମରାମତି ଶୀଘ୍ର ହେବା ସହିତ ରାସ୍ତା ଗୁଡିକ ଶୀଘ୍ର ନଷ୍ଟ ହୋଇନଥାନ୍ତା। କିନ୍ତୁ ମେଗା ପ୍ରକଳ୍ପର ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନଥିବାରୁ ରାସ୍ତାର ପିଚୁ ଓ ତଳାଇ ପାଶ୍ୱର୍ରେ ପାଇପ୍ ବିଛାଇ କାର୍ଯ୍ୟ କରାଯାଇଥିଲା। କିନ୍ତୁ ଯେଉଁ ରାସ୍ତା ଉନ୍ନତି କରଣ ହୋଇ ଓସାର ରାସ୍ତା କରାଯାଇଥିଲା ସେହି ରାସ୍ତା ମଝିରେ ଏବେ ଜଳ ଯୋଗାଣ ପାଇପ୍ ରହିଛି। ଯାହାକୁ ନେଇ ସେହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଯାହା ଦେଖିବାକୁ ମିଳିଛି ହାଟଡିହି ବ୍ଲକର ସୋସୋ ଠାରୁ ଢେଙ୍କା ରାସ୍ତା ମଧ୍ୟରେ। ଏହି ରାସ୍ତାର ୨ଦୁଇ ବର୍ଷ ତଳେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପାଣି ପାଇପ୍ ମଧ ବିଛାଯାଉଥିଲା। ଏହି ସମୟରେ ମେଗା ପ୍ରକଳ୍ପର ଅଧିକାରୀ ଓ ଜିଲ୍ଲା। ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇନଥିଲା। ଏବେ ସେହି ରାସ୍ତା ସମ୍ପୂର୍ଣ୍ଣ ହୋଇଯିବା ପରେ ପିଚୁ ରାସ୍ତା ମଝିରେ ପାଇପ୍ ରହିଯାଇଛି। ବହୁ ସମୟରେ ସେହି ପାଇପ୍ ରୁ ପାଣି ଲିକ୍ ହୋଇ ରାସ୍ତା ପାଶ୍ୱର୍ ଓ ପିଚୁ ରାସ୍ତା ମଝିରେ ବାହାରୁ ଥିବାରୁ ଏବେ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତାର ସ୍ଥାୟିତ୍ୱ ନେଇ ଏବେ ପ୍ରଶ୍ନ ଉଠୁଛି। ସେହିପରି ବିଦ୍ୟାଧରପୁରଠାରୁ କାନପୁର ରାସ୍ତା ଆରମ୍ଭ ହୋଇଥିବାବେଳେ ପାଣି ପାଇପ୍ ବାଧା ସୃଷ୍ଟି କରିବା ସହିତ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଏଥିପାଇଁ ଦାୟୀ କିଏ ବୋଲି କୁହାଯାଉଛି। ସରକାରୀ ଅନୁଦାନକୁ ବିଭାଗ ଅଧିକାରୀମାନେ ଠିକ୍ ଭାବରେ ଉପଯୋଗ କରୁନଥିବାରୁ ସରକାରଙ୍କର ଅନୁଦାନ ପାଣିରେ ପଡୁଥିବା କୁହାଯାଇଛି। ଏଥିପ୍ରତି ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହାକୁ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉତ୍ସବ ଜେନାଙ୍କୁ ପଚାରିବାରୁ ପୂର୍ବରୁ ରାସ୍ତା ଅଣ ଓସାରିଆ ଥିଲା।ଏବେ ଓସାର ହୋଇଯିବା ପରେ ପାଣି ପାଇପ୍ ପିଚୁ ପାଶ୍ୱର୍ ରେ ରହିଯାଇଛି। ଯେଉଁଠି ପାଣି ଲିକ୍ ହୋଇଛି ତାହା ମରାମତି କରାଯାଉଛି। ସୋସୋ ଠାରୁ ଢେଙ୍କା ଓ ବିଦ୍ୟାଧରପୁର ଠାରୁ କାନପୁର ରାସ୍ତା ରେ ଲିକ୍ ହୋଇଥିବା ପାଣିକୁ ମରାମତି କରାଯାଉଥିବାବେଳେ ଯେଉଁ ସ୍ଥାନରେ ଲିକ୍ ହୋଇ ପାଣି ବହୁଛି ଖୁବ୍ ଶୀଘ୍ର ମରାମତି ହୋଇଯିବ ବୋଲି କହିଥିଲେ।

# ଘର ଭିତରୁ ବାଇକ୍ ଟେକିନେଲେ ଦୁର୍ବୃତ୍ତ



ଘସିପୁରା ଥାନାରେ ଏତଲା

**ବେଲବାହାଳି,୮ ।୧ (ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବେଲବାହାଳି ଗ୍ରାମରୁ ଏକ କଳାରଙ୍ଗର ମୋଟରସାଇକଲ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବେଲବାହାଳି ଗ୍ରାମର ବଦ୍ରିନାଥ ଓଝା ମଙ୍ଗଳବାର ରାତି ୯ ଘଟିକା ସମୟରେ ପ୍ରତିଦିନ ଭଳି ଘର ମଧ୍ୟରେ ମୋଟର ସାଇକଲ( ଓଡି ୩୩ ଟି ୦୭୨୭ )ଗାଡିଟି ଚାବି ପକାଇ ରଖିଥିଲେ। ପରିତାପର ବିଷୟ ପରଦିନ ସକାଳୁ ଉଠି ଦେଖିବା ବେଳକୁ ଗାଡିଟି ଉକ୍ତ ସ୍ଥାନରେ ନାହିଁ। ଆଖପାଖ ଅଞ୍ଚଳରେ ବହୁ ଖୋଜା ଖୋଜି କରିବା ପରେ ବୁଧବାର ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଏନେଇ ଘସିପୁରା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ବାଇଧର ହେଲେ ଦେଓଗାଁ ମଣ୍ଡଳ ସଭାପତି



**ଆନନ୍ଦପୁର,୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ପୂର୍ଣ୍ଣ ଦେଓଗାଁ ମଣ୍ଡଳର ବିଜେପି ସଭାପତି ଭାବେ ବାଇଧର ଚିନ୍ହାଙ୍କୁ ମନୋନୀତ କରାଯାଇଥିବା ଜଣାଯାଇଛି। ବିଜେପି ଜିଲ୍ଲା ଓ ରାଜ୍ୟ ଶୀର୍ଷ ନେତୃତ୍ୱ ଆସ୍ଥାପ୍ରକଟ କରି ଏପରି ଦାୟିତ୍ୱ ଅର୍ପଣ କରିଥିବାରୁ ବିଜେପି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।ଶ୍ରୀ ଚିନ୍ହା ପୂର୍ବରୁ ବ୍ଲକ ଯୁବମୋର୍ଚ୍ଚା ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା କମର୍ସସେଲର ସଂଯୋଜକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଜଣେ ସାମାଜିକ କର୍ମୀ ଓ ସକ୍ରିୟ ରାଜନୀତିରେ ଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶାଖାର ମୁଖ୍ୟ ଶିକ୍ଷକ ଓ କାନ୍ତ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିଜ ସ୍ତ୍ରୀଙ୍କୁ ଜିଲ୍ଲା ପରିଷଦ ସଦସ୍ୟା ଭାବେ ପ୍ରାର୍ଥୀ କରାଇ ନିର୍ବାଚନ ପରିଚାଳନା କରୁଥିଲେ। ଗତ ସାଧାରଣ ନିର୍ବାଚନରେ ସହ ସଂଯୋଜକ ଦାୟିତ୍ୱରେ ରହି ସମଗ୍ର ନିର୍ବାଚନ ମଣ୍ଡଳୀର ୩ଶହ ବୁଥରେ ଏଜେଣ୍ଟଙ୍କ ନିୟୋଜିତ କରି ଦଳୀୟ ଭୋଟ ହାର ଯଥେଷ୍ଟ ବଢାଇଥିବା ଜଣାଯାଇଛି।

# ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡ଼ିଲା ଗଛ ; ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ



**ତୁରୁମୁଙ୍ଗା,୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡେଣୁଆଁ ଗ୍ରାମର ଅକ୍ଷୟ ପାତ୍ରଙ୍କ ବାଡିରୁ ପଟାସ୍ ଗଛ କାଟିବା ସମୟ ରେ ଗାଁ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଉପରେ ଗଛ ପଡିଯିବାରୁ ଦୁଇଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା ସହ ଇନ୍ସୁଲେଟର ସହ ତାର ଛିଣ୍ଡି ଲକ୍ଷାଧିକ ଟଙ୍କାର ବିଦ୍ୟୁତ ସାମଗ୍ରୀ ଭାଙ୍ଗି ନଷ୍ଟ ହୋଇଛି। ଫଳରେ ପୁରା ଗାଁକୁ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଛି। ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଉମେଶ ଭୂୟାଁ ପହଁଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ଆଧାରରେ ଗଛ କାଟୁଥିବା ଏବଂ ଗଛ କଟାଉଥିବା ବ୍ୟକ୍ତିଙ୍କ ନାମରେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ କରୁଛି।

# ସାଇକଲରୁ ଖସିପଡ଼ି ମହିଳା ମୃତ

**ତୁରୁମୁଙ୍ଗା:୮ ।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଖମୁଆଁ ଗ୍ରାମର ଶମ୍ଭୁ ମୁଣ୍ଡା ଙ୍କ ପତ୍ନୀ ସୋମବାରୀ ମୁଣ୍ଡା(୩୫)ଙ୍କ ବୁଧବାର ଭୋରରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାରୀ ସ୍ୱାମୀଙ୍କ ସହ ଘରକୁ ସାଇକଲ ଯୋଗେ ଫେରୁଥିବା ସମୟରେ ସୋମବାର ସାଇକଲରୁ ଖସିପଡ଼ିଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ।ମଙ୍ଗଳବାର ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ପାଟଣା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋରରୁ ସୋମବାରୀଙ୍କ ମୃତ୍ୟୁ ଘଟିଛି। ପାଟଣା ଥାନା ଏଏସ୍ଆଇ ଗୌହରି ଗରଡିଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପାଟଣା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଲୋକଙ୍କ ପାଖରେ ପହଞ୍ଚିବାକୁ କଂଗ୍ରେସର ବିଚାରବିମର୍ଶ



**କେନ୍ଦୁଝର, ୮ ।୧(ସମିସ):** ବର୍ତ୍ତମାନ ରାଜ୍ୟ ରାଜନୀତିକୁ ଦେଖି କେନ୍ଦୁଝର କଂଗ୍ରେସ ମଧ୍ୟ ଖୁବ୍ ଉତ୍ସାହିତ ହୋଇଛି ।ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାରୁ ହୋଇଥିବାରୁ ଗୋଟିଏ ବିରୋଧୀ ଦଳ ଭାବେ କେନ୍ଦୁଝର କଂଗ୍ରେସର ଦାୟୀତ୍ୱ ବଢ଼ି ଯାଇଛି। ଏହାକୁ ନେଇ ଯୁବ ନେତା ଐତିହ୍ୟ ଦିବ୍ୟ ସିଂହଙ୍କ ସଂଯୋଜନାରେ ଜିଲ୍ଲାର କଂଗ୍ରେସ ଦଳର ନେତା ଜିଲ୍ଲା କଂଗ୍ରେସ ଭବନରେ ଏକାଠି ହୋଇ ବନ୍ଧୁ ମିଳନ କରିଥିଲେ। ଏହି ଅବସରରେ ପରସ୍ପର ଭିତରେ କଥାବାର୍ତ୍ତା ଭାବ ବିନିମୟ କରି ଖୁସି ହୋଇଥିଲେ। ଆଗାମୀ ଦିନରେ ଦଳ କିପରି ଲୋକଙ୍କ କେନ୍ଦୁଝର ସବୁ ବର୍ଗର ଲୋକଙ୍କ ପାଖେ ପହଞ୍ଚି ପାରିବେ ଆଲୋଚନା କରିଥିଲେ। ଏହି ବନ୍ଧୁ ମିଳନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା ପ୍ରତିଭା ମଞ୍ଜରୀ ନାୟକ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ମୋହନ ଚରଣ ପରିଡ଼ା, ନିର୍ମଳ ନାୟକ, ବସନ୍ତ ଦାସ, ଐତିହ୍ୟ ଦିବ୍ୟ ସିଂହ, ସୁଡ଼ଳ କୁମାର ସେଠୀ, ଉତ୍ତମ କୁମାର ସାହୁ, ଅଶୋକ ଠକ୍କର, ମନୋରଞ୍ଜନ ରାଉତ, ଆର୍ତ୍ତତ୍ରାଣ ଦାସ ପ୍ରମୁଖ ଅନେକ କଂଗ୍ରେସ ନେତା ଯୋଗ ଦେଇଥିଲେ।

## ଟ୍ରାଫିକ ସମସ୍ୟାରେ ହଇରାଣ ହେଉଛନ୍ତି ସହରବାସୀ

# ବଢୁଛି ଯାନବାହନ; ସଙ୍କୁଚିତ ହେଉଛି ରାସ୍ତା

**କେନ୍ଦୁଝର,୮।୧(ସମିସ):** କେନ୍ଦୁଝର ସହରରେ ଜନସଂଖ୍ୟା ଏବଂ ଗାଡ଼ି ମୋଟର ସଂଖ୍ୟା ହୁହୁ ହୋଇ ବଢି ଚାଲିଛି। ସେହି ତୁଳନାରେ ସହରର ରାସ୍ତା ଗୁଡ଼ିକୁ ଓସାରିଆ କରାଯାଇନାହିଁ। ଗାଡ଼ି ମୋଟର ବୃଦ୍ଧି ପାଇଥିଲେ ମଧ୍ୟ ପାର୍କିଂ ବ୍ୟବସ୍ଥା ଆଦୌ ନାହିଁ। କେବଳ ଏବେ କେତେକ ରାସ୍ତା କଡ଼ରେ ପେଭର ବ୍ଲକ ପକାଇ ପାର୍କିଂ ସ୍ଥାନ ବୃଦ୍ଧି କରାଯାଇଛି। ମାତ୍ର ସହରର ଜନସଂଖ୍ୟା ଏବଂ ଯାନବାହନ ଅନୁସାରେ ତାହା ଆଦୌ ଯଥେଷ୍ଟ ନୁହେଁ। ତେଣୁ ସହରରେ ରାସ୍ତାଘାଟର ଯେଉଁଠି ଦେଖିଲେ ଯିଏ ଯେଉଁଠି ପାରିଲା ଗାଡିମଟର ଥୋଇ ଚାଲିଯାଉଛି। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ରହୁଥିଲେ ମଧ୍ୟ ପୁଲିସ ପ୍ରଶାସନ କିମ୍ବା ପୌର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏଭଳି ପରିସ୍ଥିତିରେ ସହର ସାରା ରାସ୍ତାକଡ ଫୁଟପାଥରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟୀ ପସରା ମେଲି ଦେଉଛନ୍ତି। ଏହା ସହରର ଟ୍ରାଫିକ ସମସ୍ୟାକୁ ଆହୁରି ଜଟିଳ କରି ପକାଉଛି। ବିଶେଷ କରି ସହରର ପରିବା ବ୍ୟବସାୟୀ,ଫଳ ଦୋକାନୀ,ଜଳଖିଆ ଦୋକାନୀ ରାସ୍ତାକଡ ଅବରୋଧ କରି ବସୁ ଥିବାରୁ ଲୋକେ ଗାଡି ମଟର ରଖିବାକୁ ସ୍ଥାନ ପାଉନାହାନ୍ତି। ମାଧପୁର ଠାରୁ ମଣ୍ଡୁଆ,କଚେରୀ ଛକରୁ ଧରଣୀଧର ବିଶ୍ୱ ବିଦ୍ୟାଳୟ,ଗାନ୍ଧୀ ଛକରୁ ଜୁଡ଼ିଆ,ଗାନ୍ଧୀ ଛକରୁ ଧୋବାଡିହା,କଚେରୀ ଛକରୁ ତହସିଲ ଛକ ପ୍ରଭୃତି



ମୁଖ୍ୟ ରାସ୍ତାକଡ଼ ବ୍ୟବସାୟୀଙ୍କ ସମ୍ପୂର୍ଣ୍ଣ କବଜାରେ ରହିଛି। ଏପରିକି ଚର୍ଚ୍ଚ ଛକରୁ ମେଡ଼ିକାଲ ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଟ୍ରାଫିକ ସମସ୍ୟାରେ ପଡୁଛି। ବିଶେଷ କରି ଦୁଇଚକିଆ ଯାନ ସଂଖ୍ୟା ସହରରେ ଅନୁମାନଠାରୁ ଅଧିକା ବୃଦ୍ଧି ପାଇ ଚାଲିଛି। କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବଢୁଛି। ସହରର ଯେଉଁ ଆଡକୁ ଗଲେ ଲୋକେ ରାସ୍ତା ଉପରେ ଗାଡି ମୋଟର ରଖି ନିଜ ନିଜ କାମରେ ଘଣ୍ଟା ଘଣ୍ଟା ରହୁଥିବାବେଳେ ରାସ୍ତାରେ ଗାଡିମୋଟର ଚଳାଚଳ କରିବା କଷ୍ଟକର ହେଉଛି। ଏହି କ୍ରମରେ ସହରର ଗୁଳୁରି ମାର୍କେଟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତ୍ୟହ ଟ୍ରାଫିକ ସମସ୍ୟା ଚିନ୍ତାଜନକ ରହିଛି। ବଜାର ଓ ମେଡିକାଲର ପ୍ରବେଶ ପଥରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ପସରା ମେଲାଇ ବସୁଥିବାରୁ ସେଠାରେ ଟ୍ରାଫିକ ସମସ୍ୟା ଅଧିକା ରହୁଛି। ବଜାରକୁ ଆସୁଥିବା ଗ୍ରାହକମାନେ ନିଜ ନିଜର ବାହନ ଗୁଡିକ ପ୍ରବେଶ ପଥ ସମ୍ମୁଖରେ ବିନା ଦ୍ୱିଧାରେ ଥୋଇ ଦେଇ ଯାଉଛନ୍ତି। ତେଣୁ ଏହି ରାସ୍ତାରେ ଗାଡିମୋଟର ଚଳପ୍ରଚଳ କରିବାରେ ଅନେକ ସମୟ ନଷ୍ଟ ହେଉଛି। ପୁଲିସ ଏବଂ ପୌରପାଳିକା କର୍ତ୍ତୃପକ୍ଷ ସବୁ ଦେଖୁଥିଲେ ମଧ କହିବାକୁ କେହି ନାହିଁ। ସହରରେ ସିସିଟିଭି ଲାଗିଛି। କିନ୍ତୁ କେବଳ ହେଲମେଟ ଚେକ ପାଇଁ ଏହା ଉଦ୍ଦିଷ୍ଟ ବୋଲି ସହରବାସୀ କହୁଛନ୍ତି। ହେଲମେଟ ପିନ୍ଧି ନଥିଲେ ଯେପରି ଫାଇନ ଆଦାୟ ହେଉଛି ରାସ୍ତା ଉପରେ ଗାଡିମୋଟର ଛାଡି ଘଣ୍ଟାଘଣ୍ଟା ଚାଲି ଯାଉଥିବା ଲୋକ ଏବଂ ବ୍ୟବସାୟୀଙ୍କ ଗାଡିଗୁଡିକୁ କାହିଁକି ଜୋରିମାନା କରାଯାଉନାହିଁ ତାହା ବୁଝା ପଡୁ ନାହିଁ। ସହର ମଧ୍ୟରେ ପାର୍କିଂ ଫି ଆଦାୟ କରି ଗାଡି ଗୁଡିକୁ ବ୍ୟବସ୍ଥିତ ଢଙ୍ଗରେ ରାସ୍ତା କଡରେ ପାର୍କିଂ ବ୍ୟବସ୍ଥା କିମ୍ବା ବେଆଇନ ଭାବେ ରାସ୍ତା ଉପରେ ରଖୁଥିବା ଗାଡିମୋଟର ଉପରେ ଜୋରିମାନା ଆଦାୟ ହୋଇ ପାରିଲେ ସହରର ଟ୍ରାଫିକ ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇ ପାରନ୍ତା ବୋଲି ସାଧାରଣରେ ମତପୋଷଣ ହେଉଛି। ଅନ୍ୟପଟରେ ବହୁ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନର ସମ୍ମୁଖ ପାର୍କିଂ ସ୍ଥାନକୁ ପୂର୍ତ୍ତ ବିଭାଗର ଡ୍ରେନ ନିର୍ମାଣ ସମୟରେ ଛଡାଯାଇଥିବାବେଳେ ଘରମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଯାଇଛି ବୋଲି ଅଭିଯୋଗ ହେଉଛି। ଅନେକ ବ୍ୟବସାୟିକ ବ୍ୟାଙ୍କର କର୍ମଚାରୀମାନେ ଦିନତମାମ ସେମାନଙ୍କ ଗାଡିଗୁଡିକୁ ରାସ୍ତା ଉପରେ ରଖୁଥିବାବେଳେ ଏହି ରାସ୍ତା ଅବରୋଧକାରୀଙ୍କ ପାଇଁ କୌଣସି ଠୋସ ପଦକ୍ଷେପ ନିଆ ଯାଉନାହିଁ। ପ୍ରଶାସନ ଏ ଦିଗରେ ପଦକ୍ଷପ ନେବାକୁ ଦାବି ହେଉଛି।

## ବାକି ଟଙ୍କା ପାଇଁ ପରିଶୋଧ କରିବାକୁ ନେଇ ଶିକ୍ଷକଙ୍କ ହାଇଡ୍ରାମା

# ପୁଲିସ ହସ୍ତକ୍ଷେପ ପରେ ଘଟଣାରୁ ପରଦା ହଟିଲା



**ରାମଚନ୍ଦ୍ରପୁର,୮ ।୧(ସମିସ):** ବିଦ୍ୟାଳୟକୁ ସଉଦା ନେବା ବାହାନାରେ ଗ୍ରୋସରୀ ଦୋକାନରୁ ୮୨ ହଜାର ଟଙ୍କାର ସଉଦା ବାକି କରିବା ପରେ ବାକି ଟଙ୍କା ସୁଝିବାକୁ ଦୋକାନୀ ଙ୍କ ତାଗିଦା ପରେ ଶିକ୍ଷକ ରଚିଛନ୍ତି ହାଇଡ୍ରାମା। ଦୋକାନୀ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଶିକ୍ଷକଙ୍କୁ ଅପହରଣ କରି ଅତ୍ୟାଚାର କରୁଥିବାର ଭିଡିଓ ଶିକ୍ଷକ ନିଜ ସୋସିଆଲ ମିଡ଼ିଆ ରେ ଭାଇରାଲ କରିବା ପରେ ପୁଲିସ ତାଙ୍କୁ ନେଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଭୟ ରେ ଏଭଳି ଭିଡିଓ କରିଥିବା ବିଷୟ ସମ୍ପୃକ୍ତ ଶିକ୍ଷକ ସ୍ୱିକାର କରିଛନ୍ତି । ସୂଚନା ମୁତାବକ ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ବାନରସେନା ନୋଡାଲ ୟୁପି ସ୍କୁଲ ସ୍କୁଲର ଶିକ୍ଷକ ମଙ୍ଗେଶ ବେହେରା ସ୍ଥାନୀୟ ବଡପଦନା ବଜାର କାଳନ୍ଦୀ ସାହୁ ଙ୍କ ଗ୍ରୋସରୀ ଦୋକାନରୁ ବିଦ୍ୟାଳୟକୁ ଗ୍ରୋସରୀ ନେବାକୁ କହି ୫ ମାସ ତଳେ ବାକିରେ ପାଖାପାଖି ୮୨ ହଜାର ଟଙ୍କାର ସଉଦା ନେଇଯାଇଥିଲେ। ତେବେ ଗ୍ରୋସରୀ ଦୋକାନୀ ଶିକ୍ଷକଙ୍କୁ ବିଶ୍ୱାସ କରି ବାକିରେ ସଉଦା ଦେଇଥିଲେ ହେଁ ମଙ୍ଗେଶ ୫ମାସ ପର୍ଯ୍ୟନ୍ତ ବାକି ଟଙ୍କା ସୁଝି ନଥିଲେ। ଦୋକାନୀ ଜଣକ ବାରମ୍ବାର ମାଗିବା ନିରାଶ ହୋଇଥିଲେ। ୩ ଦିନ ତଳେ ମଙ୍ଗେଶଙ୍କୁ ପଦନା ବଜାରରେ ପାଇ ଦୋକାନୀ ଜଣକ ଟଙ୍କା ମାଗିବା ସହିତ ଟଙ୍କା ନଦେଲେ ଦୋକାନରେ ବସି ରହିବାକୁ କହିଥିଲେ। ଏହାପରେ ସମ୍ପୃକ୍ତ ଶିକ୍ଷକଙ୍କ ପତ୍ନୀ ୨୪ ହଜାର ଟଙ୍କା ଆଣି ଦୋକାନୀକୁ ପରିଶୋଧ କରିଥିଲେ। ଦୋକାନୀ ଜଣକ ସମ୍ପୂର୍ଣ୍ଣ ଟଙ୍କା ଦେବାକୁ ତାଗିଦା କରିବାରୁ ଶିକ୍ଷକ ଜଣକ ଦୋକାନୀ ଓ ତାଙ୍କ ସହଯୋଗୀ ଙ୍କ ନାଁ ରେ ମିଛ ଭିଡିଓ କରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ, ଖବର ପାଇ ରାମଚନ୍ଦ୍ରପୁର ପୋଲିସ ବଡପଦନା ବଜାରସ୍ଥିତ କାଳନ୍ଦି ସାହୁଙ୍କ ଦୋକାନ ସମ୍ମୁଖରୁ ମଙ୍ଗେସଙ୍କୁ ଉଦ୍ଧାର କରି ଥାନାକୁ ନେଇ ଘଟଣା ସମ୍ପର୍କରେ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଘଟଣା ସମ୍ପର୍କରେ ପଚାରା ଉଚାରା କରିବା ପରେ ଶିକ୍ଷକ ଜଣକ ଭୟରେ ନିଜେ ଏପରି ମିଛ ଭିଡିଓ କରିଥିବା ପୁଲିସ ଆଗରେ ପ୍ରକାଶ କରିଥିଲେ। ଘଟଣାକୁ ନେଇ ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ଡାକି ଘଟଣା ସମ୍ପର୍କରେ ଅଧିକ ତଦନ୍ତ କରି ଘଟଣାର ଆପୋଷ ସମାଧାନ କରିଥିବା ଜଣାପଡିଛି। ତେବେ ଭିଡିଓ ଭାଇରାଲ୍ କରିଥିବା ଶିକ୍ଷକ ମଙ୍ଗେଶ ବେହେରାଙ୍କ ନାଁ ରେ ପୂର୍ବରୁ ରାମଚନ୍ଦ୍ରପୁର ଥାନାରେ ଅନେକ ମାମଲା ଥିବା ଜଣାପଡିଛି। ଆଜିର ଭାଇରାଲ ଭିଡିଓ ଏକ ହାଇଡ୍ରାମା ବୋଲି ଚାରିଆଡେ ଚର୍ଚ୍ଚା ହେଉଛି।

# ମା 'ତାରିଣୀ କ୍ରିକେଟ: ଲାହା ଏକାଦଶ ଚାମ୍ପିଅନ



**ବାଲିବନ୍ଧ, ୮ ।୧(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମପଞ୍ଚାୟତ ଖୁଣ୍ଟାପଡା ଗ୍ରାମର ମା'ତାରିଣୀ ଯୁବକ ସଂଘ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ଆଶୁତୋଷ ପ୍ରଧାନ, ସମ୍ପାଦକ ଲିଟୁନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅନୁବ୍ରତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରସିକଲାଲ ନାଏକ, ୧୭ନମ୍ବର ଜୋନର ମଣ୍ଡଳ ସଭାପତି ଉମାକାନ୍ତ ମହାନ୍ତ, ପାଟଣା ବିଧାୟକ ପ୍ରତିନିଧି (ମନରେଗା) ମାଟୁରାମ ମୁଣ୍ଡା, ଖୁଣ୍ଟାପଡା ପୂର୍ବତନ ସରପଞ୍ଚ ଅନିତା ମାର୍ଣ୍ଡି,ଅର୍ଶଳା ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରସନ୍ନ ନାଏକ, ସାଂସଦ ପ୍ରତିନିଧି (ମେଡିକାଲ ) ଶାନ୍ତନୁ ସେଠୀ, ଝୁମ୍ପୁରା ବ୍ଲକ ଯୁବମୋର୍ଚ୍ଚା ସଭାପତି କୁନ୍ଦନ କାରୁଆ,ସାଂସଦ ପ୍ରତିନିଧି (ଶିକ୍ଷା ) ବିଜୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଫାଇନାଲ ମ୍ୟାଚରେ ଲାହା ଏକାଦଶ ଖୁଣ୍ଟାପଡା ସହିତ ଓମ ସାଇ ଏକାଦଶ କାଳିକାପ୍ରସାଦ ମଧ୍ୟରେ କଡାମୁକାବିଲା ହୋଇଥିଲା। ତେବେ ନିର୍ଦ୍ଧାରିତ ଓଭରରେ ଓମ ସାଇ ଏକାଦଶ ୮ଉଇକେଟ ହରାଇ ୧୧୬ରନ ସଂଗ୍ରହ କରିଥିବା ବେଳେ ଲାହା ଏକାଦଶ ୧୧ଓଭର ୧ବଲରେ ୧୧୮ରନ ସଂଗ୍ରହ କରି ଚମ୍ପିଆନ ହୋଇଥିଲା । ଲାହା ଏକାଦଶ ଚମ୍ପିୟାନ ଦଳକୁ ୧୬ହଜାର ଟଙ୍କା ସହ ଟ୍ରଫି ଏବଂ ଓମ ସାଇ ଏକାଦଶ ରନର୍ସ ଟିମକୁ ୧୩ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲ। ଝୁମ୍ପୁରା ର ମହମ୍ମଦ ଜାଫୁରୁଲ୍ଲା। କ୍ରିକେଟ ଖେଳକୁ ଶାନ୍ତି ଶୃଙ୍ଖଳା ଭାବେ ପରିଚାଳନା କରିବା ନିମନ୍ତେ ଅମ୍ପାୟାର ଭାବେ ଆଶୁତୋଷ ପ୍ରଧାନ ଏବଂ ମନୋଜ ପ୍ରଧାନ ନିୟୋଜିତ ରହିଥିଲେ। କମିଟିର ବରିଷ୍ଠ ସଦସ୍ୟ ତନ୍ମୟ କୁମାର ଗିରି, ସବ୍ୟସାଚୀ ଗିରି, ତୁଷାର କୁମାର ଗିରି, ବିଜୟାନନ୍ଦ ପ୍ରଧାନ, କାରଗିଲ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଗିରି, ଯଯାତି ବେହେରା, ବିଶ୍ୱଜିତ ନାଏକ, ଲୋହିତ ପ୍ରଧାନ, ରଞ୍ଜନ କୁମାର ମହାକୁଡ଼, ଭୋଳାନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଆନନ୍ଦପୁର ଲେଖକ ସମବାୟ ସମିତିର ସାମ୍ବତ୍ସରିକ ଉତ୍ସବ

**ଆନନ୍ଦପୁର,୮ ।୧(ସମିସ):**ଆନନ୍ଦପୁର ଲେଖକ ସମବାୟ ସମିତିର ସାମ୍ବତ୍ସରିକ ଉତ୍ସବ ସ୍ଥାନୀୟ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୧୦ ଘଟିକା ସମୟରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବଦ୍ରି ନାରାୟଣ ପାତ୍ର ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ସାହିତ୍ୟିକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପ୍ରଫେସର ଦିଲ୍ଲୀପ କୁମାର ଦାସ ଓ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ବିଶେଷ ଅତିଥି ଭାବେ ଯୋଗ ଦେଇ କବିକୂଳକୁ ସାହିତ୍ୟ ଓ ସାହିତ୍ୟିକ ମାନଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ନିରଞ୍ଜନ ପତି ଓ ପ୍ରଫୁଲ ଚକ୍ରଙ୍କ ସଂଯୋଜନାରେ ଶତାଧିକ କବି ଓ କବୟତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଆନନ୍ଦପୁର ଉପଜିଲ୍ଲାପାଳ ତଥା ସମିତିର ସଭାପତି ଫାଲଗୁନୀ ମାଝୀଙ୍କ ପୌରହିତରେ ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ , ଓଡିଆ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଯୋଗ ଦେଇ ଉପସ୍ଥିତ ସାହିତ୍ୟିକମାନଙ୍କୁ ସମ୍ବୋଧିତ କରିଥିଲେ। ଚଳିତ ବର୍ଷ କବି ଡ. ସମ୍ଭୁନାଥ ରାଉତଙ୍କୁ 'ଲେଖକ ସମ୍ମାନ', ଡ. ଲଲାଟେନ୍ଦୁ ସାହୁଙ୍କୁ 'ଗଳ୍ପ ସମ୍ମାନ', ଶୁଭଶ୍ରୀ ମହାରଣାଙ୍କୁ 'କବିତା ସମ୍ମାନ' ଓ ପୁଷ୍ପମଞ୍ଜରୀ କରଙ୍କୁ ସମିତି ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କବି ଚତୁର୍ଭୂଜ ଜେନାଙ୍କ ପୁସ୍ତକ 'ଭିଜା ମାଟି ବାସ୍ନା', ଜନାର୍ଦ୍ଦନ ସେଠୀଙ୍କ ପୁସ୍ତକ 'ଧନରେ ମୋର ବଚନ ମାନ' , କବି ଚିନ୍ତାମଣି ମିଶ୍ରଙ୍କ 'ରେଜା' ଓ ଚତୁର୍ଭୂଜ ପହିଙ୍କ 'କେହି ନ ପାରିବେ ରୋଧି' ପୁସ୍ତକ ସମେତ ସମିତିର ମୁଖପତ୍ର 'ଅବର୍ଣ୍ଣା'ଉନ୍ମୋଚିତ ହୋଇଥିଲା। ସମିତିର ସଂପାଦକ ରତ୍ନାକର ଦାସ ବିବରଣୀ ପାଠ କରିଥିବା ବେଳେ ସମିତି ସଦସ୍ୟ ଡ.ଅଶୋକ ପୁହାଣ,ରମାକାନ୍ତ ନାୟକ,କୀର୍ତ୍ତନ ସାହୁ, ଅନିଲ ସାହୁ, ମଞ୍ଚ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ସମାରୋହ

**କେନ୍ଦୁଝର,୮ ।୧(ସମିସ):** ଡି.ଏନ. ହାଇସ୍କୁଲ ପରିସରରେ ୧୮ତମ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ସମାରୋହ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲାର ୧୩ ଟି ବ୍ଲକରୁ ପ୍ରତିଯୋଗୀ ଓ ସେମାନଙ୍କର ମାର୍ଗଦର୍ଶକଙ୍କୁ ମିଶାଇ ୧୧୧ ଜଣ ଉପସ୍ଥିତ ଥିଲେ । ଟ୍ରାଇବାଲ କୋର୍ଡିନେଟର ଦୁର୍ଗା ପ୍ରସାଦ ଲାଏକ ସ୍ୱାଗତ ଭାଷଣ ଦେଇଥିଲାବେଳେ, ସମ୍ମାନୀତ ଅତିଥି ଭାବେ ତେଲକୋଇ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମାହାନ୍ତ ଏହି ଦିବସର ତାତ୍ପର୍ଯ୍ୟ ଓ ଛାତ୍ରଛାତ୍ରୀଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ବାଂଶପାଳ ବ୍ଲକର ଶିକ୍ଷା ଅଧିକାରୀ ତୃପ୍ତିମୟୀ



ପାତ୍ର ପ୍ରବାସୀ ଭାରତୀୟ ବିଦେଶରେ ରହି ଭାରତର ଗୌରବ ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଥିବାର ସୂଚନା ପ୍ରଦାନ କରିଥିଲେ । ସମ୍ମାନନୀୟ ଅନ୍ୟତମ ଅତିଥି କଲ୍ୟାଣୀ ମାଝୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ ଓ ପ୍ରବାସୀ ଭାରତୀୟମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ଉଦଯାପନୀ ସମାରୋହରେ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।ଡିଏନ. ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘୋଷିକା ସମୟଶ୍ରୀ ଚାଟାର୍ଜୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଡିଏନ. ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ଶୋଚନୀୟ ହୋଇପଡ଼ିଛି ଖପରାଖାଇ, ପଞ୍ଚୁପଲ୍ଲୀ ରାସ୍ତା

**ଆନନ୍ଦପୁର,୮ ।୧(ସମିସ)**

ବୈତରଣୀ ଜଳସେନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ଖପରାଖାଇ,ପଞ୍ଚୁପଲ୍ଲୀ ନଦୀ ସୁରକ୍ଷା ବନ୍ଧ ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ରାସ୍ତାର ଦୁଇ

## ରାସ୍ତା ମଝିରେ ଫାଟ ଓ ଡ୍ରେନ୍ ସମସ୍ୟା

ପାଶ୍ୱର୍ରେ ଡ୍ରେନ ବ୍ୟବସ୍ଥା ନଥିବାରୁ ବର୍ଷା ଦିନରେ ସାଧାରଣ ଲୋକଙ୍କ ଘରେ ପାଣି ପଶୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଖପରାଖାଇ, ଜଅଁରା, ସୁଡୁସୁଡିଆ, ଅଞ୍ଚଳବାସୀ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନାହିଁ। ପ୍ରତିବାଦରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅର୍ଜୁନ କୁମାର ମହାନ୍ତି,ଡା. ଈ. ପ୍ରସାଦ,ଶାନ୍ତିଲତା ନାୟକ, ସର୍ବେଶ୍ୱର ନାୟକ, ଦେବେନ୍ଦ୍ର ଜେନା, ସୁନିଲ ମହାନ୍ତି,ମାୟାଧର ମହାପାତ୍ର, ରବି ପଟ୍ଟନାୟକ, ନିର୍ମଳ ରାଉତ, ଲକ୍ଷ୍ମୀନାରାୟଣ ରାଉତ, ଅମୂଲ୍ୟ କୁମାର ପଟ୍ଟନାୟକ ସମେତ ଶତାଧିକ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଖପରାଖାଇ ହନୁମାନ ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଏହି କଂକ୍ରିଟ୍ ରାସ୍ତାର ମଝିରେ ଫାଟ ସୃଷ୍ଟି ହୋଇଥିବାରୁ ବାଇକ୍ ଓ ସାଇକଲ ଆରୋହୀଙ୍କ ଚକ ଏହି



ଫାଟରେ ପଶି ଯାଇ ରାସ୍ତା ଉପରେ ସାଇକଲ ଓ ବାଇକ ଆରୋହୀମାନେ ଖସିପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ଜଳସେଚନ ବିଭାଗ ଅଧିନରେ ଥିବା ଏହି ରାସ୍ତା ଗତ ୨୦୨୦ ମସିହାରେ ଶେଷ ଥର ପାଇଁ ନିର୍ମାଣ କରାଯାଇଥିଲା। ଏହି ରାସ୍ତାର ଖପରାଖାଇ ଠାରୁ ସୁଡୁସୁଡିଆ ପର୍ଯ୍ୟନ୍ତ ଥିବା କଂକ୍ରିଟ୍ ରୋଡର ମଝିରେ ଏପରି ଫାଟ ସୃଷ୍ଟି ହୋଇ ଧିରେ ଧିରେ ବଡ ଫାଟରେ ପରିଣତ ହେଲାଣି। ଏହି ରାସ୍ତା ସଦାସର୍ବଦା ବ୍ୟସ୍ତ ମୁଖର ହୋଇଥିବା ବେଳେ ବିଶେଷ କରି ସନ୍ଧ୍ୟା ପରେ ଏହି ଅନ୍ଧାରିଆ ରାସ୍ତାରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ହେଉଥିବା ଚିନ୍ତାର କାରଣ ହୋଇଛି। ଏଣୁ ଜଳସେଚନ ବିଭାଗ ପକ୍ଷରୁ ରାସ୍ତା ମଝିର ଏହି ଫାଟକୁ ମରାମତି କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବାଲିବନ୍ଧ ଲ୍ୟାମ୍ପ୍‌ରେ ଅବ୍ୟବସ୍ଥା: ଚାଷୀ ଅସନ୍ତୋଷ



**ନାରଦପୁର,୮ ।୧(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାଲିବନ୍ଧ ଲ୍ୟାମ୍ପରେ ଅବ୍ୟବସ୍ଥା ଯୋଗୁଁ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ଅଭିଯୋଗ ଅନୁଯାୟୀ, ଏହି ଲ୍ୟାମ୍ପଟି ଗତ ଶନିବାର ଦିନ ଶୁଭ ଉଦଘାଟନ କରା ଯାଇଥିଲା। ଆଜି କିଛି ଧାନ ରଖା ଯିବା ପରେ ବାକି ଗାଡ଼ି ଗୁଡ଼ିକୁ ଗୋଦାମରେ ଜାଗା ନାହିଁ କହି ବିଷ୍ଣୁପୁର ଠାରେ ଥିବା ବାସୁଦେବ ରାଇସ ମିଲକୁ ପଠେଇ ଦିଆ ଯାଉଥିବା ଚାଷୀମାନେ କହିଛନ୍ତି। ଏହା ଦ୍ୱାରା ଚାଷୀମାନେ ଦୂରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ରାଇସ ମିଲରେ ମନ ଇଚ୍ଛା ଭାବେ ଦରଦାମ ଦେଉଥିବା ବେଳେ କ୍ୟୁଣ୍ଟାଲ ପିଛା ୫ କିଲୋ କାଟଚରାଯାଉଥିବା ବେଳେ ପ୍ରତ୍ୟେକ ଚାରିଚକିଆ ଅଟୋରୁ ୧୦ରୁ ୧୨ ଓ ଟ୍ରାକ୍ଟର ଗାଡ଼ିରୁ ୨୦ ରୁ ୩୫ କିଲୋ ଟ୍ରିପ ପିଛା କାଟୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମାନେ ଦାବି କରିଛନ୍ତି।





# 'ଅଭିନୟ ହିଁ ମୋ ଜୀବନ'

## ଅଭିଷେକ ଗିରି, ଅଭିନେତା

ନିଜ ଅଭିନୟ ପ୍ରତିଭା ବଳରେ ଫିଲ୍ମ ଦୁନିଆରେ ସେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଓଲିଉଡ୍‌ର ସେ ଅନେକ ଫିଲ୍ମରେ ଦମ୍‌ଦାର ଅଭିନୟ କରିଛନ୍ତି। ବଲିଉଡ୍‌ର କିଛି ସିନେମାରେ କାମ କରିବାର ସୁଯୋଗ ପାଇ ନିଜ ପ୍ରତିଭାକୁ ପ୍ରସ୍ଫୁଟିତ କରିଛନ୍ତି। ଅଭିନୟ ସହିତ ସାହିତ୍ୟରେ ମଧ୍ୟ ତାଙ୍କର ଯଥେଷ୍ଟ ରୁଚି ରହିଛି। ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱର, ବସ୍ତାର ଅଭିଷେକ ଗିରି। ସେ ଅନେକ ୱେବ୍‌ସିରିଜ୍‌ରେ କାମ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ଏଡିୟୁ ଗୋଦାର' ଫିଲ୍ମ ତାଙ୍କର ପ୍ରଥମ ଫିଲ୍ମ ଥିଲା। ଏହାପରେ ସେ ଗୋଟେ ପରେ ଗୋଟେ ଫିଲ୍ମରେ ନିଜ ଦକ୍ଷତା ବଳରେ ଆଗକୁ ବଢ଼ିଛନ୍ତି। ସେ ନାଟକରେ ମଧ୍ୟ ରୁଚି ରଖନ୍ତି। 'ଆହେ ନୀଳ ଶୈଳ' ନାଟକରେ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା ମିଳିଥିଲା। 'ବିଦ୍ୟାରାଣୀ', 'ଏଇ ଆକାଶ ତଳେ', 'ଭାବାନ୍ତର', 'ସଦୃରା', 'ଆଶ୍ରମ' ଭଳି ଅନେକ ସିନେମାରେ ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ସେ ହିନ୍ଦୀ ସିନେମା 'ଜ୍ୱିଗାଟୋ'ରେ ମଧ୍ୟ କାମ କରିଛନ୍ତି। ହସହସ ମୁହଁରେ ଦର୍ଶକଙ୍କ ହୃଦୟ ଜିଣୁଥିବା ଅଭିଷେକଙ୍କଠାରୁ ଆସନ୍ତୁ ଜାଣିବା ତାଙ୍କ ସଫଳତା ବିଷୟରେ।

**ଅଭିନୟକୁ ଯାତ୍ରା କେମିତି ଥିଲା ?**

- ଇଞ୍ଜିନିୟରିଂ ସମୟରେ ମଡେଲିଂ କରୁଥିଲି। 'ମିଷ୍ଟର୍ ଗ୍ଲୋବାଲ ଇଣ୍ଡିଆ-୨୦୧୬' ହୋଇଥିଲି। ହେଲେ ସମୟକ୍ରମେ କଳାତ୍ମକ ଚିନ୍ତାଧାରା ମୋ' ମନରେ ବଢ଼ିଚାଲିଲା। ଅଭିନୟ ପ୍ରତି ମୋର ଆଗ୍ରହ ଆସିଥିଲା। ଏହା ପରେ ଅଭିନୟ ଶିଖିବା ପାଇଁ ବମ୍ବେ ଯାଇଥିଲି। 'ଏଡିୟୁ ଗୋଦାର' ମୋର ପ୍ରଥମ ଫିଲ୍ମ ଥିଲା। ଏଥିରେ ନିର୍ଦ୍ଦେଶକ ଥିଲେ ଅମର୍ତ୍ୟ ଭଟ୍ଟାଚାର୍ଯ୍ୟ। ସେବେଠୁ ଅଭିନୟର ଯାତ୍ରା ଜାରି ରହିଛି।

**ପରିବାର ଲୋକ କେମିତି ସହଯୋଗ କରିଥିଲେ ?**

- ମୋ ପରିବାରର କେହି ବି ଏହି ଲାଇନ୍‌ରେ ନ ଥିଲେ। ତେଣୁ ନିଜ ଚେଷ୍ଟାବଳରେ ଏହି ଇଣ୍ଡଷ୍ଟ୍ରିରେ ସ୍ୱତନ୍ତ୍ର ସ୍ଥାନ କରିବାକୁ ଅକ୍ଳାନ୍ତ ପରିଶ୍ରମ କରିଛି। କିନ୍ତୁ ବାପା ମା'ଙ୍କ ବିନା ଆଶୀର୍ବାଦ କିମ୍ବା ମୋ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ବିନା ଦିଗ୍‌ଦର୍ଶନରେ ଏହା କେବେ ବି ସମ୍ଭବପର ହୋଇନଥାନ୍ତା।

**କ୍ୟାମେରାକୁ ସାମ୍ନା କରିବାର ପ୍ରଥମ ଅନୁଭୂତି କେମିତି ଥିଲା ?**

- ସିନେମାରେ କେମିତି କାମ କରାଯାଏ ସେ ଜ୍ଞାନ ଏତେଟା ନ ଥିଲା। ତେଣୁ କ୍ୟାମେରା ସାମ୍ନାରେ କ'ଣ କହିବି, କେମିତି କହିବି ଭୟ ଲାଗିଥିଲେ ବି ଏହାକୁ ସାମ୍ନା କରିଥିଲି। ଆଉ ସେହି ଭୟ ହିଁ ମୋତେ ରାସ୍ତା ଦେଖାଇଥିଲା। ଆଉ ଏବେ କିନ୍ତୁ ମୁଁ ସଂଳାପ କହିବା ବେଳେ, କ୍ୟାମେରା ଅଛି କି ନାହିଁ ଚିନ୍ତା କରୁନି। ମୋ ଅଭିନୟରେ ମୁଁ ଏତେ ମଜି ଯାଉଛି ଯେ, କିଛି ଜଣାପଡ଼େ ନାହିଁ।

**'ଆଶ୍ରମ' ଚଳଚ୍ଚିତ୍ର ପାଇଁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା ?**

- 'ଆଶ୍ରମ' ଚଳଚ୍ଚିତ୍ରରେ ମହାଶ୍ୱେତା ମ୍ୟାଡାମ୍‌ଙ୍କ ସହ କାମ କରିବା ମୋ' ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ। ଏଥିରେ ମହାଶ୍ୱେତା ମ୍ୟାଡାମ୍‌ଙ୍କ ସ୍ୱାମୀ ଚରିତ୍ରରେ ଅଭିନୟ କରିବା ମୋ ପାଇଁ ଏକ ବଡ଼ ଦାୟିତ୍ୱ ଥିଲା। ତାଙ୍କ ପରି ଅଭିଜ୍ଞ କଳାକାରଙ୍କ ସହ କାମ କରି ମୁଁ ବହୁତ କିଛି ଶିଖିଛି। ସେ ଏକ ସାକ୍ଷାତକାରରେ ମୋର ପ୍ରଶଂସା କରିଥିଲେ, ଏହା ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲା। ଏପରି ଏକ ନିଆରା ଚରିତ୍ର ନିଭାଇବା ମୋ' ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା। ଏହି ଫିଲ୍ମଟି ମୋତେ ଆତ୍ମସନ୍ତୋଷ ଦେଇଛି। ଦର୍ଶକ ମଧ୍ୟ ଏହାକୁ ଗ୍ରହଣ କରିଛନ୍ତି।

**ଅଭିନୟ ବାଦ୍ ଆଉ କ'ଣ ରୁଚି ରହିଛି ?**

- ମ୍ୟୁଜିକ୍, ଫଟୋଗ୍ରାଫି, ପେଣ୍ଟିଂ, ରାନ୍ଧିବାକୁ ଭଲଲାଗେ, ସାହିତ୍ୟ ଓ ଲେଖାଲେଖି ପ୍ରତି ରୁଚି ରହିଛି। କବିତା ମଧ୍ୟ ଲେଖେ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ ?**

- ଯିଏ ମୋର ଜନ୍ମଦାତ୍ରୀ, ତାଙ୍କରି ହାତରେ ମୋର ପ୍ରଥମ ପାରିଶ୍ରମିକ ଧରାଇ ଦେଇଥିଲି।

**ଅଭିନେତା ହେବା ପାଇଁ ସଂଘର୍ଷ କରିବାକୁ ପଡ଼ିଛି କି ?**

- ବିନା ସଂଘର୍ଷରେ ଅଭିନେତା ହେବା ଅସମ୍ଭବ। ଅଭିନୟ କ୍ଷେତ୍ରରେ ଦୀର୍ଘ ୧୩ ରୁ ୧୪ ବର୍ଷ ହେବ ପରିଶ୍ରମ କରିଆସୁଛି। ପରିଶ୍ରମ, ଦୃଢ଼ ମନୋବଳ, ଧୈର୍ଯ୍ୟ ଆଦି ଯୋଗୁଁ ଅଭିନୟ ଜୀବନ୍ତ ହୋଇପାରିଛି। ମୋ ଜୀବନ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଯେଉଁମାନେ ଜଡ଼ିତ, ସେମାନଙ୍କଠାରୁ ମୁଁ ବହୁତ କିଛି ଶିଖିଛି, ସେମାନଙ୍କୁ ମଧ୍ୟ ସଫଳତାର ଶ୍ରେୟ ଯିବ। ବିଶେଷ କରି ବୟସ୍କ ଲୋକ ମୋର ଭଲ ବନ୍ଧୁ, ସେମାନେ ମଧ୍ୟ ଜୀବନରେ ଆଗକୁ ବଢ଼ିବାକୁ ବଳ ଯୋଗାଇଛନ୍ତି।

**ଡ୍ରିମ୍ ରୋଲ?**

- ଯେକୌଣସି ଚରିତ୍ର ହେଉନା କାହିଁକି ତାକୁ ନିଖୁଣ ଭାବେ ଫୁଟାଇବା ମୋର ସ୍ୱପ୍ନ। ତେଣୁ ଆଜି ପର୍ଯ୍ୟନ୍ତ ଯେଉଁ ସବୁ ଚରିତ୍ର କରିଆସିଛି, ସେଥିରେ କେମିତି ମୁଁ ଦର୍ଶକଙ୍କୁ ବାନ୍ଧି ରଖିବି, ସେଥିରେ ଗୁରୁତ୍ୱ ଦିଏ। ସବୁବେଳେ ନୂଆ ପ୍ରକାରର ଚରିତ୍ର କରିବା ଆଶାରେ ମୁଁ ଡ୍ରିମ୍‌କୁ କେଉଁ ଗୋଟିଏ ରୋଲ୍‌ରେ ସୀମିତ ରଖେ ନାହିଁ।

**ପ୍ରେମରେ ପଡ଼ିଛନ୍ତି ?**

- ଏମିତି କେହି ବି ନାହାନ୍ତି, ଯିଏ ପ୍ରେମରେ ପଡ଼ିନଥିବେ! କିନ୍ତୁ ପ୍ରକୃତିର ସୌନ୍ଦର୍ଯ୍ୟ ପ୍ରେମରେ ପଡ଼ିବାର ଅନୁଭୂତି ସବୁଠୁ ନିଆରା।

**ଅଭିନୟରେ ରୁଚି ରଖିଥିବା ପିଲାଙ୍କୁ କ'ଣ କହିବେ ?**

- ନୂଆ ନୂଆ କାମରେ ସମସ୍ତେ ଅଧିକ ଉତ୍ସାହିତ ହୋଇପଡ଼ନ୍ତି। ଏପରି ହେବା ସ୍ୱାଭାବିକ। କିନ୍ତୁ ଏ ସବୁ ଭିତରେ କଠିନ ପରିଶ୍ରମ ଏବଂ ଏକାଗ୍ରତାକୁ ଭୁଲିଯିବା ଉଚିତ ନୁହେଁ। ନିଜ ପ୍ରତିଭାକୁ ଆଗକୁ ଆଣିବା ପାଇଁ ନିଜକୁ ଆଗ ଭଲଭାବେ ପ୍ରସ୍ତୁତ କରନ୍ତୁ। ଶାନ୍ତ ଚିତ୍ତରେ ରହି ପ୍ରତ୍ୟେକ ଲୋକଙ୍କ ଠାରୁ କିଛି ନା କିଛି ଶିଖିବା ହିଁ ଜଣେ ଭଲ କଳାକାରର ସ୍ୱଭାବ।

**ଆଗାମୀ ଯୋଜନା ?**

- ମୋର ଆଗାମୀ ଫିଲ୍ମର ଶୀର୍ଷକ ଯଦିଓ ଘୋଷଣା କରାଯାଇନି, କିନ୍ତୁ ଫିଲ୍ମଟି ସସ୍‌ପେନ୍ସ, ଡ୍ରାମା ଓ ଥ୍ରିଲର ଉପରେ ଆଧାରିତ ହେବ। ■

# ସୋନୁଙ୍କ ୪୧୦ ଫୁଟ୍‌ର କଟ୍‌ଆଉଟ୍




**ଫ୍ରାଇଡେ ରିଲିଜ୍**

**ଫତେହ**

ନିର୍ଦ୍ଦେଶକ : ସୋନୁ ସୁଦ୍

ପ୍ରଯୋଜନା : ସୋନାଲି ସୁଦ୍, ଉମେଶ କେଆର୍ ବଂଶଲ

କଳାକାର: ସୋନୁ ସୁଦ୍, ଜାକ୍‌ଲିନ୍, ବିଜୟ ରାଜ୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସୋନୁ ସୁଦ୍‌ଙ୍କୁ ପ୍ରଶଂସକମାନେ 'ଅସଲି ହିରୋ' ବୋଲି କହିଥାନ୍ତି। ତେବେ ଏବେ ଆସିବାକୁ ଯାଉଛି ସୋନୁଙ୍କ ଅଭିନୀତ ନୂଆ ସିନେମା 'ଫତେହ'। ସୋନୁଙ୍କ ଏହି ସିନେମାକୁ ନେଇ ସେମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ଅଜବ ଉତ୍ସାହ ରହିଛି। ତେବେ ସୋଲାପୁରରେ ପିଲାମାନେ ସୋନୁଙ୍କ ଏହି ଫିଲ୍ମର ଲୁକ୍‌କୁ ନେଇ ଏକ ନିଆରା ବିଶ୍ୱ ରେକର୍ଡ କରିଛନ୍ତି। ପ୍ରାୟ ୫୦୦ ପିଲା ମିଶି ତାଙ୍କର ଏକ ବିଶାଳକାୟ କଟ୍‌ଆଉଟ୍ ତିଆରି କରିଛନ୍ତି। ଯାହାର ଉଚ୍ଚତା ୪୧୦ ଫୁଟ୍। ଉକ୍ତ କଟ୍‌ଆଉଟ୍‌ରେ ସୋନୁ ହାତରେ ବନ୍ଧୁକ ନେଇ ଛିଡ଼ା ହୋଇଥିବା ଦେଖାଯାଇଛି। ସିନେମାଟିରେ ଜବରଦସ୍ତ ଆକ୍ସନ ଦେଖିବାକୁ ମିଳିବ। ତେବେ ସିନେମାଟି ଏଇ ୧୦ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■

# ପାର୍ବତୀ ଚରିତ୍ରରେ 'କାଜଲ'



ନୂଆ ତେଲୁଗୁ ସିନେମା 'କନ୍ନପ୍ପା'ର ଫାଷ୍ଟ ଲୁକ୍‌ର ପୋଷ୍ଟର ଇତିମଧ୍ୟରେ ସାମ୍ନାକୁ ଆସିଛି। ଏହି ପୋଷ୍ଟରରେ ମା' ପାର୍ବତୀ ଚରିତ୍ରରେ ନଜର ଆସିଛନ୍ତି ଲୋକପ୍ରିୟ ଅଭିନେତ୍ରୀ କାଜଲ ଅଗ୍ରୱାଲ। ସେ ତାଙ୍କର ଏହି ସିନେମାର ଫାଷ୍ଟ ଲୁକ୍‌ର ପୋଷ୍ଟରକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏହା ସହ ସେ ଲେଖିଛନ୍ତି, "ଏହା ହେଉଛି ମୋ ପାଇଁ ସ୍ୱପ୍ନର ଚରିତ୍ର। 'କନ୍ନପ୍ପା'ରୁ ୨୦୨୫ ଆରମ୍ଭ କରିବାର ଖୁସି। ହର ହର ମହାଦେବ, ମାତା ପାର୍ବତୀ।" ସେହିପରି କାଜଲ ମଧ୍ୟ ପାର୍ବତୀ ଚରିତ୍ରରେ ବେଶ୍ ସୁନ୍ଦର ଲାଗୁଛନ୍ତି। ସୁନେଲି ବର୍ଡର ଯୁକ୍ତ ସେ ଧଳା ଶାଢ଼ି ପିନ୍ଧିଛନ୍ତି। ତା'ସହ ଶାଢ଼ି ସହିତ ସୁନେଲି ହାର, କାନଫୁଲ ଆଦି ଗହଣା ତାଙ୍କୁ ଅଧିକ ସୁନ୍ଦର କରିବାରେ ସାହାଯ୍ୟ କରିଛି। କେବଳ ସେତିକି ନୁହେଁ, କେଶ ମୁକୁଳା ହୋଇଥିବା ବେଳେ ସେଥିରେ ସେ ଗୋଲାପି ରଙ୍ଗ ଫୁଲ ଲଗାଇଛନ୍ତି। ତେବେ ସିନେମାର ନିର୍ଦ୍ଦେଶନାରେ ମୁକେଶ କୁମାର ସିଂହ ଥିବା ବେଳେ ଏହାର ନିର୍ମାଣରେ ଅଛନ୍ତି ମୋହନ ବାବୁ। ସେହିପରି କାଜଲଙ୍କ ସହିତ ମୁଖ୍ୟ ଚରିତ୍ରରେ ବିଷ୍ଣୁ ମାଞ୍ଚୁଙ୍କୁ ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାଟି ଏପ୍ରିଲ ୨୫ରେ ପ୍ରେକ୍ଷାଳୟକୁ ଆସିବ। ■

# ମାଷ୍ଟର ସେଫ୍‌ରେ ସେଲିବ୍ରିଟି

ସୋନି ଟିଭିରେ ଖୁବ୍‌ଶୀଘ୍ର ପ୍ରସାରିତ ହେବ କୁକିଂକୁ ନେଇ ଏକ ନୂଆ ରିଆଲିଟି ଶୋ' 'ସେଲିବ୍ରିଟି ମାଷ୍ଟର ସେଫ୍।' ଏଥିରେ ହିନ୍ଦୀ ଟେଲିଭିଜନ ଦୁନିଆର ବଛା ବଛା କଳାକାରଙ୍କୁ ଗୀତ, ନାଚ, କିମ୍ବା ଅଭିନୟ ନୁହେଁ, ବରଂ ରୋଷେଇ କରୁଥିବା ଦେଖିବାକୁ ମିଳିବ। ଶୋ'ର ପ୍ରମୋ ଭିଡିଓ ସାମ୍ନାକୁ ଆସିଛି। ଯାହାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଏଥିରେ ଗୌରବ ଖନ୍ନା, ତେଜସ୍ୱୀ ପ୍ରକାଶ, ଦୀପିକା କକ୍କର, ରାଜୀବ, ନିକି ତମ୍ବୋଲି, ଅର୍ଚ୍ଚନା ଗୌତମ, ଉଷା ନଦକର୍ଣ୍ଣି, ଅଭିଜିତ୍ ସାୱାନ୍ତ, ଚନ୍ଦନ ପ୍ରଭାକର, ଆୟେଶା ଝୁଲକା, କବିତା ସିଂହ, ଫେଜଲ ଶେଖ ସାମିଲ ଅଛନ୍ତି। ସେହିପରି ସେମାନଙ୍କ ପ୍ରସ୍ତୁତ ଖାଦ୍ୟକୁ ପରଖିବା ତଥା ଚାଖିବା ଭଳି ଗୁରୁ ଦାୟିତ୍ୱରେ ବିଚାରପତି ଆସନ ଅଳଙ୍କୃତ କରିଛନ୍ତି ସେଫ୍ ବିକାଶ, ରଣବୀର ଏବଂ ଫରହା ଖାନ୍। ଅନ୍ୟପଟେ ଏହାର ଏକାଧିକ ପ୍ରମୋ ସାମ୍ନାକୁ ଆସିଥିବା ବେଳେ ଏହା କେବେ ପ୍ରସାରିତ ହେବ, ସେନେଇ କିଛି ତଥ୍ୟ ସାମ୍ନାକୁ ଆସି ନାହିଁ। ■







# ଆରତି-ଆୟୁଷଙ୍କ ଝଗଡ଼ା

ଲୋକପ୍ରିୟ ଧାରାବାହିକ 'ବଡ଼ ବୋହୂ'ର କାହାଣୀ ଏବେ ଭିନ୍ନ ମୋଡ଼ରେ ପହଞ୍ଚିଛି। ଚାରି ଭାଇ ବାହାରକୁ ବୁଲିବାକୁ ଯାଉଛନ୍ତି। କିନ୍ତୁ ଏହି ବୁଲିବା ଭିତରେ ଆୟୁଷ ଓ ଆରତିଙ୍କ ମଧ୍ୟରେ ଝଗଡ଼ା ହେଉଛି। ଅବଶ୍ୟ ଏ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେବା କିଛି ନୂଆ କଥା ନୁହେଁ, ତଥାପି ସେମାନଙ୍କ ଝଗଡ଼ାକୁ ଦେଖି ବଡ଼ ଭାଇ ଆକାଶ ଓ ବଡ଼ ଭାଉଜ ଭୂମି ଚିନ୍ତାରେ ପଡ଼ିଛନ୍ତି। ଦୁଇଜଣ ଯେଭଳି ଝଗଡ଼ା ନ କରି ପରସ୍ପର ସହ କଥାବାର୍ତ୍ତା କରିବେ ଭୂମି ସେକଥା ଆକାଶକୁ କୁହେ। ଏହାରି ଭିତରେ ସେ ଦୁଇଜଣଙ୍କୁ ଭୂମି ସେମାନଙ୍କର ପୁରୁଣା କଥା ମନେ ପକାଏ। ତେବେ ଆୟୁଷ ପାଇଁ ଯେତେ ଯାହା କଲେ ବି ସେ ଝଗଡ଼ା କରିବେ ବୋଲି ଆରତି କୁହେ। ଏହା ସହ ପୁଣି ଦୁହିଁଙ୍କ ମଧ୍ୟରେ ଝଗଡ଼ା ଜାରି ରହେ। ଅବଶ୍ୟ ଦୁଇଜଣଙ୍କୁ ଦେଖି ଲାଗୁଛି, ଏ ଦୁହିଁଙ୍କ ଝଗଡ଼ା କେବେ ବି ବନ୍ଦ ହେବନି। ଅନ୍ୟପଟେ ଏହି ଝଗଡ଼ାରୁ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ବି ଆରମ୍ଭ ହୋଇପାରେ ବୋଲି ଆଶା କରାଯାଉଛି। ■

# ଚାଳିଶ ଦିନରେ ସୁଟିଂ

**ପରଦା ପଛର କାହାଣୀ**

ସାଧାରଣତଃ ଗୋଟିଏ ଭଲ ଫିଲ୍ମ ନିର୍ମାଣ କରିବା ପାଇଁ ବର୍ଷ ବର୍ଷ ଲାଗିଥାଏ। କିନ୍ତୁ ଏପରି ଏକ ଫିଲ୍ମ ରହିଛି, ଯାହାର ସୁଟିଂ ମାତ୍ର ଚାଳିଶ ଦିନରେ ସରିଥିଲା। ଆଉ ସେ ଫିଲ୍ମଟି ସୁପରହିଟ୍ ମଧ୍ୟ ହୋଇଥିଲା। ସେହି ଚର୍ଚ୍ଚିତ ଫିଲ୍ମଟି ଥିଲା 'ଗୋଲ୍ ମାଲ୍'। ହାସ୍ୟରସ ଉପରେ ଆଧାରିତ ଏହି ଫିଲ୍ମଟି ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବଜେଟ୍‌ଠାରୁ ୭ଗୁଣା ଅଧିକ ଆୟ କରିଥିଲା। ଅମୋଲ ପାଲେକରଙ୍କ ଅଭିନୀତ ଏହି ଫିଲ୍ମ ଚାଳିଶ ଦିନରେ ସୁଟିଂ ହୋଇ ମଧ୍ୟ କଲ୍ଟ କ୍ଲାସିକ୍ ଫିଲ୍ମ ସାବ୍ୟସ୍ତ ହୋଇଥିଲା। ତେବେ ତତ୍କାଳୀନ ସମୟକୁ ଦେଖିଲେ ଚାଳିଶ ଦିନରେ ଗୋଟିଏ ଫିଲ୍ମ ସୁଟିଂକୁ ଶେଷ କରିବା କୌଣସି ନିର୍ଦ୍ଦେଶକଙ୍କ ପକ୍ଷେ ସହଜ କାମ ନୁହେଁ। ହୃଷିକେଶ ମୁଖାର୍ଜୀ ଏହି ଫିଲ୍ମକୁ ଶେଷ କରି ପ୍ରମାଣିତ କରି ଦେଇଥିଲେ ଯେ, ସେ ଅନ୍ୟ ନିର୍ଦ୍ଦେଶକଙ୍କଠାରୁ କେତେ ଭିନ୍ନ। ଏହି ଫିଲ୍ମର ସୁଟିଂ ତାଙ୍କ ବଙ୍ଗଳାରେ ହିଁ କରାଯାଇଥିଲା। ୪୫ ବର୍ଷ ତଳର 'ଗୋଲ୍ ମାଲ୍' ସିନେମା ଦେଖିବାକୁ ଦର୍ଶକେ ଏବେ ମଧ୍ୟ ପସନ୍ଦ କରୁଛନ୍ତି। ଏହି କମେଡି ଫିଲ୍ମ ହିନ୍ଦୀ ସିନେମା ଜଗତରେ ଏକ କଲ୍ଟ ଫିଲ୍ମ ଥିଲା। ଏହି ଫିଲ୍ମରେ ଅମୋଲ ପାଲେକର, ଉତ୍ପଳ ଦତ୍ତ, ବିନ୍ଦିଆ ଗୋସ୍ୱାମୀ ପ୍ରମୁଖ ଅଭିନୟ କରିଥିଲେ। 'ଗୋଲ୍ ମାଲ୍' ଫିଲ୍ମ ନିର୍ମାଣ କରିବାରେ କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିଲା। ରିଲିଜ୍ ହେବା ପରେ ଫିଲ୍ମଟି ବକ୍ସ ଅଫିସ୍‌ରେ ରେକର୍ଡ ସଂଖ୍ୟକ ଆୟ କରିଥିଲା। ଯାହାକୁ ଦେଖି ଅନ୍ୟ ଫିଲ୍ମ ନିର୍ମାତା ଆଚମ୍ବିତ ହୋଇଥିଲେ। ଏହି ଫିଲ୍ମ ସମଗ୍ର ବିଶ୍ୱରେ ସାତକୋଟି ବ୍ୟବସାୟ କରିଥିଲା। ଏହା ସେ ବର୍ଷର ସବୁଠୁ ସୁପରହିଟ୍ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଥିଲା। କୁହାଯାଏ, ଏହି ଫିଲ୍ମରେ ନିର୍ଦ୍ଦେଶକ ପ୍ରଥମେ ବିନ୍ଦିଆଙ୍କୁ କାଷ୍ଟ କରିବା ପାଇଁ ଚାହିଁଥିଲେ। ତେବେ ଏହି ଫିଲ୍ମ ପାଇଁ ପ୍ରଥମ ପସନ୍ଦ ଥିଲେ ରେଖା। ପରବର୍ତ୍ତୀ ସମୟରେ ନିର୍ଦ୍ଦେଶକ ଚିନ୍ତା କରିଥିଲେ ଯେ, ପୁରୁଷ ଆଧାରିତ ଏହି ଫିଲ୍ମରେ ଏତେ ଭଲ ଅଭିନେତ୍ରୀଙ୍କୁ ନେବା ତାଙ୍କ ପ୍ରତିଭାକୁ ଅଣଦେଖା କରିବା ସହ ସମାନ। ତେଣୁ ସେ ରେଖା ବଦଳରେ ବିନ୍ଦିଆଙ୍କୁ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ମନୋନୀତ କରିଥିଲେ। ଏହାର ସଫଳତା ପରେ ପରବର୍ତ୍ତୀ ସମୟରେ ଏହାର ରିମେକ୍ ମଧ୍ୟ କରାଯାଇଥିଲା। ଯେଉଁଥିରେ ଅଜୟ ଦେବଗନ, ଅଭିଷେକ ବଚ୍ଚନ ପ୍ରମୁଖ ଅଭିନୟ କରିଥିଲେ। ■



# ଲୋକକଳାର କାହାଣୀ 'ରଙ୍ଗଶୁର'

ମୁନ୍ ଟିଭି ଏବଂ ପ୍ରକାଶ ଫିଲ୍ମସ୍‌ର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଫିଲ୍ମ 'ରଙ୍ଗଶୁର' ଆସନ୍ତା ୧୨ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ଏହାର ଟ୍ରେଲରଟି ଆଇ.ଏଫ୍.ଏଫ୍. ଆଇରେ ସ୍କ୍ରିନଂ ହୋଇ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରଶଂସା ସାଉଁଟିଛି। ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଏହି ସିନେମାର ପ୍ରଯୋଜନା ସଚୀକାନ୍ତ ଜେନା କରିଥିବା ବେଳେ ଏହାର ସହ ପ୍ରଯୋଜନାରେ ପ୍ରଶାନ୍ତ ବେହେରା, ପ୍ରତାପ ରାଉତ ଓ ସୁନୀଲ ଯାଦବ ଅଛନ୍ତି। କାହାଣୀ, ଚିତ୍ରୋତ୍ତଳନ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ। ସିନେମାର କାହାଣୀ ହିମାଂଶୁ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ବାନି। 'ରଙ୍ଗଶୁର' ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକକଳା ନୃତ୍ୟ ବାଘନାଚ। ବିଲୁପ୍ତ ପ୍ରାୟ ବାଘନାଚ ଉପରେ ଆଧାରିତ ଏହି କଥାଚିତ୍ରର କାହାଣୀ। ବାପା ଏବଂ ଝିଅ ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଦୁହେଁ ବାଘନାଚ କଳାକୁ କେମିତି ପୁନରୁଦ୍ଧାର କରିପାରିବେ, ତାହା ଚଳଚ୍ଚିତ୍ର 'ରଙ୍ଗଶୁର'ରେ ରହିଛି। ସିନେମାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଏବଂ ଶୁଭଶ୍ରୀ ପ୍ରମୁଖ। ■





# ‘ସ୍ତ୍ରୀ ୩’ରେ ଅକ୍ଷୟ

ଦୀନେଶ ବିଜନଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ସ୍ତ୍ରୀ-୨’ରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଅତିଥି କଳାକାର ଭାବେ ନଜର ଆସିଥିଲେ। ଫିଲ୍ମଟିକୁ ଦର୍ଶକୀୟ ଆଦୃତି ମିଳିବା ସହ ଏହା ବକ୍ସ ଅଫିସ୍‌ରେ ମଧ୍ୟ ଭଲ ଆୟ କରିଥିଲା। ଏବେ ଆସିବାକୁ ଯାଉଛି ‘ସ୍ତ୍ରୀ-୩’। ଏଥିରେ ବି ନଜର ଆସିବେ ଅକ୍ଷୟ। ଏଥିରେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ନିର୍ମାତା ସ୍ପଷ୍ଟ କରିଛନ୍ତି। ସେ ଏହି ସିନେମାରେ ସୁପର ଭିଲିଆନ୍ ଭୂମିକାରେ ନଜର ଆସିବେ। ତେବେ ହରର କମେଡି ଫିଲ୍ମ ‘ସ୍ତ୍ରୀ-୨’ରେ ଅକ୍ଷୟଙ୍କ ଚରିତ୍ରକୁ ଦର୍ଶକେ ପସନ୍ଦ କରିଥିଲେ। ଏଣୁ ‘ସ୍ତ୍ରୀ-୩’ରେ ତାଙ୍କ ଆସିବା କଥା ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ମ୍ୟାଡକ୍ ଫିଲ୍ମ ପକ୍ଷରୁ ଏହା ଅଗଷ୍ଟ ୧୩, ୨୦୨୭ରେ ରିଲିଜ୍ ହେବ ବୋଲି କିଛି ଦିନ ପୂର୍ବରୁ ଘୋଷଣା କରାଯାଇଥିଲା।



# ପ୍ରବାସୀ ଭାରତୀୟ ଦିବସ

ପ୍ରତିବର୍ଷ ଜାନୁଆରୀ ୯ ତାରିଖରେ ‘ପ୍ରବାସୀ ଭାରତୀୟ ଦିବସ’ ପାଳନ କରାଯାଏ। ଏହି ଦିବସ ପାଳନ କରିବାର ଚିନ୍ତାଧାରା ସ୍ୱର୍ଗତ ଲକ୍ଷ୍ମୀମଲ ସିଂଘ୍ୱିଙ୍କର ପରିକଳ୍ପନା ଥିଲା। ୨୦୦୩ରେ ନୂଆଦିଲ୍ଲୀରେ ପ୍ରଥମ ଥର ପାଇଁ ‘ପ୍ରବାସୀ ଭାରତୀୟ ଦିବସ ପାଳନ’ କରାଯାଇଥିଲା। ୨୦୦୩ରୁ ଏହାକୁ ପ୍ରତିବର୍ଷ ପାଳନ କରାଯାଉଥିଲା। ୨୦୧୫ରେ କିନ୍ତୁ ଏହି ଦିବସ ଦୁଇ ବର୍ଷରେ ଥରେ ପାଳନ କରିବାର ପ୍ରସ୍ତାବ ରଖାଯାଇଥିଲା। ଯେକୌଣସି ଦେଶର ନାଗରିକ କାମର ସନ୍ଧାନରେ ନିଜ ଦେଶ ଛାଡ଼ି ଯେତେବେଳେ ଅନ୍ୟ ଦେଶକୁ ଯାଆନ୍ତି ସେମାନଙ୍କୁ ‘ପ୍ରବାସୀ’ ବୋଲି କୁହାଯାଏ। ଅନ୍ୟପଟେ ଦେଶ ବାହାରୁ ଯାଇ କାମ କରୁଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା, ଅଧିକାର ବାବଦରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଜାତିସଂଘର ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ସବୁଠୁ ଅଧିକ ପ୍ରବାସୀ ଭାରତୀୟ ଅଛନ୍ତି। ଏହି ଦିନ ପ୍ରବାସୀ ଭାରତୀୟଙ୍କ ସଫଳତା ବାବଦରେ ଭାରତବାସୀଙ୍କୁ ଅବଗତ କରାଯାଏ। ସେହିପରି ଭାରତର ଯୁବପିଢ଼ିଙ୍କୁ ପ୍ରବାସୀଙ୍କ ସହ ଯୋଡ଼ିବା ମଧ୍ୟ ଏହାର ଅନ୍ୟତମ ଉଦ୍ଦେଶ୍ୟ। ଏହାବାଦ୍ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଏ। ଏହି ଅବସରରେ ତିନିଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ଏହି ଅବସରରେ ପ୍ରବାସୀ ଭାରତୀୟ ସମ୍ମାନ ପ୍ରଦାନ କରାଯାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି ‘ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ।’

## ଆଜିର ଇତିହାସ

- ୧୪୩୧- ଫ୍ରାନ୍ସରେ ‘ଜୋନ୍ ଅଫ୍ ଆର୍କ’ଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ।
- ୧୭୯୩- ବିଶ୍ୱର ପ୍ରଥମ ହଟ୍ ଏୟାର୍ ବେଲୁନ୍ ଆମେରିକାର ଫିଲ୍‌ଡେଲଫିଆରୁ ଉଡ଼ାଣ ଆରମ୍ଭ କଲା।
- ୧୯୧୫- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ମୁମ୍ବାଇରେ ପହଞ୍ଚିଲେ।
- ୧୯୮୨- ପ୍ରଥମ ଭାରତୀୟ ବୈଜ୍ଞାନିକ ଦଳ ଆଣ୍ଟାର୍କଟିକାରେ ପହଞ୍ଚିଲେ।
- ୨୦୦୨- ମାଇକେଲ ଜ୍ୟାକସନ୍‌ଙ୍କୁ ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡରେ ‘ଆର୍ଟିଷ୍ଟ ଅଫ୍ ଦ ସେଞ୍ଚୁରି’ ପୁରସ୍କାର ପ୍ରଦାନ କରାଗଲା।

# ଧିମା ଦେଶ ଚାଲିଛି ୮ ବର୍ଷ ପଛୁଆ



ସାଧାରଣତଃ ଟାଇମ୍‌ଟ୍ରାଭେଲ୍ କୌଣସି ଫିଲ୍ମ ତଥା କାହାଣୀରେ ଦେଖିବାକୁ ମିଳିଥାଏ। ଯେଉଁଥିରେ ବର୍ତ୍ତମାନ ସମୟରୁ ପଛକୁ ଯାଇ ତାହା ବିଷୟରେ ବର୍ଣ୍ଣନା କରାଯାଇଥାଏ। କିନ୍ତୁ ବାସ୍ତବ ଜୀବନରେ କେହି ଟାଇମ୍‌ଟ୍ରାଭେଲ୍‌କୁ ଅନୁଭବ କରି ନ ଥିବେ। କିନ୍ତୁ ଏପରି ଏକ ଦେଶ ରହିଛି, ଯାହାର ସମୟ ଅନ୍ୟ ଦେଶଠାରୁ ପଛରେ ରହିଥାଏ। ସେହି ଦେଶଟି ହେଉଛି ଇଥୋପିଆ। ଏହା ଅନ୍ୟ ଦେଶ ତୁଳନାରେ ୮ ବର୍ଷ ପଛରେ ଚାଲିଥାଏ। ଅର୍ଥାତ୍ ଏଠାରେ ୨୦୨୫ରେ ଗଲେ ଲୋକେ ୨୦୧୭ ପହଞ୍ଚିବେ। ଏଣୁ ଏହାର ସୀମାରେ ପ୍ରବେଶ କରିବା ମାତ୍ରେ ଲୋକେ ୮ ବର୍ଷ ପଛକୁ ଚାଲି ଯାଆନ୍ତି। ବିଶ୍ୱରେ ପ୍ରଥମେ ଜୁଲିଆନ କ୍ୟାଲେଣ୍ଡରର ବ୍ୟବହାର କରାଯାଉଥିଲା। ୧୫୮୨ ମସିହାରେ ଗ୍ରେଗୋରିଆନ କ୍ୟାଲେଣ୍ଡରର ପ୍ରଚଳନ ଆରମ୍ଭ ହୋଇଥିଲା। ପ୍ରାୟ ସମସ୍ତ ଦେଶ ଏହି କ୍ୟାଲେଣ୍ଡରକୁ ଆପଣେଇଥିଲେ। କିନ୍ତୁ ଇଥିଓପିଆ ଗ୍ରେଗୋରିଆନ କ୍ୟାଲେଣ୍ଡରକୁ ବିରୋଧ କରିଥିଲା। ଇଥିଓପିଆରେ ଇଥିଓପିଆନ କ୍ୟାଲେଣ୍ଡର ହିଁ ବ୍ୟବହାର କରିଥାଏ। ଇଥିଓପିଆନ କ୍ୟାଲେଣ୍ଡରରେ ବର୍ଷକ ୧୩ ମାସ ହୋଇଥାଏ। ଏଥିରେ ୧୨ ମାସରେ ୩୦ ଦିନ ଥିବାବେଳେ ଶେଷ ମାସରେ କେବଳ ପାଞ୍ଚ ବା ୬ ଦିନ ରହିଥାଏ। ତେବେ ଇଥୋପିଆରେ ୮ ବର୍ଷ ପଛରେ ରହିବା କାରଣରୁ ଏଠାକୁ ଆସୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

# ଆପ୍ ଛଡ଼ାଇବ ଧୂମପାନ

ସ୍ମାର୍ଟୱାଚ୍ ଏବେ ଲୋକଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ସମୟଠୁ ଆରମ୍ଭ କରି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସୂଚନା ସ୍ମାର୍ଟୱାଚ୍ ପ୍ରଦାନ କରୁଛି। ଏହି କ୍ରମରେ ଏଣିକି ଏହା ଲୋକଙ୍କୁ ଧୂମପାନ ବା ସିଗାରେଟ୍ ଛଡ଼ାଇବା ଅଭ୍ୟାସରେ ବି ସାହାଯ୍ୟ କରିବ। ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ଏକଥା କୁହାଯାଇଛି। ଏଠାକାର ଗବେଷକମାନେ ଏକ ମୋସନ୍ ସେନସର୍ ଆପ୍ ତିଆରି କରିଛନ୍ତି। ଧୂମପାନ କରିବା ସମୟରେ ଜଣକର ହାତର ଗତିବିଧି ଯେପରି ଥାଏ, ଏହା ତାକୁ ଚିହ୍ନଟ କରିଥାଏ। ସରଳ ଭାଷାରେ କହିଲେ, ବ୍ୟବହାରକାରୀ ନିଜ ହାତରେ ସିଗାରେଟ୍ ଧରିବା କଥାକୁ ଏହି ଆପ୍ ଜାଣିପାରିବ। ଏହା ଜଣାପଡ଼ିବା ମାତ୍ରେ ସ୍ମାର୍ଟୱାଚ୍‌ର ଏକ ସ୍କ୍ରିନ୍‌ରେ ମେସେଜ୍ ଦୃଷ୍ଟିଗୋଚର ହେବା ସହ ଭାଇବ୍ରେସନ୍ ହେବ। ମେସେଜ୍‌ରେ ଧୂମପାନ ଛାଡ଼ିବାର ଲାଭ ସମ୍ପର୍କରେ କୁହାଯାଇଥାଏ। ମେସଜ୍‌ରେ ଧୂମାପନ ଛାଡ଼ିବା ଦ୍ୱାରା ଶ୍ୱାସକ୍ରିୟା ସହଜ ହେବ ବୋଲି କୁହାଯାଇଥାଏ। ଉକ୍ତ ସ୍ମାର୍ଟୱାଚ୍ ଦିନରେ ଜଣେ କେତୋଟି ସିଗାରେଟ୍ ଟାଣି ସାରିଲେଣି ତାହା ମଧ୍ୟ ଜଣାଇ ଦେଇଥାଏ। ଅବଶ୍ୟ ଏହି ଆପ୍‌କୁ ପରିଚାଳନା କରିବା ପାଇଁ ସ୍ମାର୍ଟୱାଚ୍ ଯଥେଷ୍ଟ। ତେବେ ଏହି ଗବେଷଣା ପାଇଁ ୧୮ ଜଣଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ ଦିନକୁ ପାଖାପାଖି ୧୦ଟି ସିଗାରେଟ୍ ଟାଣୁଥିଲେ। ସେମାନେ ଏହି ଆପ୍ ଯୋଗୁଁ ଧୂମପାନ ଅଭ୍ୟାସ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ। ଏଥିରୁ ୬୦ ପ୍ରତିଶତରୁ ଅଧିକ ଲୋକଙ୍କ କହିବା କଥା ଆପ୍‌ରେ ଦୃଷ୍ଟିଗୋଚର ହେଉଥିବା ମେସେଜ ସେମାନଙ୍କ ଧୂପାନ ଅଭ୍ୟାସ ଛଡ଼ାଇବା ପାଇଁ ଯଥେଷ୍ଟ।



# ତ୍ୱଚା ପାଇଁ କ୍ଷତିକାରକ ବାୟୁ ପ୍ରଦୂଷଣ

ଦିନକୁ ଦିନ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ଏହା ଯୋଗୁଁ ସ୍ୱାସ୍ଥ୍ୟଜନିତ ନାନା ସମସ୍ୟା ପରିଲକ୍ଷିତ ହେଉଛି। ବିଶେଷ କରି ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ହେବାରେ ଲାଗିଛି। ନିକଟରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବାୟୁ ପ୍ରଦୂଷଣର ଅଧିକ ପ୍ରଭାବ ମନୁଷ୍ୟର ତ୍ୱଚା ଉପରେ ପଡୁଛି। ବିଶେଷକରି ଏହା ଯୋଗୁଁ ବହୁ ଚର୍ମଜନିତ ସମସ୍ୟା ବୃଦ୍ଧି ପାଉଛି। ଆମେରିକା ୟେଲ୍ ସ୍କୁଲ ଅଫ୍ ମେଡିସିନ୍ ଦ୍ୱାରା ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ଅଧିକ ବାୟୁ ପ୍ରଦୂଷଣ ଅଞ୍ଚଳରେ ରହୁଥିବା ଲୋକଙ୍କଠାରେ ଏକ୍‌ଜିମା ହେବାର ଆଶଙ୍କା ଅଧିକ। ଏହି ଅଧ୍ୟୟନରେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ଉପରେ ପ୍ରଦୂଷଣର ପ୍ରଭାବକୁ ପରୀକ୍ଷା କରାଯାଇଥିଲା। ଏହାର ଫଳାଫଳ ଅନୁଯାୟୀ, ଯେଉଁଠି ବାୟୁର ପିଏମ୍ ୨.୫ ସ୍ତର ଅଧିକ ରହିଥାଏ, ସେଠାରେ ରହୁଥିବା ଲୋକଙ୍କୁ ତ୍ୱଚା ଜନିତ ସମସ୍ୟା ତଥା ଏକ୍‌ଜିମା ହେବାର ଅଧିକ ଆଶଙ୍କା ରହିଥାଏ। ସେହିଭଳି ପିଏମ୍ ୨.୫ ଯାନବାହନ, କଳକାରଖାନା ଏବଂ ନିଆଁରୁ ନିର୍ଗତ ହେଉଥିବା ଛୋଟ କଣିକା ହୋଇଥାଏ। ଏହା ମଣିଷ କେଶରୁ ୩୦ ଗୁଣା ଛୋଟ ହୋଇଥାଏ। ସେହିପରି ଅଧ୍ୟୟନରେ ସାମିଲ ୪.୪ ପ୍ରତିଶତ ଲୋକ ଏକ୍‌ଜିମାରେ ପୀଡ଼ିତ ଥିଲେ। ଗବେଷକଙ୍କ ଅନୁସାରେ, ଏହି କଣିକା ସଂସ୍ପର୍ଶରେ ଆସିଥିବା ଲୋକଙ୍କଠାରେ ଏକ୍‌ଜିମାର ଅଧିକ ଆଶଙ୍କା ରହିଛି। ବାୟୁ ପ୍ରଦୂଷଣରୁ ଆମ ଶରୀର ଉପରେ ଅଧିକ ପ୍ରଭାବ ପଡ଼ିଥାଏ। ବାୟୁରେ ଥିବା ପ୍ରଦୂଷିତ କଣିକାଗୁଡ଼ିକ କେବଳ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରେ ନାହିଁ, ଏହା ରକ୍ତ ସଞ୍ଚାଳନରେ ବାଧା ଦେଇ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ତେବେ ଗବେଷକଙ୍କ ଅନୁସାରେ, ବାୟୁରେ ପିଏମ୍‌ଏ ୨.୫ ସ୍ତର ମାତ୍ର ୧୦ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟର ବୃଦ୍ଧି ପାଇଲେ, ଏକ୍‌ଜିମାର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ। ସେହିପରି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ଯେଉଁ ବାୟୁରେ ଆମେ ଶ୍ୱାସକ୍ରିୟା କରୁ ତାହା ତ୍ୱଚା ଉପରେ ମଧ୍ୟ ପ୍ରଭାବ ପକାଇଥାଏ।



# କଫି ଦୂରକରେ ଡିମେନ୍‌ସିଆ



ସାଧାରଣତଃ କଫି ପିଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହା କେବଳ ନିଦକୁ ଦୂର କରି ସତେଜ ଅନୁଭୂତି ଦେଇଥାଏ ତାହା ନୁହେଁ, ଏହା ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଭଲ ହୋଇଥାଏ। ତେବେ ସ୍ୱିଜରଲ୍ୟାଣ୍ଡର ୟୁନିଭର୍ସିଟି ହସ୍ପିଟାଲ ଜୁରିଖର ବିଶେଷଜ୍ଞମାନେ ନିକଟରେ କରିଥିବା ଏକ ଅଧ୍ୟୟନରୁ କହିଛନ୍ତି ଯେ, କଫି ଦ୍ୱାରା ଡିମେନ୍‌ସିଆ ଆଶଙ୍କା ହ୍ରାସ ପାଇଥାଏ। ଏପରିକି ବ୍ୟକ୍ତି ଆଟ୍ରିଆଲ ଫିବ୍ରିଲେସନରେ ପୀଡ଼ିତ ଥିଲେ ମଧ୍ୟ ସୁଫଳ ମିଳିଥାଏ। ତେବେ ଏହି ଅଧ୍ୟୟନରେ ଆଟ୍ରିଆଲ ଫିବ୍ରିଲେସନରେ ପୀଡ଼ିତ ୨୪୧୩ ରୋଗୀ ସାମିଲ ହୋଇଥିଲେ। ଏଥିରେ ପୀଡ଼ିତ ବ୍ୟକ୍ତିଙ୍କର ହୃଦ୍‌ସ୍ପନ୍ଦନ ଅସାମାନ୍ୟ ହୋଇଥାଏ। ଆଟ୍ରିଆଲ ଫିବ୍ରିଲେସନକୁ ସର୍ବଦା ଡିମେନ୍‌ସିଆ ତଥା ସ୍ମରଣଶକ୍ତି ସହ ଜଡ଼ିତ ସମସ୍ୟାର କାରଣ ଭାବେ ଦର୍ଶାଯାଏ। ଅଧ୍ୟୟନର ନିଷ୍କର୍ଷ ଅନୁଯାୟୀ, ଯେଉଁ ଲୋକମାନେ ଦୈନିକ ପାଞ୍ଚ କପ୍ କଫି ପିଅନ୍ତି, ସେମାନଙ୍କର କଗ୍ନିଟିଭ ଫଙ୍କସନ ଉନ୍ନତ ରହିଥିଲା। ସେହିପରି ଏହି ଲୋକମାନେ ସ୍ମରଣଶକ୍ତି, ଧ୍ୟାନ ସହ ଜଡ଼ିତ ପରୀକ୍ଷାରେ ୧୧ ପ୍ରତିଶତ ଅଧିକ ସ୍କୋର କରିଥିଲେ। ଏହି ଅଧ୍ୟୟନର ପ୍ରମୁଖ ଲେଖକ ପ୍ରୋ.ଜର୍ଗ ଏଚ୍ ବିୟରଙ୍କ କହିବାନୁଯାୟୀ, କଫିର ଅନେକ ଉପକାରିତା ରହିଛି। ଆମେ ଯେଉଁ ଗବେଷଣା କରିଛୁ, ସେଥିରେ ଏହା ଆଟ୍ରିଆଲ ଫିବ୍ରିଲେସନ ଯୋଗୁଁ ହେଉଥିବା ମାନସିକ ସମସ୍ୟାକୁ ଦୂର କରିଥାଏ। ତେବେ କଫି କିପରି ଦୀର୍ଘ ସମୟ ଧରି ମାନସିକ ସମସ୍ୟାକୁ ଦୂରେଇ ଦେବ ସେନେଇ ଆହୁରି ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



# ପିଲା ହେଉଛନ୍ତି ମୋଟା ଜଙ୍କଫୁଡ୍ ବିଜ୍ଞାପନକୁ ନା’

ସମ୍ପ୍ରତି ପିଲାମାନେ ଘର ଖାଦ୍ୟ ଅପେକ୍ଷା ବାହାର ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ପିଜା, ବର୍ଗର, ରୋଲ୍, ଚାଓମିନ୍, ପେଷ୍ଟ୍ରି, କୁକିଜ୍, ଆଇସକ୍ରିମ୍ ଆଦି ପିଲାଙ୍କ ପ୍ରଥମ ପସନ୍ଦ ପାଲଟିଛି। ହେଲେ ପାଟିକୁ ସୁଆଦିଆ ଲାଗୁଥିବା ଏହି ଖାଦ୍ୟ ପିଲାଙ୍କ ପାଇଁ ବହୁତ କ୍ଷତିକାରକ। ଏହି ସବୁ ଖାଦ୍ୟ ଯୋଗୁଁ କମ୍ ବୟସର ପିଲାମାନଙ୍କ ଠାରେ ମୋଟାପଣ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ଏଥିପାଇଁ ଅଧିକାଂଶ କ୍ଷେତ୍ରରେ ଟିଭିରେ ପ୍ରଦର୍ଶିତ କରାଯାଉଥିବା ବିଜ୍ଞାପନ ମଧ୍ୟ ଦାୟୀ। ଫାଷ୍ଟଫୁଡ୍ ସେବନ କରି ବ୍ରିଟେନ୍‌ର ମୋଟାପଣରେ ଆକ୍ରାନ୍ତ ହେଉଥିବା ପିଲାଙ୍କ ସଂଖ୍ୟା ଅଧିକ। ଏଠାରେ ଚାରିବର୍ଷ ବୟସର ଦଶଜଣ ପିଲାଙ୍କ ମଧ୍ୟରୁ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ। ସେହିପରି ପାଞ୍ଚ ବର୍ଷ ବୟସର ପ୍ରତି ପାଞ୍ଚଜଣ ପିଲାଙ୍କ ମଧ୍ୟରୁ ଜଣେ ଦନ୍ତକ୍ଷୟ ଜନିତ ରୋଗରେ ଆକ୍ରାନ୍ତ। ତେଣୁ ଫାଷ୍ଟଫୁଡ୍ ଯୋଗୁଁ ବ୍ରିଟେନ୍‌ରେ ପିଲାଙ୍କ ଠାରେ ଦେଖାଯାଉଥିବା ସମସ୍ୟାର ସମାଧାନ ଖୋଜିବାକୁ ସ୍ଥାନୀୟ ସରକାର ଏକ ନିଆରା ପଦକ୍ଷେପ ହାତକୁ ନେଇଛନ୍ତି। ଏଥିପାଇଁ ଗ୍ରେନୁଲା, ମଫିନ୍ସ, ବର୍ଗର ଏବଂ ଏନର୍ଜି ଡ୍ରିଙ୍କ ତଥା ଜଙ୍କଫୁଡ୍‌ଯୁକ୍ତ ବିଜ୍ଞାପନକୁ ଦିନବେଳା ଟିଭିରେ ନ ଦେଖାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜଙ୍କ୍‌ଫୁଡ ଠାରୁ ପିଲାଙ୍କୁ ଦୂରେଇ ରଖିବାରେ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ନୂଆ ନିୟମ ଲାଗୁ ହେବା ପରେ ଖାଦ୍ୟପେୟ ଜନିତ ବିଜ୍ଞାପନ କେବଳ ରାତି ୯ଟା ସମୟରେ ଦେଖିବାକୁ ମିଳିବ। ତେବେ ଆସନ୍ତା ଅକ୍ଟୋବର ମାସରୁ ଏହି ନିୟମ ଲାଗୁ କରାଯିବ। ଏହି ନିୟମ ଲାଗୁ ହେବା ପରେ ବାର୍ଷିକ ୨୦ ହଜାର ପିଲା ମୋଟାପଣରୁ ମୁକ୍ତ ହୋଇପାରିବେ। ତେବେ ଏଭଳି ବିଜ୍ଞାପନ ଉପରେ କଟକଣା ଲଗାଗଲେ ପିଲାମାନେ ମଧ୍ୟ ଜଙ୍କଫୁଡ୍ ସେବନ କରିବାରୁ ନିବୃତ୍ତ ରହିବେ।

## ଆଜିର ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟ ଆଗକୁ ବଢ଼ାଇ ପାରନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି। ସମୟର ସଦୁପଯୋଗ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବୃଷ:** ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଆଶାରୁ ଅଧିକ ସଫଳତା ଲାଭ କରିବେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଅଯଥା କଥା କହି ଅପ୍ରିୟ ହେବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଆରମ୍ଭ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଶହେ ଥର ଚିନ୍ତା କରନ୍ତୁ। ଦୂର ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ନିବେଶ କରିବାକୁ ବର୍ତ୍ତମାନ ଭଲ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ପୁରୁଣା କଥାକୁ ମନେ ପକାଇ କଷ୍ଟ ପାଇପାରନ୍ତି।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ଧାର୍ମିକ ଓ ସମାଜସେବାରେ ସମୟ ବିତାଇବେ।

**କନ୍ୟା:** ଅଟକି ଥିବା ଅର୍ଥ ଫେରିପାଇବେ। ନିଜ ପାଇଁ ସମୟ ବାହାର କରିବେ। ଗୁରୁଜନଙ୍କ ଆଶିର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ।

**ତୁଳା:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ସହକର୍ମୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭବାନ ହେବେ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ନୂତନ ବ୍ୟବସାୟ ପାଇଁ ମନ ବଳାଇବେ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ହେବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜି ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ।

**ମୀନ:** ରାଜନୀତିରେ ଯୋଗ ଦେବେ। ନୂତନ ଚାକିରି ପାଇଁ ମନ ବଳାଇବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତା କରିବେ। ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ। ଦାନ ଧର୍ମ କରନ୍ତୁ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ମିନତୀ ସାଇକ୍ଲିଂ ଭେଲୋଡ୍ରୋମ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୮ ।୧ (ସମିସ): ଓଡ଼ିଶାର ସାଇକଲ୍ ଚାଳକଙ୍କ ଲାଗି ଖୁସି ଖବର। ରାଜ୍ୟର ପ୍ରଥମ ସାଇକ୍ଲିଂ ଭେଲୋଡ୍ରୋମ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ବିଜୟିନୀ ସାଇକ୍ଲିଷ୍ଟ ମିନତୀ ମହାପାତ୍ରଙ୍କ ସମ୍ମାନାର୍ଥେ ଏହାର ନାମ ମିନତୀ ସାଇକ୍ଲିଂ ଭେଲୋଡ୍ରୋମ ରଖାଯାଇଛି। ଏହି ସାଇକ୍ଲ ଟ୍ରାକ୍‌ର ଲମ୍ବ ୨୫୦ ମିଟର ରହିଛି। ଭାରତରେ ୨୫୦ ମିଟର ଲମ୍ବବିଶିଷ୍ଟ ଏହା ପ୍ରଥମ ସାଇକ୍ଲିଂ ଭେଲୋଡ୍ରୋମ ବୋଲି କୁହାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଅର୍ଜୁନ ପୁରସ୍କାର ବିଜୟିନୀ ସାଇକ୍ଲିଷ୍ଟ ମିନତୀ ମହାପାତ୍ର, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ସାଇକଲ୍ ଚାଳନା କରି ଏହାକୁ ଉଦ୍‌ଘାଟନ କରିଥିଲେ।



### ଇଣ୍ଡିଆନ ସୁପର ଲିଗ୍ | ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ମୁକାବିଲା ଆଜି

ଚେନ୍ନଇ,୮ ।୧(ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଏକାଦଶ ସଂସ୍କରଣରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଫୁଟବଲ କ୍ଲବ (ଓଏଫ୍‌ସି) ଓ ଚେନ୍ନାଇ ଏଫସି ପରସ୍ପରକୁ ଭେଟିବେ। ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଓଡ଼ିଶା ଟ୍ରାକ୍‌କୁ ଫେରିବା ଲକ୍ଷ୍ୟରେ ରହିଛି। ଗତ ୪ ତାରିଖରେ ଓଡ଼ିଶା ଘରୋଇ ପରିବେଶରେ ୨-୪ ଗୋଲରେ ଏଫସି ଗୋଆଠାରୁ ପରାସ୍ତ ହୋଇଥିଲା। ଏପର୍ଯ୍ୟନ୍ତ ଓଡ଼ିଶା ୧୪ଟି ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ଡ୍ର ସହ ୪ଟି ପରାଜୟ ବରଣକରି ୨୦ ପଏଣ୍ଟ ପାଇ ତାଲିକାର ୭ମ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନଇ ସମାନ ୧୪ ମ୍ୟାଚ୍ ଖେଳି ୪ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୧୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛି। ଦୁଇ ଦଳ ପରସ୍ପରକୁ ଏପର୍ଯ୍ୟନ୍ତ ୧୧ଥର ଭେଟିଛନ୍ତି। ଏଥିରେ ଓଡ଼ିଶା ୩ ଓ ଚେନ୍ନାଇନ୍ ୪ଟିରେ ବିଜୟ ହାସଲ କରିଥିବା ବେଳେ ୪ଟି ମ୍ୟାଚ୍ ଅମୀମାଂସିତ ରହିଛି। ଏହି ମ୍ୟାଚ୍‌ରେ ଆମେ ଭଲ ପ୍ରଦର୍ଶନ କରିବୁ ଓ ଚେନ୍ନାଇନ୍ ଚ୍ୟାଲେଞ୍ଜକୁ ପ୍ରତିହତ କରିବୁ ବୋଲି ଓଡ଼ିଶା କୋଚ୍ ସର୍ଗିଓ ଲୋବେରା କହିଛନ୍ତି।

■ ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ

## ଓଡ଼ିଶାର ହ୍ୟାଟ୍ରିକ ବିଜୟ

କଟକ,୮ ।୧(ସମିସ): ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଲିଗ୍‌ରେ ଓଡ଼ିଶା ୭ ୱିକେଟରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶାର ଏହା ଲଗାତର ୩ୟ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ୧୦୬ ରନରେ ଅଲଆଉଟ ହୋଇଥିଲା। ଉତ୍ତରାଖଣ୍ଡର ସୋନା ସର୍ବାଧିକ ୨୯ ରନ କରିଥିବାବେଳେ ଓଡ଼ିଶାର ଏସବି ଲରେନ୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ୩୨ ଓଭରରେ ୩ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅର୍ଚ୍ଚନା ରାଉତ ୪୬ ଏବଂ ପ୍ରିୟଙ୍କାରୀ ମୁଦୁଲି ୨୪ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

● ଜାତୀୟ ବାସ୍କେଟବଲ୍

## ୪ର୍ଥ ବିଜୟ ସହ ଗ୍ରୁପ ଶୀର୍ଷରେ ଓଡ଼ିଶା

କଟକ,୮ ।୧(ସମିସ): ଗୁଜରାଟରେ ଚାଲିଥିବା ୭୪ତମ ଜାତୀୟ ସିନିଅର ବାସ୍କେଟବଲ ଚାମ୍ପିଅନସିପ୍‌ରେ ଓଡ଼ିଶା ଲିଗ୍ ପର୍ଯ୍ୟାୟରେ ୪ଟି ଯାକ ମ୍ୟାଚ୍ ଜିତି ଗ୍ରୁପ-ସି ଶୀର୍ଷରେ ରହିଛି। ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ ନିମନ୍ତେ ଗୁରୁବାରଉତ୍ତରପ୍ରଦେଶବିପକ୍ଷରେଦଳଯୋଗ୍ୟତାପର୍ଯ୍ୟାୟମ୍ୟାଚଖେଳିବ। ବୁଧବାରଅନୁଷ୍ଠିତ ୪ର୍ଥଲିଗ୍‌ରେଓଡ଼ିଶା ୭-୫୫ ପଏଣ୍ଟରେତେଲେଙ୍ଗାନାକୁ ହରାଇଥିଲା। ଅଧିନାୟକ ଶାହିଦ ଖାନ ସର୍ବାଧିକ ୨୬ ପଏଣ୍ଟ ସ୍କୋର କରିଥିଲେ। ଲିଗ୍ ପର୍ଯ୍ୟାୟର ପ୍ରଥମ ତିନୋଟି ମ୍ୟାଚ୍‌ରେ ଓଡ଼ିଶା ଯଥାକ୍ରମେ ବିହାର, ପୁଡୁଚେରୀ ଏବଂ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଥିଲା।

● ଆନ୍ତଃସ୍କୁଲ କ୍ରିକେଟ୍

## କେଟି ଗ୍ଲୋବାଲ, ଓଡିଏମ୍ ବିଜୟୀ

ଭୁବନେଶ୍ୱର, ୮ ।୧ (ସମିସ): ଭେଟେରାନ କ୍ରିକେଟ୍ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍‌ରେ ବୁଧବାର ୨ଟି ମ୍ୟାଚ୍ ଖେଳାଯାଇଛି। ସ୍ଥାନୀୟ ହାଇଷଟକ୍ ମେଡିକାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଯଥାକ୍ରମେ କେଟି ଗ୍ଲୋବାଲ ଓ ଓଡିଏମ୍ ସ୍କୁଲ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ କେଟି ଗ୍ଲୋବାଲ ୬୫ ରନରେ ଡିଏଭି (ଚନ୍ଦ୍ରଶେଖରପୁର)କୁ ପରାସ୍ତ କରିଥିଲା। ନିଶିକାନ୍ତ ରାଓଙ୍କ ୪୫ ରନ ବଳରେ ପ୍ରଥମେ ବ୍ୟାଟିଂ କରି କେଟି ଗ୍ଲୋବାଲ ୨୨ ଓଭରରେ ୧୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ପ୍ରତିପକ୍ଷ ବୋଲର ମନୀଷ ଦାସ ଓ ପ୍ରତିକ୍ଷିତ ପ୍ରଧାନ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଡିଏଭି ପ୍ରତୀକଙ୍କ ୪୩ ରନ ସତ୍ତ୍ୱେ ୨୪.୪ ଓଭରରେ ୧୦୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ନିଶିକାନ୍ତ ୨ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ୨ୟ ମ୍ୟାଚରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲକୁ ଓଡିଏମ୍ ସ୍କୁଲ ହରାଇଦେଇଛି। ବିଜୟୀ ଦଳର ବିଷ୍ଣୁପ୍ରକାଶ ସାମନ୍ତରାୟ ୩ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଆଇଟିଏଫ୍ ଟାଏକ୍ୱୋଣ୍ଡୋରେ ଓଡ଼ିଶାକୁ ୧୮ ପଦକ

ଭୁବନେଶ୍ୱର, ୮ ।୧ (ସମିସ): ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଗୋଆରେ ଅନୁଷ୍ଠିତ ୩୯ତମ ଜାତୀୟ ଆଇଟିଏଫ୍ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ୧୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୨ଟି କାଂସ୍ୟ ପଦକ ରହିଛି। ସେମାନଙ୍କ ମଧ୍ୟରେ ଅନୀତା ଡୋରା ଓ ଆର୍ଯ୍ୟନ ବେହେରା ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କଳିଙ୍ଗ ଯୋଦ୍ଧା ଟାଏକ୍ୱୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ବିଶ୍ୱଜିତ୍ ଦାସ ଓ କୁଳଦୀପ୍ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୧୩ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏହି ସଫଳତା ଲାଗି କଳିଙ୍ଗ ଯୋଦ୍ଧା ଏକାଡେମୀର ସଭାପତି ବଦ୍ରିନାଥ ପଟ୍ଟନାୟକ, ଉପସଭାପତି ସୁଶାନ୍ତ ସାହୁ, ପ୍ରଶିକ୍ଷକ ଲକ୍ଷ୍ମୀପ୍ରସାଦ ନାୟକ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ହକି ଇଣ୍ଡିଆ ଲିଗ୍-୬

## ଜାନ୍‌ସେନ୍‌ଙ୍କ ହ୍ୟାଟ୍ରିକ୍‌ରେ ଗୋନାସିକା ପରାସ୍ତ

ରାଉରକେଲା,୮ ।୧(ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଷଷ୍ଠ ସଂସ୍କରଣରେ ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ୬-୫ ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଶେଷ ପର୍ଯ୍ୟନ୍ତ ରୋମାଞ୍ଚ ଦେଖିବାକୁ ମିଳିଥିଲା। ଡ୍ରାଗନ୍ସ ତରଫରୁ ନେଦରଲାଣ୍ଡସ ଡିଫେଣ୍ଡର ଜିପ୍ ଜାନସେନ୍ ୧୯, ୩୩ ଓ ୫୦ତମ ମିନିଟ୍‌ରେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଡ୍ରାଗନ୍ସ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଅଭାରନ ସୁଦେବ ୧୫, ନାଥନ ଏଫ୍ରାମସ ୫୫ ମିନିଟ୍‌ରେ ଗୋଲ ସ୍କୋର କରିଥିବା ବେଳେ କାର୍ଥୀ ସେଲବମ ୫୯ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଜିତାଇଥିଲେ। ଅନ୍ୟପଟେ ଗୋନାସିକା ତରଫରୁ ଅରାଇଜିତ ସିଂ ହୁଣ୍ଡାଲ ୫ ଓ ୭ମ ମିନିଟ୍‌ରେ ଦୁଇଟି, ନିକ୍କିନ ଥିମାୟା ୩୯, ଷ୍ଟୁଆନ ୱାକର ୪୩ ଓ କ୍ଲେମେଣ୍ଟ ଟିମୋଥି ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ।



### ତୁଫାନ୍ସର ପ୍ରଥମ ବିଜୟ

ଏଚ୍‌ଆଇଏଲ୍‌ରେ ହାଇଦରାବାଦ ତୁଫାନ୍ସ ୩ଟି ମ୍ୟାଚ୍ ଖେଳିବା ପରେ ପ୍ରଥମ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ତୁଫାନ୍ସ ୩-୦ ଗୋଲରେ ୟୁପି ରୁଦ୍ରସକୁ ପରାସ୍ତ କରିଛି। ତୁଫାନ୍ସ ତରଫରୁ ଜଚାରୀ ୱାଲାସ ଷଷ୍ଠ, ରାଜିନ୍ଦର ସିଂହ ୧୪, ଶୀଳାନନ୍ଦ ଲାକ୍ରା ୩୨ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ରୁଦ୍ର ଗୋଲ ଦେବାକୁ ସକ୍ଷମ ହୋଇ ନଥିଲା।

### ରେକର୍ଡ ୧୦ କୋଟି ଟଙ୍କା ପୁରସ୍କାର

ଏଚ୍‌ଆଇଏଲ୍‌ରେ ଏଥର ରେକର୍ଡ ୧୦ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ପୁରୁଷ ଲିଗ୍‌ର ଚାମ୍ପିଅନ ଦଳକୁ ୩ କୋଟି, ରନର୍ସଅପ୍ ଦଳକୁ ୨ କୋଟି ଓ ୩ୟ ସ୍ଥାନିତ ଦଳକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯିବ। ସେହିପରି ମହିଳା ଲିଗ୍‌ର ଚାମ୍ପିଅନ ଦଳକୁ ୧.୫ କୋଟି, ରନର୍ସଅପକୁ ୧ କୋଟି ଓ ୩ୟ ସ୍ଥାନିତ ଦଳକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଗପ୍ଟିଲଙ୍କ ଅଲ୍‌ବିଦା

ହାମିଲଟନ, ୮ ।୧ (ଏଜେନ୍ସି): ବିଶ୍ୱର ଅନ୍ୟତମ ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟର୍ ନ୍ୟୁଜିଲାଣ୍ଡର ମାର୍ଟିନ ଗପ୍ଟିଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ୩୮ ବର୍ଷୀୟ ଏହି କ୍ରିକେଟର୍ ଶେଷଥର ଲାଗି ୨୦୨୨ରେ ବାଂଲାଦେଶ ବିପକ୍ଷ ଟି-୨୦ରେ ନ୍ୟୁଜିଲାଣ୍ଡ ପାଇଁ ପ୍ରତିନିଧିତ୍ୱ କରିଥିଲେ। 'ଯୁବାବସ୍ଥାରୁ ନ୍ୟୁଜିଲାଣ୍ଡ ପାଇଁ ଖେଳିବାର ସ୍ୱପ୍ନ ଥିଲା। ମୁଁ ମୋ ଦେଶ ପାଇଁ ୩୬୭ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିବାରୁ ନିଜକୁ ଭାଗ୍ୟବାନ ଓ ଗର୍ବିତ ଅନୁଭବ କରୁଛି' ବୋଲି ଗପ୍ଟିଲ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି।



୨୦୦୯ ଜାନୁଆରୀ ୧୦ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକଦିବସୀୟ ମ୍ୟାଚ୍ ଖେଳି ଗପ୍ଟିଲ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୩ ବର୍ଷର କ୍ୟାରିୟରରେ ଗପ୍ଟିଲ ନ୍ୟୁଜିଲାଣ୍ଡ ପାଇଁ ୧୯୮ ଏକଦିବସୀୟ, ୧୨୨ ଟି-୨୦ ଓ ୪୭ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ସେ ଯଥାକ୍ରମେ ୭୩୪୬, ୩୫୩୧ ଓ ୨୫୮୬ ରନ ସଂଗ୍ରହ କରିଛନ୍ତି। ଏହି ୩ଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ମୋଟ୍ ୨୩ ଶତକ ସହ ୭୬ଟି ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ତେବେ ୨୦୧୯ ବିଶ୍ୱକପ୍ ସେମିଫାଇନାଲରେ ଭାରତର ମହେନ୍ଦ୍ର ସିଂ ଧୋନିଙ୍କୁ ରନ ଆଉଟ୍ କରି ଗପ୍ଟିଲ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଯେଉଁଥି ପାଇଁ ଭାରତୀୟ କ୍ରିକେଟପ୍ରେମୀଙ୍କ ନିକଟରେ ସେ ବେଶ୍ ପରିଚିତ ଥିଲେ।

### ସଂକ୍ଷେପରେ ରେକର୍ଡ

- ରସ୍ ଟେଲର (୮୬୦୭) ଓ ଷ୍ଟିଫେନ ଫ୍ଲେମିଂ (୮୦୦୭)ଙ୍କ ପରେ ଗପ୍ଟିଲ (୭୩୪୬) ଏକଦିବସୀୟ କ୍ରିକେଟ୍‌ରେ ନ୍ୟୁଜିଲାଣ୍ଡ ପାଇଁ ୩ୟ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍।
- ୨୦୧୫ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗପ୍ଟିଲ ୨୩୭ ରନର ପାଳି ଖେଳିଥିଲେ। ଏକଦିବସୀୟ ବିଶ୍ୱକପ୍ ଇତିହାସରେ ଏହା ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର।
- ଏକଦିବସୀୟ କ୍ରିକେଟ୍ ଇତିହାସରେ ଏକମାତ୍ର ବ୍ୟାଟର୍ ଭାବେ ୩ଥର ୧୮୦ରୁ ଊର୍ଦ୍ଧ୍ୱ ଅପରାଜିତ ପାଳି ଖେଳିଛନ୍ତି। ୨୦୧୩ରେ ଇଂଲଣ୍ଡ (୧୮୯), ୨୦୧୫ରେ ୱେଷ୍ଟଇଣ୍ଡିଜ (୨୩୭) ଓ ୨୦୧୭ରେ ଦକ୍ଷିଣ ଆଫ୍ରିକା (୧୮୦) ବିପକ୍ଷରେ ଏହି ବିଧ୍ୱଂସୀ ବ୍ୟାଟିଂ କରିଥିଲେ।

■ ଥିକ୍‌ସାନାଙ୍କ ହ୍ୟାଟ୍ରିକ୍ ବୃଥା

## ନ୍ୟୁଜିଲାଣ୍ଡ ସିରିଜ୍ ବିଜୟୀ



ହାମିଲଟନ, ୮ ।୧ (ଏଜେନ୍ସି): ସ୍ପିନର ମହିଶ ଥିକ୍‌ସାନାଙ୍କ ହ୍ୟାଟ୍ରିକ ୱିକେଟ୍ ସଫଳତା ସତ୍ତ୍ୱେ ଏଠାରେ ବୁଧବାର ଖେଳାଯାଇଥିବା ୨ୟ ଏକଦିବସୀୟରେ ଘରୋଇ ନ୍ୟୁଜିଲାଣ୍ଡ ୧୧୩ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୯ ୱିକେଟ୍‌ରେ ଜିତିଥିବା ନ୍ୟୁଜିଲାଣ୍ଡ ଦଳ ଏଥିସହ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଅକ୍‌ଲାଣ୍ଡରେ ଖେଳାଯିବ। ଏହି ମ୍ୟାଚ୍ ବର୍ଷା ଲାଗି ୩୭ ଓଭରବିଶିଷ୍ଟ କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର୍ ରାଚିନ ରବୀନ୍ଦ୍ର (୭୯)ଙ୍କ ସହ ମାର୍କ ଚାପମାନ (୬୨)ଙ୍କ ଅର୍ଦ୍ଧଶତକୀୟ ପାଳି ଦଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍ ହରାଇ ୨୫୫ ରନ କରିପାଥିଲା। ଶ୍ରୀଲଙ୍କା ପକ୍ଷରୁ ସଫଳ ବୋଲର ଭାବେ ଥିକସାନା ହ୍ୟାଟ୍ରିକ ସହ ୪ଟି ୱିକେଟ୍ ନେଇଥିଲେ। ଜବାରେ ଶ୍ରୀଲଙ୍କା ୩୦.୨ ଓଭରରେ ୧୪୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

## ସନ୍ତୋଷ ଟ୍ରଫି ବିଜୟୀ ଖେଳାଳିଙ୍କୁ ଏଏସ୍‌ଆଇ ଚାକିରି

କୋଲ୍‌କାତା, ୮ ।୧ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲ ସମ୍ମାନଜନକ ପ୍ରତିଯୋଗିତାର ୭୮ତମ ସଂସ୍କରଣ ନିକଟରେ ଶେଷ ହୋଇଥିଲା। ଯେଉଁଥିରେ ବେଙ୍ଗଲ ୧-୦ ଗୋଲରେ କେରଳକୁ ପରାସ୍ତ କରି ରେକର୍ଡ ୩୩ଥର ଲାଗି ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଦଳକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ସହ ସମସ୍ତ ୨୨ଜଣ ଖେଳାଳିଙ୍କୁ କୋଲକାତା ପୁଲିସରେ ଆସିଷ୍ଟାଣ୍ଟ ସବ୍-ଇନସ୍ପେକ୍ଟର (ଏଏସ୍‌ଆଇ) ଚାକିରି ପ୍ରଦାନ କରାଯିବା ନେଇ ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ ଘୋଷଣା କରିଛନ୍ତି।

### ୧୩ରୁ ଖୋ ଖୋ ବିଶ୍ୱକପ୍ | ଦାୟିତ୍ୱ ନେବେ ୫ ଓଡ଼ିଆ ବୈଷୟିକ ଅଧିକାରୀ




ଭୁବନେଶ୍ୱର,୮ ।୧(ସମିସ): ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୧୩ରୁ ୧୯ ତାରିଖ ମଧ୍ୟରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆୟୋଜନ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ଓଡ଼ିଶାର ୫ ଜଣ ବୈଷୟିକ ଅଧିକାରୀ ଦାୟିତ୍ୱ ନେବେ। ଖୋ ଖୋ ଫେଡେରେସନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ପକ୍ଷରୁ ଓଡ଼ିଶାର ୫ ଅଧିକାରୀ ଓ ଟେକ୍‌ନିକାଲ ଅଫିସରଙ୍କୁ ବିଭିନ୍ନ ପଦବୀ ନିଯୁକ୍ତି ଦିଆଯାଇଛି। କେକେଏଫ୍‌ଆଇ ସଭାପତି ସୁଧାଂଶୁ ମିତ୍ତଲ ଓ ସମ୍ପାଦକ ଏମ୍‌ଏସ୍ ତ୍ୟାଗୀ ବୁଧବାର ଏନେଇ ସୂଚନା ଦେଇଛନ୍ତି। ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ବିଶ୍ୱକପ୍‌ର ରେଫରୀ ବୋର୍ଡ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେହିପରି ପାର୍ଥସାରଥୀ ମହାପାତ୍ର, ଆକାଶ ରଣା, କ୍ରିଷ୍ଣା କୁମାରୀ ରାୟ ଓ ଶ୍ରଦ୍ଧାମୟୀ ରାଉତ୍‌ଙ୍କୁ ଅନ୍ତର୍ଜାତୀୟ ଟେକନିସିଆଲ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ରାଜ୍ୟ ଖୋ ଖୋ ସଂଘ ତରଫରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

## ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଘାଟିତ



ଭୁବନେଶ୍ୱର,୮ ।୧(ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଫୁଟବଲ ଲିଗ୍ ବୁଧବାର ଉଦ୍‌ଘାଟିତ ହୋଇଛି ଓ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗରେ ଉପସଚିବ ସୋନାଲୀ ଚାନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ନୀତା ଫୁଟବଲ ଏକାଡେମୀର ଅଧ୍ୟକ୍ଷ ସୁବ୍ରତ ଦାସ, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପ-ସଭାପତି ବିଜୟ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ, ଯୁଗ୍ମ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶା ବରିଷ୍ଠ ମହିଳା ଫୁଟବଲ ଦଳ ମୁଖ୍ୟ କୋଚ୍ ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ସୁଭଦ୍ରାଙ୍କ ୪ ଗୋଲ୍

ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ଓ ନୀତା ଫୁଟବଲ ଏକାଡେମୀ ପରସ୍ପରକୁ ଭେଟିଥିଲେ ଓ ଏହା ୧-୧ ଗୋଲରେ ଅମୀମାଂସିତ ରହିଥିଲା। ସ୍ପୋର୍ଟ୍ସ ଓଡ଼ିଶା ତରଫରୁ ବନ୍ଦନା ନାଏକ ୧୫ତମ ମିନିଟ୍ ଗୋଲ ଦେଇଥିବା ବେଳେ ନୀତା ପକ୍ଷରୁ ଅନ୍ତିମ ମୁହୂର୍ତ୍ତରେ ତଥା ଇଞ୍ଜୁରୀ ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ଶିଖା ମଲ୍ଲିକ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୮-୦ ଗୋଲରେ ଯୋଡାର ଟାଟା ଷ୍ଟିଲ ଫାଉଣ୍ଡେସନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ତରଫରୁ ସୁଭଦ୍ରା ସାହୁ ୩୦, ୫୪, ୫୭ ଓ ୭୭ ମିନିଟ୍‌ରେ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ଶ୍ରୀଜଙ୍ଗା ତମାଙ୍ଗ୍ ୪୮ ଓ ୬୦ତମ ମିନିଟ୍‌ରେ ଦୁଇଟି, ବନ୍ୟା କବିରାଜ ୧୭ ଓ ସୁମିତ୍ରା ହେମ୍ବ୍ରମ୍ ୭୫ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

### କିଏ ପିନ୍ଧିବ ଓସିଏ ସଭାପତି ମୁକୁଟ | 'ଚର୍ଚ୍ଚାରେ ଲଳିତେନ୍ଦୁ ଆଗରେ'

କଟକ,୮।୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସଭାପତି ପଦ ଫାଙ୍କା ପଡ଼ିବା ପରେ ଏକାଧିକ ନାମ ଏବେ ଚର୍ଚ୍ଚାକୁ ଆସିଲାଣି। ଫେବୃଆରୀରେ ସଭାପତି ପଦ ନିମନ୍ତେ ନିର୍ବାଚନ ହେବା ନିଶ୍ଚିତ। ତେବେ ସଭାପତି ଦୌଡ଼ରେ ପୂର୍ବତନ କ୍ରିକେଟର ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନାମ ସବୁଠାରୁ ଆଗରେ ରହିଛି। ବେବି ନାମରେ ପରିଚିତ ଲଳିତେନ୍ଦୁଙ୍କୁ ଏହି ଆସନରେ ଅବସ୍ଥାପିତ କରିବା ପାଇଁ ଓସିଏର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟ ଆଗଭର ଥିବା ଜଣାପଡ଼ିଛି।

ଗତ ୨୯ରେ ଓସିଏର ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ପତ୍ର ପ୍ରଦାନ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ଆସନ୍ତା ନଭେମ୍ବରରେ ଓସିଏର କର୍ମକର୍ତ୍ତା ନିର୍ବାଚନ ପୂର୍ବରୁ ଫେବୃଆରୀରେ କେବଳ



ସଭାପତି ପଦ ପାଇଁ ନିର୍ବାଚନ କରାଯିବ। ଏଣୁ ୮ ମାସ ପାଇଁ କିଏ ଏହି ମର୍ଯ୍ୟାଦାଜନକ ପଦରେ ଅବସ୍ଥାପିତ ହେବେ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇ ସାରିଛି। ଧୀରେନ ପଲାଇ ଏବଂ ଅଭିଜିତ ପାଲଙ୍କ ନାମ ଶୁଣିବାକୁ ମିଳୁଥିଲେ ସୁଦ୍ଧା ଲଳିତେନ୍ଦୁଙ୍କୁ ସଭାପତି କରିବା ପାଇଁ ଏକାଧିକ କ୍ରୀଡ଼ା ସଙ୍ଗଠକ ଇଚ୍ଛା କରୁଥିବା ଜଣାପଡ଼ିଲାଣି। ଏପରିକି ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଉତ୍ସବରେ ଲଳିତେନ୍ଦୁ ଅତିଥି ଭାବେ ଯୋଗ ଦେବା ଅବସରରେ ଏନେଇ ସମ୍ୟକ ସୂଚନା ଦେଇଥିଲେ। ରାଜ୍ୟ କ୍ରୀଡ଼ା ପାଇଁ ଯାହା ଦାୟିତ୍ୱ ମିଳିବ ତାହାକୁ ସେ ଗ୍ରହଣ କରିବେ ବୋଲି କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି ଯେ, ଓସିଏର କୌଣସିରେ ଅନୁବନ୍ଧିତ ୟୁନିଟ୍‌ରେ ସେ ସଦସ୍ୟ ନାହାନ୍ତି। ତଥାପି ଆଗକୁ କ'ଣ ହେବ ତାହା ଦେଖାଯିବ। ଅପରପକ୍ଷରେ ଲଳିତେନ୍ଦୁଙ୍କୁ ସଭାପତି କରିବା ପ୍ରସଙ୍ଗରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ପରୋକ୍ଷରେ ନିଜ ମତ ଦେଇଛନ୍ତି। ଓସିଏର ୭୩ଜଣ ସଦସ୍ୟ ଯାହାକୁ ସଭାପତି ଭାବେ ଦେଖିବାକୁ ଚାହିଁବେ ସେ ସଭାପତି ହେବେ। ଲଳିତେନ୍ଦୁ ସଭାପତି ହେବାରେ କିଛି ଅସୁବିଧା ନାହିଁ ବୋଲି ସଞ୍ଜୟ କହିଛନ୍ତି। ପ୍ରକାଶଥାଉକି, ରାଜ୍ୟ ପକ୍ଷରୁ ୧୨ଟି ରଣଜୀ ମ୍ୟାଚ୍ ଖେଳିଥିବା ଲଳିତେନ୍ଦୁ ପ୍ରଶିକ୍ଷକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ୨୦୦୦ ମସିହାରେ ସେ ଓସିଏ ସମ୍ପାଦକ ନିମନ୍ତେ ଆଶାୟୀ ଥିଲେ। ସେ ବର୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଆଶୀର୍ବାଦ ବେହେରାଙ୍କଠାରୁ ପରାସ୍ତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ସକାଳ
THE SAKALA
www.sakalaepaper.com

# ସୁଶ୍ରୀ

ଗୁରୁବାର
୯ ଜାନୁଆରୀ, ୨୦୨୫



## ଡାଳିମ୍ବରେ କେଶର ଯତ୍ନ

**ଶୀତଦିନେ କେଶ, ରୁକ୍ଷ ତଥା ଶୁଷ୍କ ଦେଖାଯିବା ସାଧାରଣ କଥା । ବଜାରରେ ଉପଲବ୍ଧ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗେଇଲେ ମଧ୍ୟ ଏହା କେଶ ସମସ୍ୟାକୁ ଦୂର କରିପାରେନି । ଏପରି ସ୍ଥଳେ ଡାଳିମ୍ବ ଫଳ ବ୍ୟବହାର କରି କେଶର ଯତ୍ନ ନେଇପାରିବେ । ଏହା କେଶରେ ଆର୍ଦ୍ରତା ବୃଦ୍ଧି କରିବା ସହ ଚମକ ଆଣିଥାଏ ।**



**ହେୟାର୍ ଅଏଲ୍-** ଡାଳିମ୍ବରୁ ହେୟାର ଅଏଲ୍ ପ୍ରସ୍ତୁତ କରି କେଶମୂଳରେ ମସାଜ କରିପାରିବେ । ଏହା କେଶକୁ ପୋଷଣ ଦେବା ସହିତ ମଜଭୁତ କରିଥାଏ । ତେଣୁ ଡାଳିମ୍ବ ମଞ୍ଜିକୁ ଆର୍ଗନ୍ କିମ୍ବା ନଡ଼ିଆ ତେଲରେ ମିଶାଇ ହାଲୁକା ଗରମ କରନ୍ତୁ । ଏହାକୁ କେଶମୂଳ ଓ ଅଗରେ ଲଗାଇ ହାଲୁକା ମସାଜ୍ କରନ୍ତୁ । ଏହାର କିଛି ସମୟ ପରେ ଧୋଇ ଦିଅନ୍ତୁ ।

**ହେୟାର୍ ମାସ୍କ -** କେଶ ପାଇଁ ହେୟାର୍‌ମାସ୍କ ଏକାନ୍ତ ଜରୁରୀ । ଚାହିଁଲେ ଡାଳିମ୍ବରୁ ହେୟାର ମାସ୍କ ପ୍ରସ୍ତୁତ କରିପାରିବେ । ଏହା କେଶକୁ ହାଇଡ୍ରେଟ୍ ରଖିବା ସହ କଣ୍ଡିସନିଙ୍ଗ୍ କରିଥାଏ । ଏହା ଦ୍ୱାରା କେଶ କୋମଳ ହୋଇଥାଏ । ଏଥିପାଇଁ ଗୋଟିଏ ପାତ୍ରରେ ଅଳ୍ପ ଡାଳିମ୍ବ ଜୁସ୍ ନେଇ ସେଥିରେ ଦହି ଓ ମହୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

**ହେୟାର ସିରମ୍-** କେଶ କୁଞ୍ଚୁକୁଞ୍ଚିଆ ଥିଲେ ଡାଳିମ୍ବ ସାହାଯ୍ୟରେ ହେୟାର ସିରମ୍ ତିଆରି କରି ତାହାକୁ ଲଗାଇପାରିବେ । ଏଥିପାଇଁ ଏକ କପ୍ ସତେଜ ଡାଳିମ୍ବ ଜୁସ୍ ନେଇ ଦୁଇ କପ୍ ପାଣି ମିଶାଇ ଗୋଳାଇ ଦିଅନ୍ତୁ । ସାମ୍ପୁ କରି ସାରିବାପରେ କେଶକୁ ଏହି ପାଣିରେ ଧୋଇ ଦିଅନ୍ତୁ । ଏହାକୁ କିଛି ସମୟ ରଖି ସାଦା ପାଣିରେ ଧୋଇ ଦିଅନ୍ତୁ ।

## ସଫଳ ମହିଳା ଉଦ୍ୟୋଗୀ

**ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ମହିଳାମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି । ଯଦିଓ ବ୍ୟବସାୟ ସମ୍ଭାଳିବା ଏତେ ସହଜ ନୁହେଁ, ତଥାପି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଖାପଖୁଆଇ ନିଜର ପରିଚୟ ସୃଷ୍ଟି କରିବାରେ ସେମାନେ ପଛେଇ ନାହାନ୍ତି । ଏପରି ଅନେକ ଭାରତୀୟ ମହିଳା ଅଛନ୍ତି, ଯେଉଁମାନେ ବ୍ୟବସାୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେମିତି କେତେକ ସଫଳ ମହିଳା ଉଦ୍ୟୋଗୀଙ୍କୁ ନେଇ ଏହି ଉପସ୍ଥାପନା ।**

### ବନ୍ଦନା ଲୁଥ୍ରା

ବନ୍ଦନା ଲୁଥ୍ରା ଦେଶର ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କ ମଧ୍ୟରୁ ଜଣେ । ସେ ଭିଏଲ୍‌ସିସି ହେଲ୍‌ଥ କେୟାର୍ ଲିମିଟେଡ୍ କମ୍ପାନୀର ସଂସ୍ଥାପକ ତଥା ବିୟୁଟି ଆଣ୍ଡ ୱେଲ୍‌ନେସ୍ ସେକ୍ଟର ସ୍କିଲ୍ ଆଣ୍ଡ କାଉନ୍‌ସିଲ୍‌ର ଅଧକ୍ଷ । ସେ ୨୦୧୪ ମସିହାରେ ପ୍ରଥମ କରି ଏହାର ଅଧକ୍ଷ ଭାବେ ନିଯୁକ୍ତି ପାଇଥିଲେ । ସେ ନିଜର ସ୍ୱଳ୍ପ ସଞ୍ଚିତ ଅର୍ଥରେ ୧୯୮୯ ମସିହାରେ ଦିଲ୍ଲୀରେ ଭିଏଲ୍‌ସିସିର ଆରମ୍ଭ କରିଥିଲେ । ୨୦୦୦ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ଧୀରେ ଧୀରେ ବୃଦ୍ଧି ପାଇଲା । ବର୍ତ୍ତମାନ ସମୟରେ ଏହା ଦେଶର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟ କଲ୍ୟାଣ ସେବା ଉଦ୍ୟୋଗ ମଧ୍ୟରୁ ଗୋଟିଏ । ସେହିପରି ବିଶ୍ୱର ଏଗାରଟି ଦେଶରେ ଏହି ବ୍ୟବସାୟ ଜାରି ରହିଛି ।





### ଫାଲ୍‌ଗୁନି ନାୟାର

ଫାଲ୍‌ଗୁନି ନାୟାର ଜଣେ ସଫଳ ଉଦ୍ୟୋଗୀ । ସେ ବିୟୁଟି ଓ ଲାଇଫ୍‌ଷ୍ଟାଇଲ୍ ରିଟେଲ କମ୍ପାନୀ ନାଏକାର ପ୍ରତିଷ୍ଠାତା । ଏହା ସୌନ୍ଦର୍ଯ୍ୟ ପ୍ରସାଧାନ ସାମଗ୍ରୀ ବିକ୍ରି କରୁଥିବା ଏକ ଇ - କମର୍ସ ପ୍ଲାଟ୍‌ଫର୍ମ । ନାଏକା ପୂର୍ବରୁ ସେ ଏକ ବ୍ୟାଙ୍କ୍‌ରେ କାର୍ଯ୍ୟ କରୁଥିଲେ । କିନ୍ତୁ କିଛି ନୂଆ ତଥା ଭିନ୍ନ କରିବା ଉଦ୍ଦେଶ୍ୟ ରଖି ସେ ୫୦ ବର୍ଷ ବୟସରେ ଚାକିରି ଛାଡ଼ିଥିଲେ । ଏହାପରେ ୨୦୧୨ ମସିହାରେ ନାଏକା ନାମକ ଏକ ଅନଲାଇନ୍ ପ୍ରସାଧନ ସାମଗ୍ରୀ ପ୍ଲାଟ୍‌ଫର୍ମ ଆରମ୍ଭ କରିଥିଲେ । ଯାହା ବର୍ତ୍ତମାନ ସମୟରେ ଭାରତର ଅଗ୍ରିମ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ମଧ୍ୟରୁ ଗୋଟିଏ । ଫାଲ୍‌ଗୁନିଙ୍କ ଦୂରଦର୍ଶିତା, ଆଗକୁ ବଢ଼ିବାର ମାନସିକତା ଓ କଠିନ ପରିଶ୍ରମ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି ।

### ବିନୀତା ସିଂ

କୁହାଯାଏ, ବିଫଳତା ହିଁ ସଫଳତାର ଚାବିକାଠି, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ବିନୀତା ସିଂ । ସେ ଭାରତର ସୁପ୍ରତିଷ୍ଠିତ କସ୍‌ମେଟିକ୍ କମ୍ପାନୀ ସୁଗାର କସ୍‌ମେଟିକ୍‌ର ପ୍ରତିଷ୍ଠାତା । ଦୁଇଟି ଷ୍ଟାର୍ଟଅପରେ ବିଫଳ ହେବା ତାଙ୍କୁ ବହୁତ କିଛି ଶିଖାଇଥିଲା । ଏହା ପରେ ତୃତୀୟ ପ୍ରଚେଷ୍ଟାରେ ସେ ସୁଗାର୍ କସ୍‌ମେଟିକ୍‌ର ମୂଳଦୁଆ ପକାଇଥିଲେ । ବର୍ତ୍ତମାନ ଏହାର ୧୩୦ରୁ ଅଧିକ ସହରରେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଆଉଟ୍‌ଲେଟ୍ ରହିଛି । ତେବେ ସୁଗାର୍ କସ୍‌ମେଟିକ୍ ଏପରି ଏକ ବ୍ରାଣ୍ଡ, ଯାହା ଖୁବ୍ କମ୍ ସମୟରେ ମହିଳାଙ୍କ ମଧ୍ୟରେ ଲୋକପ୍ରିୟ ହୋଇପାରିଛି । ୨୦୧୨ ମସିହାରେ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ଖୁବ୍ ଶୀଘ୍ର ସଫଳତା ହାସଲ କରିଥିଲା । ଏଥି ସହ ବିନୀତାଙ୍କ କଠିନ ପରିଶ୍ରମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତୀୟ ଉଦ୍ୟୋଗ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ଏବେ ୪୧ କୋଟି କମ୍ପାନୀର ମାଲିକାଣୀ ।





## ଗ୍ଲିସେରିନ୍‌ରେ ଶୁଷ୍କ ତ୍ୱଚାର ଯତ୍ନ

**ଶୀତପଡ଼ିଲେ ତ୍ୱଚା ଶୁଷ୍କ ହୋଇଯିବା, ଓଠ ଫାଟିବା ଆଦି ସମସ୍ୟାକୁ ନେଇ ଅନେକ ଚିନ୍ତାରେ ପଡ଼ିଯାଆନ୍ତି । ତେଣୁ ଏଦିନେ ତ୍ୱଚାକୁ ସୁନ୍ଦର ଓ କୋମଳ ରଖିବା ଲାଗି ଗ୍ଲିସେରିନ୍ ସବୁଠୁ ଉତ୍ତମ । ଏହାକୁ କିପରି ବ୍ୟବହାର କରିବେ ଜାଣି ରଖନ୍ତୁ ।**

- ଶୀତଦିନେ ତ୍ୱଚା ରୁକ୍ଷ ନ ହେବା ଲାଗି ଗ୍ଲିସେରିନ୍ ବ୍ୟବହାର ଖୁବ୍ ଭଲ । ଏହାକୁ ମଏଶ୍ଚରାଇଜର କ୍ରିମ୍ ଭାବେ ବ୍ୟବହାର କଲେ ତ୍ୱଚା ନରମ ଓ କୋମଳ ରହିଥାଏ । ଏଥିପାଇଁ ୨୦୦ ମି.ଲି ପାଣି ନେଇ ୪-୫ ଚାମଚ ଲେମ୍ବୁ ରସ, ଦୁଇ କପ୍ ଗୋଲାପ ଜଳ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ସକାଳ ଓ ସନ୍ଧ୍ୟାରେ ଦୁଇଥର ଲଗାନ୍ତୁ । ଏହା ତ୍ୱଚାକୁ ସୁସ୍ଥ ରଖିଥାଏ ।
- ଓଠ ନ ଫାଟିବା ପାଇଁ ଗ୍ଲିସେରିନ୍ ବ୍ୟବହାର ବେଶ୍ ଲାଭଦାୟକ । ଏହା ଓଠକୁ ନରମ କରିବା ସହ ଗୋଲାପି ରଖିବାରେ ସହାୟକ ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଅଳ୍ପ କ୍ଷୀର ସରରେ ଗ୍ଲିସେରିନ୍ ମିଶାଇ ଲଗାଇଲେ ଉପକାର ପାଇବେ ।
- ସେହିପରି ଚାହିଁଲେ ଏହାକୁ ସନ୍‌ସ୍କ୍ରିନ୍ ଭାବେ ବ୍ୟବହାର କରିପାରିବେ । ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖି ହାନିକରାକ କିରଣରୁ ସୁରକ୍ଷା ଦେଇଥାଏ ।

## ଭେଲ୍‌ଭେଟ୍ ପେପ୍‌ଲମ୍ ଡ୍ରେସ୍



**ବର୍ତ୍ତମାନ ବିବାହ ପାର୍ଟି, ଫଙ୍କ୍‌ସନ୍ ଋତୁ ଚାଲିଛି । ତେଣୁ ପାର୍ଟିରେ ଯିବାକୁ ହେଲେ ଶୀତକୁ ଧ୍ୟାନରେ ରଖି ପୋଷାକ ଚୟନ କରିବା ଜରୁରୀ । ଯାହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆରାମଦାୟକ ଅନୁଭୂତି ଦେବ । ତେବେ ଏଥିପାଇଁ ଭେଲ୍‌ଭେଟ୍ ଡ୍ରେସ୍ ଭଲ । ବଜାରରେ ଏହା ବିଭିନ୍ନ ଡିଜାଇନର ଉପଲବ୍ଧ । ଜାଣିବା ସେ ବିଷୟରେ...**

**ସୁଟ୍ –** ଷ୍ଟାଇଲିଶ୍ ସାଙ୍ଗକୁ ଶୀତରୁ ନିଜକୁ ସୁରକ୍ଷା ଦେବାକୁ ଚାହୁଁଥିଲେ, ଭେଲ୍‌ଭେଟ୍ ସୁଟ୍ ପିନ୍ଧିପାରିବେ । ଏଥିରୁ ଏକ ରୟାଲ ଲୁକ୍ ମିଳିଥାଏ । ସେହିପରି କୌଣସି ବିବାହ, ଫଙ୍କ୍‌ସନ୍‌କୁ ଯାଉଥିଲେ, ଏମ୍ବ୍ରୋଡୋରୀ କାମଯୁକ୍ତ ସୁଟ୍ ସାଙ୍ଗକୁ ଚକୋର, ହାଇହିଲ୍ ପିନ୍ଧିପାରିବେ ।

**ସ୍କର୍ଟ୍ –** ଲମ୍ବା ଭେଲ୍‌ଭେଟ୍ ଡ୍ରେସ୍ ବ୍ୟତୀତ ଭେଲ୍‌ଭେଟ୍ ସ୍କର୍ଟ୍, ମିନି ଡ୍ରେସ୍, ଷ୍ଟାଇଲିଶ୍ ଟପ୍, ଏବଂ ବ୍ଲେଜର ପିନ୍ଧିପାରିବେ । ଏହା ଖୁବ୍ ହାଲୁକା ହୋଇଥାଏ । ଯାହା ପିନ୍ଧିବାକୁ ଆରାମ ଲାଗିଥାଏ । ବୁଟ୍ ଏବଂ ହିଲ୍ ସହ ଏହାକୁ ପିନ୍ଧିଲେ ଅଧିକ ସୁନ୍ଦର ମାନିଥାଏ ।

**ବ୍ଲେଜର-** ଶୀତଦିନେ ଅଫିସ୍ କିମ୍ବା କୌଣସି ଫ୍ୟାମିଲି ପାର୍ଟିରେ ଯାଉଥିଲେ, ଭେଲ୍‌ଭେଟ୍ ବ୍ଲେଜର ଚୟନ କରିପାରିବେ । ଏହା ଶୀତରୁ ସୁରକ୍ଷା ଦେବା ସହ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସେହିପରି ଏହାକୁ ଭେଲଭେଟ୍ କିମ୍ବା କାସୁଆଲ୍ ପ୍ୟାଣ୍ଟ ସହ ପିନ୍ଧିପାରିବେ । ଏଥିରୁ ଏକ ରାଜକୀୟ ଲୁକ୍ ଦେଇଥାଏ ।

## ସିଲଭର୍ କୋଟିଂ ରିଙ୍ଗ୍

ସାଧାରଣତଃ ମହିଳାମାନେ ସିଲଭର୍ କୋଟିଂ ରିଙ୍ଗ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କାରଣ ଏହାର ରଙ୍ଗ ଏବଂ ଡିଜାଇନ୍ ଖୁବ୍ ଆକର୍ଷଣୀୟ ହୋଇଥାଏ । ତେବେ ବର୍ତ୍ତମାନ ସମୟରେ ଅଳଙ୍କାର ସାଙ୍ଗକୁ ଷ୍ଟେଟ୍‌ମେଣ୍ଟ ରିଙ୍ଗ୍ ଚାହିଦାରେ ରହିଛି । ଯାହାକୁ ପିନ୍ଧି ହାତକୁ ସୁନ୍ଦର କରିପାରିବେ ।

**ଡବଲ୍ ଡିଜାଇନ୍ -** ବର୍ତ୍ତମାନ ସମୟରେ ଡବଲ ଡିଜାଇନର ରିଙ୍ଗ୍ ଟ୍ରେଣ୍ଡରେ ରହିଛି । ଏହା ବଜାରରେ ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ଉପଲବ୍ଧ । ସେହିପରି ଚାହିଁଲେ ଅଲଗା ଡିଜାଇନର ରିଙ୍ଗ୍ ପିନ୍ଧିପାରିବେ ।



**ବେଣ୍ଡ ଷ୍ଟାଇଲ୍-** ଆଡଜଷ୍ଟେବୁଲ୍ ରିଙ୍ଗ୍ ପିନ୍ଧିବାକୁ ଚାହୁଁଥିଲେ, ଏ ପ୍ରକାର ଡିଜାଇନ୍ ପିନ୍ଧିପାରିବେ । ଏହାକୁ ଆଙ୍ଗୁଠି ଅନୁସାରେ ଆଡଜଷ୍ଟ କରିପାରିବେ ।

**ହାର୍ଟ ରିଙ୍ଗ -** ଏହି ଡିଜାଇନର ରିଙ୍ଗ୍ ସବୁବେଳେ ପିନ୍ଧିପାରିବେ । ଏହା ସିମ୍ପଲ୍ ଓ ଷ୍ଟାଇଲିଶ୍ ଦେଖାଯାଏ ।

## ସୋୟାବିନ୍ କବାବ୍

ମୋ ହାଣ୍ଡିଶାଳରୁ...

**ଆବଶ୍ୟକ ସାମଗ୍ରୀ -** ସୋୟାବିନ୍ -୨୦୦ ଗ୍ରାମ, ସିଝା ଆଳୁ - ଦୁଇଟା, କଟା ପିଆଜ - ଗୋଟେ କପ୍, ଅଦାରସୁଣ ପେଷ୍ଟ - ଏକ ଚାମଚ, କଞ୍ଚାଲଙ୍କା - ଚାରୋଟି, ଧନିଆପତ୍ର - ଅଳ୍ପ, ଚାଉଳ ଗୁଣ୍ଡ - ଦୁଇ ଚାମଚ, ଆମଚୁର୍ ପାଉଡର୍ - ଏକ ଚାମଚ, ଧନିଆ ଗୁଣ୍ଡ - ଏକ ଚାମଚ, ଗରମ ମସଲା - ଏକ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ -** ଚୁଲା ଲଗାଇ କଡ଼େଇ ବସାଇ ପାଣି ଦିଅନ୍ତୁ । ପାଣି ଗରମ ହୋଇଯିବା ପରେ ସେଥିରେ ସୋୟାବିନ୍ ମିଶାଇ ସିଝିବାକୁ ଛାଡ଼ି ଦିଅନ୍ତୁ । ଏହା ସିଝିଗଲା ପରେ ଥଣ୍ଡା ପାଣିରେ ପକାଇ ଛାଣି ରଖନ୍ତୁ । ଗୋଟିଏ ବାଉଲ୍ ନେଇ ସେଥିରେ କଟା ପିଆଜ, କଞ୍ଚାଲଙ୍କା, ଧନିଆ ପତ୍ର, ସିଝା ଆଳୁ, ଅଦାରସୁଣ ପେଷ୍ଟ ଦେଇ ଭଲ ଭାବେ ଚକଟି ଦିଅନ୍ତୁ । ସେଥିରେ ଚାଉଳ ଗୁଣ୍ଡ, ଗରମ ମସଲା, ଧନିଆ ଗୁଣ୍ଡ ଆମଚୁର୍ ପାଉଡର୍ ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଗୋଳାଇ ଦିଅନ୍ତୁ । ଏହାକୁ ହାତରେ ଥାପି କଟ୍‌ଲେଟ୍ ଆକାର ଦିଅନ୍ତୁ । ଚୁଲାରେ ତାୱା ବସାଇ ଅଳ୍ପ ତେଲ ଦେଇ ପ୍ରସ୍ତୁତ ହୋଇଥିବା ସୋୟାବିନ୍‌କୁ ଦେଇ ଏପାଖସେପାଖ କରନ୍ତୁ । ଦୁଇ ପାଖ ସୁନେଲି ରଙ୍ଗ ହୋଇଯିବା ପରେ ଗରମ ଗରମ କାଢ଼ି ପରଷି ଦିଅନ୍ତୁ 'ସୋୟାବିନ୍ କବାବ୍' ।



## ଆଳୁ ଚୋପାରେ କରନ୍ତୁ ସଫା

**ସମସ୍ତଙ୍କ ଘରେ ପ୍ରତିଦିନ ରୋଷେଇରେ ଆଳୁ ବ୍ୟବହୃତ ହୋଇଥାଏ । କିନ୍ତୁ ଅନେକେ ବ୍ୟବହାର ପରେ ଏହି ଚୋପାକୁ ଅଳିଆ ଭାବି ଫୋପାଡ଼ି ଦିଅନ୍ତି । କିନ୍ତୁ ଏହି ଚୋପାକୁ ନ ଫୋପାଡ଼ି ବାସନକୁସନ ସମେତ ଫ୍ରିଜ୍ ଆଦି ସଫା କରିପାରିବେ । ଆଳୁ ଚୋପାରେ ପ୍ରାକୃତିକ ରୂପେ କ୍ଲିନିକ୍ ଉପାଦାନ ରହିଥାଏ । ଯାହା ସଫାସଫି କରିବାରେ ବେଶ୍ ପ୍ରଭାବୀ ।**

**କଳଙ୍କି -** ସାଧାରଣତଃ ଲୁହା ତଥା ଷ୍ଟିଲ୍ ବାସନରେ ଶୀଘ୍ର କଳଙ୍କି ଲାଗିଯାଏ । ଏପରି ସ୍ଥଳେ ଏହି ଆଳୁ ଚୋପା କଳଙ୍କି ସଫା କରିବାରେ ବେଶ୍ ସହାୟକ ହୋଇଥାଏ । ଏଥିପାଇଁ କଳଙ୍କି ଲାଗିଥିବା ସ୍ଥାନରେ ଆଳୁଚୋପାକୁ ଘଷନ୍ତୁ । ଏହାଦ୍ୱାରା ଶୀଘ୍ର କଳଙ୍କି ଛାଡ଼ିଥାଏ ।

**ଗ୍ଲାସ୍ ଏବଂ କାଚ ସଫା –** ଆଳୁ ଚୋପା ଦର୍ପଣ ସଫା କରିବାରେ ମଧ୍ୟ ସହାୟକ ହୋଇଥାଏ । ତେଣୁ କାଚ ସଫା ପାଇଁ ଆଳୁ ଚୋପାକୁ ଦାଗ ଲାଗିଥିବା ସ୍ଥାନରେ ଲଗାଇ ଭଲ ଭାବେ ପୋଛନ୍ତୁ । ଏହା ପରେ ଏକ ଶୁଖିଲା କପଡ଼ାରେ କାଚକୁ ପୋଛି ଦିଅନ୍ତୁ ।

**ଫ୍ରିଜ୍ ସଫା-** ଅନେକ ସମୟରେ ଫ୍ରିଜରୁ ଦୁର୍ଗନ୍ଧ ବାହାରିଥାଏ । ଏଥି ସହ ଖାଦ୍ୟ ଜିନିଷ ରଖି ଏକ ପ୍ରକାର ଦାଗ ହୋଇଯାଏ । ତେବେ ଏହାକୁ ଆଳୁ ଚୋପା ବ୍ୟବହାର କରି ସଫା କରିପାରିବେ । ଏହାକୁ ଅପରିଷ୍କାର ସ୍ଥାନରେ ଲଗାଇ ଘଷି ଦିଅନ୍ତୁ । ଏହା ଦାଗକୁ ଛଡ଼ାଇ ଫ୍ରିଜ୍‌କୁ ଚକ୍‌ଚକ୍ କରିଥାଏ ।

